# ଝିଲ୍ମିଷା

## ୨

### ଦ୍ୱିତୀୟ ଶ୍ରେଣୀ



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

ମୋ ନାମ: ...........................................................

ମୋ ବାପାଙ୍କ ନାମ :..................................................

ମୋ ମା'ଙ୍କ ନାମ :...................................................


ମୋ ବିଦ୍ୟାଳୟର ନାମ:...........................................

ମୋର ଶ୍ରେଣୀ ଶିକ୍ଷକ/

ଶିକ୍ଷୟିତ୍ରୀଙ୍କ ନାମ ...........................................

ମୋ ଗାଁ/

ସାହିର ନାମ ...................................................



# ଝିଲିମିଲି ୨

ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ

## ଦ୍ୱିତୀୟ ଶ୍ରେଣୀ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା
କାର୍ଯ୍ୟକ୍ରମ ପ୍ରାଧିକରଣ, ଭୁବନେଶ୍ୱର

# ଝୁଲଣା-୨

(ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ)

## ଦ୍ୱିତୀୟ ଶ୍ରେଣୀ

ପରୀକ୍ଷାମୂଳକ ସଂସ୍କରଣ - ୨୦୨୬

**ସଂପାଦକ ମଣ୍ଡଳୀ:**

ପ୍ରଦୀପ୍ତ କୁମାର ମାଝୀ

ସୋନାଲୀ ରାଉତ

ରତ୍ନମଞ୍ଜରୀ ଦାଶ

**ସମୀକ୍ଷକ ମଣ୍ଡଳୀ:**

ଡ଼. ନିରୋଦ କୁମାର ମନ୍ତ୍ରୀ

ଈଶ୍ୱର ଚନ୍ଦ୍ର ବେହେରା

ରତ୍ନମଞ୍ଜରୀ ଦାଶ

ସନ୍ତୋଷ କୁମାର ମହାନ୍ତି

**ସଂଯୋଜକ:**

ମାନସ କୁମାର ନାୟକ

**ମୁଖ୍ୟ ସଂଯୋଜିକା:**

ଡ. ସବିତା ସାହୁ

**ବିଷୟ ବିଶେଷଜ୍ଞ:**

ଡ଼. ନିରଞ୍ଜନ ମହାନ୍ତି

**ପ୍ରକାଶକ :** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

**ମୁଦ୍ରଣ ବର୍ଷ :** ୨୦୨୬

**ପ୍ରସ୍ତୁତି :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

**ଡିଟିପି ଓ ଡିଜାଇନ୍ :** ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର

# ପ୍ରସ୍ତାବନା

ଶିକ୍ଷାର ମୂଳ ଲକ୍ଷ୍ୟ ହେଉଛି ପିଲାମାନଙ୍କର ସର୍ବାଙ୍ଗୀନ ବିକାଶ ସାଧନ କରିବା। ଆମ ଦେଶରେ ପିଲାମାନଙ୍କ ଯତ୍ନ ଓ ଶିକ୍ଷା ପାଇଁ ପରିବାର, ଗାଁ, ଗୋଷ୍ଠୀ ଓ ବିଦ୍ୟାଳୟର ଯଥେଷ୍ଟ ଭୂମିକା ରହିଛି। ପ୍ରତ୍ୟେକ ପିଲାର ଜୀବନରେ ତା'ର ପ୍ରଥମ ଆଠ ବର୍ଷ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ସେ ତା' ପରିବାରରୁ ଯାହା ଶିଖିଥାଏ ପରବର୍ତ୍ତୀ ସମୟରେ ତାର ବୃଦ୍ଧି, ସ୍ୱାସ୍ଥ୍ୟ, ଆଚରଣ ଏବଂ ବୌଦ୍ଧିକ ଦକ୍ଷତା ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

ପିଲାଟିର ଜୀବନବ୍ୟାପୀ ବିକାଶରେ ପ୍ରାରମ୍ଭିକ ବର୍ଷଗୁଡ଼ିକର ଗୁରୁତ୍ୱକୁ ବିଚାର କରି, ଜାତୀୟ ଶିକ୍ଷା ନୀତି ୨୦୨୦ ରେ ୩ ରୁ ୮ ବର୍ଷ ବୟସର ପିଲାମାନଙ୍କର ଶିକ୍ଷାର ଗୁଣାତ୍ମକତାକୁ ଯଥେଷ୍ଟ ଧ୍ୟାନ ଦିଆଯାଇଛି। ମୌଳିକ ପର୍ଯ୍ୟାୟ (ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ) ରେ ପିଲାଟି ଆହରଣ କରୁଥିବା ସମସ୍ତ ଅଭିଜ୍ଞତା, ତାର ଶିକ୍ଷା ସାମାଜିକ ଏବଂ ଆବେଗିକ ଆଚରଣ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ। ଜାତୀୟ ଶିକ୍ଷା ନୀତିରେ ପ୍ରଦତ୍ତ ନୀତି ଓ ମୂଳ ଧାରଣା ଗୁଡ଼ିକର ଆଧାରରେ ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୨୨ ପ୍ରକାଶ ପାଇଛି। ପରବର୍ତ୍ତୀ ସମୟରେ ଏହାର ସୁପାରିଶ ଅନୁଯାୟୀ ପାଠ୍ୟ ପୁସ୍ତକ ଗୁଡ଼ିକ ପ୍ରସ୍ତୁତ କରାଯାଇଛି। ପାଠ୍ୟପୁସ୍ତକ ଗୁଡ଼ିକରେ ଶ୍ରେଣୀଗୃହର ଶିକ୍ଷାକୁ ପିଲାମାନଙ୍କର ବାସ୍ତବ ଜୀବନ ସହିତ ସଂଯୋଗ କରିବାକୁ ଚେଷ୍ଟା କରାଯାଇଛି। ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୨୨ ଅନୁଯାୟୀ ମାନବ ବ୍ୟକ୍ତିତ୍ୱର ପାଞ୍ଚଟି ବିକାଶ ଯଥା ଅନ୍ନମୟ, ପ୍ରାଣମୟ, ମନୋମୟ, ବିଜ୍ଞାନମୟ ଏବଂ ଆନନ୍ଦମୟ କୋଷକୁ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଶିକ୍ଷଣର ପାଞ୍ଚଟି କ୍ଷେତ୍ର, ଯଥା – ଶାରୀରିକ, ସାମାଜିକ-ଆବେଗିକ, ବୌଦ୍ଧିକ, ଭାଷା ଓ ସାକ୍ଷରତା ଏବଂ ସାଂସ୍କୃତିକ ଓ ସୌନ୍ଦର୍ଯ୍ୟବୋଧ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି।

ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୨୨ରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ-ଶିକ୍ଷଣ ପାଇଁ ଖେଳଭିତ୍ତିକ ପଦ୍ଧତି ବ୍ୟବହାର କରିବାକୁ ଉଲ୍ଲେଖ କରାଯାଇଛି। ଏଥିନିମନ୍ତେ ପାଠ୍ୟପୁସ୍ତକରେ ଭିନ୍ନଭିନ୍ନ ପ୍ରକାର କାର୍ଯ୍ୟ ଯେପରି ଖେଳ, ଆଲୋଚନା, ଚିତ୍ର ଅଙ୍କନ, ନାଟକ, ଅଭିନୟ ଓ ଗପ ଶୁଣିବା ଆଦି ମାଧ୍ୟମରେ ପିଲାମାନଙ୍କର ଦକ୍ଷତାକୁ ବିକାଶ କରିବାର ସୁଯୋଗ ରହିଛି। ଆମ ରାଜ୍ୟରେ ପାଠ୍ୟକ୍ରମ ରୂପରେଖ ୨୦୨୫ ଅନୁଯାୟୀ ନୂତନ ପାଠ୍ୟପୁସ୍ତକ ଗୁଡ଼ିକୁ ପ୍ରସ୍ତୁତ କରାଯାଇଛି।

ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ ଝୁଲଣା-୨ ରାଜ୍ୟର ଭାଷା, କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭୌଗୋଳିକ ସ୍ଥିତି, ଆଦି ଦୃଷ୍ଟିରୁ ମଧ୍ୟ ପ୍ରାସଙ୍ଗିକ କରାଯାଇଛି । ପାଠ୍ୟପୁସ୍ତକକୁ ଦକ୍ଷତା ଭିତ୍ତିକ କରାଯିବା ସହିତ ପିଲାମାନଙ୍କ ପାଇଁ ସରଳ ଓ ଆକର୍ଷଣୀୟ କରିବାକୁ ଚେଷ୍ଟା କରାଯାଇଛି । ପିଲାମାନଙ୍କର ସ୍ଥାନୀୟ ପରମ୍ପରା, ସଂସ୍କୃତି, ପର୍ବପର୍ବାଣୀ, ଖାଦ୍ୟ, ନଦୀ, ପର୍ବତ, ଗଛ-ଲତା, ଆଦି ପ୍ରସଙ୍ଗଗୁଡ଼ିକରେ ପ୍ରତିଫଳିତ ହୋଇଛି । ଏହା ନିଶ୍ଚିତ ଭାବରେ ପିଲାମାନଙ୍କ ପାଇଁ ଆକର୍ଷଣୀୟ ଏବଂ ଆନନ୍ଦଦାୟକ ହେବ ।

ପିଲାମାନଙ୍କ ଚିନ୍ତନ ଦକ୍ଷତା ଓ ଜିଜ୍ଞାସୁ ମନୋଭାବର ବିକାଶ ପାଇଁ ପାଠ୍ୟପୁସ୍ତକରେ ଅନେକ କାର୍ଯ୍ୟ ଦିଆଯାଇଛି । ଏଥିସହିତ ପିଲାମାନେ ପାଠ୍ୟପୁସ୍ତକରେ ଥିବା ଦକ୍ଷତାଗୁଡ଼ିକ ହାସଲ କରିପାରିଲେ କି ନାହିଁ ଜାଣିବା ପାଇଁ ପ୍ରତ୍ୟେକ ପାଠରେ ଅଭ୍ୟାସ କାର୍ଯ୍ୟ ସ୍ଥାନିତ ହୋଇଛି ।

ନୂତନ ପାଠ୍ୟପୁସ୍ତକଟିକୁ ପ୍ରସ୍ତୁତ କରିଥିବା ରାଜ୍ୟର ସମସ୍ତ ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ, ଚିତ୍ରକର ଓ ଭାଷାବିତ୍‌ମାନଙ୍କୁ ମୁଁ ଧନ୍ୟବାଦ ଜ୍ଞାପନ କରୁଛି । ଖୁବ୍ କମ୍ ସମୟ ମଧ୍ୟରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ପାଠ୍ୟପୁସ୍ତକଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ଆମ ରାଜ୍ୟର ପ୍ରାଥମିକ ଶିକ୍ଷାରେ ସଂସ୍କାର ଆଣିବା ସହିତ ପିଲାମାନେ ଖୁସିରେ ଶିଖିବା ପାଇଁ ଏହି ପାଠ୍ୟପୁସ୍ତକ ନିଶ୍ଚିତ ସାହାଯ୍ୟ କରିବ ବୋଲି ଆଶା କରୁଛି । ପରୀକ୍ଷାମୂଳକ ଭାବରେ ଏହି ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଇଛି । ଏହି ପାଠ୍ୟପୁସ୍ତକକୁ ଆହୁରି ସମୃଦ୍ଧ କରିବା ପାଇଁ ମୁଁ ଆପଣମାନଙ୍କ ମତାମତ ଏବଂ ପରାମର୍ଶକୁ ଅପେକ୍ଷା କରିବି ।

ନିର୍ଦ୍ଦେଶକ

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ ଓଡ଼ିଶା, ଭୁବନେଶ୍ୱର

# ପାଠ୍ୟପୁସ୍ତକ ସମ୍ବନ୍ଧରେ

ଜାତୀୟ ଶିକ୍ଷା ନୀତି-୨୦୨୦, ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୨୨ (ମୌଳିକ ପର୍ଯ୍ୟାୟ) ଓ ଓଡ଼ିଶା ପାଠ୍ୟକ୍ରମ ରୂପରେଖ-୨୦୨୫କୁ ଦୃଷ୍ଟିରେ ରଖି ଦ୍ୱିତୀୟ ଶ୍ରେଣୀ ପାଇଁ ଝୁଲଣା-୨ ନାମରେ ଭାଷା ଓ ପରିବେଶ ସମନ୍ୱିତ ପାଠ୍ୟପୁସ୍ତକ ପ୍ରକାଶିତ କରାଯାଇଛି। ଜାତୀୟ ଶିକ୍ଷାନୀତିରେ ପିଲାମାନଙ୍କ ଭାଷା ଏବଂ ସାକ୍ଷରତାର ବିକାଶକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏହା ବିଶ୍ୱାସ କରାଯାଏ- ଭାଷା ଏବଂ ସାକ୍ଷରତାର ମୂଳଦୁଆ ଦୃଢ଼ ହେଲେ ଅନ୍ୟାନ୍ୟ ବିଷୟଗୁଡ଼ିକୁ ଦକ୍ଷତାର ସହିତ ପିଲାଟି ସହଜରେ ଶିଖିପାରେ । 'ଜାତୀୟ ଶିକ୍ଷାନୀତି- ୨୦୨୦' ମୌଳିକ ପର୍ଯ୍ୟାୟରେ ପିଲାମାନଙ୍କ ମଧ୍ୟରେ ଭାଷାଗତ ବିକାଶ ସହିତ ନିରନ୍ତର ଶିକ୍ଷା, ସମସ୍ୟା ସମାଧାନ, ତାର୍କିକ ଏବଂ ସୃଜନଶୀଳ ଚିନ୍ତାଧାରାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ସ୍ତରରେ ଭାଷା ସହିତ ପରିବେଶର ଅନ୍ୟାନ୍ୟ ବିଷୟ ଏବଂ ନିଜର ପରମ୍ପରା, ସାଂସ୍କୃତିକ ମୂଲ୍ୟବୋଧ, ଦେଶପ୍ରେମ, ଚରିତ୍ର ଗଠନ, ନୈତିକତା, କରୁଣା, ଲିଙ୍ଗଗତ ସମ୍ବେଦନଶୀଳତା ଏବଂ ପରିବେଶ ପ୍ରତି ସମ୍ବେଦନଶୀଳତାର ସମନ୍ୱୟକୁ ସାମିଲ କରାଯାଇଛି ।

ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାରେ ପାଠ୍ୟପୁସ୍ତକ କେବଳ ଏକ ମାଧ୍ୟମ ଅଟେ । ଯାହା ପିଲାମାନଙ୍କ ମଧ୍ୟରେ ଅନେକ ଅସୀମ ସମ୍ଭାବନାକୁ ବିକଶିତ କରିଥାଏ, ଯାହାକି ଏକ ଛୋଟ ବୀଜ ଆକାରରେ ପିଲାମାନଙ୍କ ଭିତରେ ପୂର୍ବରୁ ବିଦ୍ୟମାନ ଥାଏ। ଏହି ପାଠ୍ୟପୁସ୍ତକ ବ୍ୟବହାର କରି ପ୍ରତି ପିଲାଙ୍କୁ ଶ୍ରେଣୀଗୃହ ଆଖପାଖର ଅନନ୍ତପ୍ରକୃତି ସମ୍ବନ୍ଧରେ ଅବଗତ କରାଇବା ଏବଂ ସ୍ୱାଧୀନ ଭାବରେ ସେମାନଙ୍କୁ ଅନୁସନ୍ଧାନ କରି ଶିଖିବା ପାଇଁ ଉତ୍ସାହିତ କରିବା ଉଚିତ୍। ପିଲାମାନଙ୍କୁ ମତାମତ ପ୍ରକାଶ କରିବାର ସୁଯୋଗ ଦେବା ଭୁଲ ଓ ଠିକ୍‌ର ବିଚାର ନକରି ସେମାନଙ୍କୁ ଆଲୋଚନାରେ ସାମିଲ କରାଇବା ଆବଶ୍ୟକ ।

**ଦ୍ୱିତୀୟ ଶ୍ରେଣୀପାଇଁ ଭାଷା ପାଠ୍ୟପୁସ୍ତକ ପ୍ରସ୍ତୁତ କରିବା ସମୟରେ, ନିମ୍ନଲିଖିତ ଦିଗଗୁଡିକ ପ୍ରତି ଧ୍ୟାନ ଦିଆଯାଇଛି ।**

୧. ପଢ଼ିବା ଓ ଲେଖିବାର ଆରମ୍ଭ ପାଇଁ ପିଲାମାନଙ୍କ ଜୀବନ ଅନୁଭୂତି ସହ ଜଡିତ ବସ୍ତୁ, ଘଟଣା, ଚରିତ୍ର ଓ ପରିବେଶକୁ ଆଧାର ଭାବେ ନିଆଯାଇଛି । ଯାହା ଦ୍ୱାରା ଶିଖିବା ଓ ଶିଖାଇବା ପ୍ରକ୍ରିୟା ସହଜ ଏବଂ ଅର୍ଥପୂର୍ଣ୍ଣ ହୋଇପାରିବ ।

୨. ଭାଷା ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଯାହାକି ଆମକୁ ଯୋଗାଯୋଗ କରିବା ସହିତ ଚିନ୍ତା କରିବା, ବୁଝିବା, ପ୍ରଶ୍ନ ପଚାରିବା ଇତ୍ୟାଦିରେ ସାହାଯ୍ୟ କରେ । ଖୁସିର କଥା ଏହା ଯେ-ଭାଷାକୁ ବିଭିନ୍ନ ଉଦ୍ଦେଶ୍ୟରେ ଯେତେ ଅଧିକ ବ୍ୟବହାର କରାଯାଏ, ଆମର ଭାଷାଗତ ଦକ୍ଷତା ସେତେ ଦ୍ରୁତ ଗତିରେ ବିକଶିତ ହୁଏ । ତେଣୁ ଏହି ପୁସ୍ତକଟି କଥାବାର୍ତ୍ତା ହେବା, ଶୁଣିବା ସହିତ କିଛି କରିବା, କାହାଣୀ ଏବଂ କବିତା ପଢ଼ି ଆନନ୍ଦିତ ହେବା, ନୂଆ ଶବ୍ଦ ଚିହ୍ନଟ କରି ଖେଳିବା ଓ ତତ୍‌ସହିତ କଳା ଏବଂ ସଙ୍ଗୀତ ସହିତ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଆଧାରିତ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବା ପାଇଁ ଅନେକ ସୁଯୋଗ ପ୍ରଦାନ କରିବ ।

୩. ଏହି ପୁସ୍ତକରେ, ପିଲାମାନଙ୍କ ଜୀବନ ସହିତ ପାଞ୍ଚଟି ପ୍ରସଙ୍ଗ ଚୟନ କରାଯାଇଛି, ଯେପରି – ପରିବାର, ରଙ୍ଗପସରା, ଶସ୍ୟ ଶ୍ୟାମଳା ପୃଥିବୀ, ବନ୍ଧୁତା ଏବଂ ଆକାଶ ।

୪. ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପୁସ୍ତକରେ ପ୍ରଦତ୍ତ ପାଠଗୁଡିକ ମାଧ୍ୟମରେ ଶ୍ରେଣୀଗୃହରେ ପିଲାମାନଙ୍କ ପରିଚିତ ବସ୍ତୁ / ଘଟଣା / ବ୍ୟକ୍ତି ଓ ପରିବେଶ ସହିତ ସମ୍ପର୍କିତ କରାଯାଇଛି ।

୫. ପ୍ରତିଟି ପାଠରେ ପ୍ରାୟ ସମସ୍ତ ଦକ୍ଷତାକୁ ଅନ୍ତର୍ଭୁକ୍ତ କରାଯାଇଛି । ପିଲାମାନଙ୍କ ଦୃଷ୍ଟିକୋଣରୁ ପାଠ ଗୁଡିକୁ ଆକର୍ଷଣୀୟ କରିବା ସହିତ ଶିକ୍ଷଣକାର୍ଯ୍ୟ ଗୁଡିକରେ ବିବିଧତା ଆଣିବା ପାଇଁ ପ୍ରୟାସ କରାଯାଇଛି । ପୁସ୍ତକରେ ସନ୍ନିବେଶିତ ପାଠ ଓ ଅଭ୍ୟାସ କାର୍ଯ୍ୟଗୁଡିକ ମୁଖ୍ୟତଃ ପାଠ୍ୟକ୍ରମର ଲକ୍ଷ୍ୟ ଏବଂ ଦକ୍ଷତାକୁ ଧ୍ୟାନରେ ରଖି ଚୟନ ଏବଂ ପ୍ରସ୍ତୁତ କରାଯାଇଛି।

ମୌଳିକ ପର୍ଯ୍ୟାୟ ପାଇଁ ଜାତୀୟ ପାଠ୍ୟକ୍ରମ ଢ଼ାଞ୍ଚା - ୨ ୦ ୨ ୨ ଅନୁଯାୟୀ, ଭାଷା ଶିଖିବା ଓ ଶିଖାଇବା ଏବଂ ଶିକ୍ଷାଦାନ ପାଇଁ ଚାରୋଟି ଦକ୍ଷତା ଉପରେ କାର୍ଯ୍ୟ କରିବା ଗୁରୁତ୍ୱପୂର୍ଣ୍ଣ । ଏହି ଚାରୋଟି ଦକ୍ଷତା ହେଉଛି ମୌଖିକ ଭାଷା ବିକାଶ, ଶବ୍ଦ ଚିହ୍ନଟ, ପଠନ ଏବଂ ଲିଖନ ।

**ମୌଖିକ ଭାଷା ବିକାଶ -** ଶୁଣିକରି ବୁଝିବା, ମୌଖିକ ଶବ୍ଦାବଳୀର ବିକାଶ ସହିତ ନିଜ ସାଙ୍ଗ ଏବଂ ପରିଚିତ ବ୍ୟକ୍ତି ସହିତ ଆଲୋଚନାରେ ଭାଗନେବା ।

**ଶବ୍ଦ ଚିହ୍ନଟ -** ଏଥିରେ ଛାପାଲେଖା ସଚେତନତା, ଧ୍ୱନି ସଚେତନତା, ପ୍ରତୀକ ସହ ଧ୍ୱନିର ସମ୍ବନ୍ଧ, ଲିଖିତ ଶବ୍ଦକୁ ଚିହ୍ନିବା ଏବଂ ଶବ୍ଦ ଲିଖନ ଅନ୍ତର୍ଭୁକ୍ତ ଅଟେ ।

**ପଠନ -** ଲିଖିତ ସାମଗ୍ରୀର ଅର୍ଥକୁ ବୁଝିବା ଏବଂ ପାଠ ସମ୍ବନ୍ଧରେ ଯୁକ୍ତିଯୁକ୍ତ ଭାବେ ଚିନ୍ତା କରିବା ।

**ଲିଖନ -** ଯୁକ୍ତିଯୁକ୍ତ ଏବଂ ସଂଗଠିତ ଭାବରେ ନିଜର ଧାରଣା କିମ୍ବା ସୂଚନାକୁ ଉପସ୍ଥାପନ କରିବା ଏବଂ ଶବ୍ଦଗୁଡିକ ସଠିକ୍ ଭାବରେ ଲେଖିବାର ଦକ୍ଷତା ।

ଏହି ପୁସ୍ତକର ପ୍ରତ୍ୟେକ ପ୍ରସଙ୍ଗକୁ ନେଇ ସ୍ଥାନିତ କରାଯାଇଥିବା କାର୍ଯ୍ୟଗୁଡିକ ନିମ୍ନ ଚାରିଟି ଦକ୍ଷତା ଆଧାରରେ ବିଭକ୍ତ କରାଯାଇଛି ।

**ମୌଖିକ ଭାଷାର ବିକାଶ -**

ପୁସ୍ତକଟିରେ ଚିତ୍ର, ଗଳ୍ପ, କବିତା, ଖେଳ ଏବଂ ଆବିଷ୍କାର ଚିତ୍ରକଳା ଏବଂ ଶିଖିବା ଭଳି ବିଭିନ୍ନ ବିଭାଗ ଅଛି । ଏସବୁର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କ ମଧ୍ୟରେ ମୌଖିକ ଭାଷାର ବିକାଶ କରିବା । ଏହା ସହିତ, ପିଲାମାନେ ଏକାଠି କିଛି ତିଆରି କରିବା ସମୟରେ ପରସ୍ପରର ଚିନ୍ତାଧାରାକୁ ଶୁଣିବେ, ଶିଖିବା ସମୟରେ ସେମାନଙ୍କ ପରିବାର ଏବଂ ଗୋଷ୍ଠୀର ଲୋକଙ୍କ ସହିତ କଥା ହୋଇ କିଛି ବୁଝିବାକୁ ଚେଷ୍ଟା କରିବେ ଓ କାରଣ ଦର୍ଶାଇବେ ଇତ୍ୟାଦି ।

ମୌଖିକ ଭାଷା ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ପିଲାମାନଙ୍କୁ ବିନା ବାଧାରେ କଥା ହେବାର ସୁଯୋଗ ପ୍ରଦାନ କରିବା । ଏଥିପାଇଁ ଭାଷା ଶିକ୍ଷାଦାନ ସମୟରେ ଆମେ ପିଲାମାନଙ୍କର ଘରଭାଷା ଏବଂ ସେମାନଙ୍କର ପୂର୍ବ ଅଭିଜ୍ଞତାକୁ ଗ୍ରହଣ କରିବା ସହିତ ସେମାନଙ୍କୁ ନିଜ ଘରଭାଷାରେ ପ୍ରକାଶ କରିବାକୁ ଉତ୍ସାହିତ କରିବା ଆବଶ୍ୟକ । ଆମ ରାଜ୍ୟରେ ଅନେକ ଶ୍ରେଣୀରେ ବହୁଭାଷୀ ପରିସ୍ଥିତି ଦେଖିବାକୁ ମିଳେ । ଶିକ୍ଷଣ ଓ ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିବା ପାଇଁ ପିଲାମାନଙ୍କୁ ଘର ଭାଷାରେ ମୁକ୍ତ ଭାବରେ ନିଜର ଚିନ୍ତାଧାରାକୁ ପ୍ରକାଶ କରିବା ପାଇଁ ଅଧିକ ସୁଯୋଗ ଦେବା ଏବଂ ନିଜ ଘରଭାଷା ବ୍ୟବହାର କରି ପିଲାଟି ଯେପରି ମାନକ ଭାଷା ଶିଖିପାରିବ ସେଥିପ୍ରତି ଅଧିକ ଯତ୍ନବାନ ହେବା ଜରୁରୀ । ପ୍ରତ୍ୟେକ ଦିନର ଶିକ୍ଷଣକାର୍ଯ୍ୟ ସମୟରେ ଏହାକୁ ଧ୍ୟାନରେ ରଖିବା ଆବଶ୍ୟକ ।

**ଶବ୍ଦଗୁଡିକୁ ଚିହ୍ନିବା ଏବଂ ନୂଆ ଶବ୍ଦ ଗଢ଼ିବା -**

ପ୍ରଥମ ଶ୍ରେଣୀରେ, ପିଲାମାନେ ଅକ୍ଷର ଏବଂ ଧ୍ୱନି ମଧ୍ୟରେ ଥିବା ସମ୍ବନ୍ଧକୁ ବୁଝି ଶବ୍ଦ ଗଠନ କରିବା ଶିଖିଛନ୍ତି । ଏପରି ହୋଇପାରେ କିଛି-ପିଲାଙ୍କର ଅକ୍ଷର ଚିହ୍ନିବାରେ ଅସୁବିଧା ହୋଇପାରେ । ସେଥିପାଇଁ, ଦ୍ୱିତୀୟ ଶ୍ରେଣୀରେ ଦିଆଯାଇଥିବା ପାଠଗୁଡିକରେ ସରଳ ଶବ୍ଦର ପ୍ରଥମ, ମଝି ଏବଂ ଶେଷ ଧ୍ୱନିକୁ ନେଇ ଅଭ୍ୟାସ କରାଯାଇପାରିବ । ଏହା ସହିତ ଯଦି ଶବ୍ଦ ଧନ୍ଦା ଦିଆଯାଏ, ତେବେ ପିଲାମାନେ ଶିଖିବାର ଆନନ୍ଦ ପାଇବେ । ଏହାକୁ ଧ୍ୟାନରେ ରଖି, ଏହି ଦୁଇଟି ଅଭ୍ୟାସକୁ ପ୍ରଥମ ଏକକ 'ପରିବାର'ରେ ଅନ୍ତର୍ଭୁକ୍ତ କରାଯାଇଛି । ଶ୍ରେଣୀର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହିଭଳି କାର୍ଯ୍ୟଗୁଡିକ ନିୟମିତ ଭାବରେ କରାଯାଇପାରେ । ଦ୍ୱିତୀୟ ଶ୍ରେଣୀରେ, ସମସ୍ତ ଯୁକ୍ତାକ୍ଷର ପ୍ରତ୍ୟେକ ପାଠରେ ଯୋଜନାବଦ୍ଧ ଭାବେ ରଖାଯାଇଛି । ଏହା ସହିତ ମାତ୍ରା ଏବଂ ଫଳାଗୁଡିକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

**ପଠନ** – 'ଆସ ପଢ଼ିବା', 'ଗପ ଓ କବିତା' ଭଳି ବିଭାଗ ପିଲାମାନଙ୍କ ବିଭିନ୍ନ ପଠନ ଦକ୍ଷତା ବିକାଶ କରିବାର ସୁଯୋଗ ପ୍ରଦାନ କରିବ । ଯେପରି ଏକାଠି ପଢ଼ିବା, ଯେଉଁଥିରେ ପିଲାମାନେ ଶିକ୍ଷକଙ୍କ ସହିତ ଏବଂ ପରେ ସେମାନଙ୍କ ସାଙ୍ଗମାନଙ୍କ ସହିତ ଏକାଠି ପଢ଼ିବେ । ପଢ଼ିବା ସମୟରେ କାହାଣୀର ଚିତ୍ରକୁ ଦେଖି ଅନୁମାନ କରିବା, କାହାଣୀ ଶୁଣିବା ପୂର୍ବରୁ ଓ ପରେ କଥା ହେବା, ଚିତ୍ର ସହ ଥିବା ଶବ୍ଦଗୁଡିକୁ ବୁଝିବା, ପ୍ରଶ୍ନର ଉତ୍ତର ଦେବା ଇତ୍ୟାଦି କାର୍ଯ୍ୟ ଦ୍ୱାରା ପିଲାମାନଙ୍କର 'ପଢ଼ିବା ସହିତ ବୁଝିବା' ଧାରଣାକୁ ବିକଶିତ କରାଯାଇପାରେ ।

**ଲିଖନ** – ଆମେ ସମସ୍ତେ ଜାଣୁ ଯେ ଚିତ୍ର କରିବାରୁ ଲିଖନର ଆରମ୍ଭ ହୋଇଥାଏ। ପରେ ପିଲାମାନେ ଚିତ୍ର କରିବା ସହିତ ଶବ୍ଦ ଏବଂ ଧୀରେଧୀରେ ବାକ୍ୟ ଲେଖିବା ଆରମ୍ଭ କରନ୍ତି । ଏହି ପୁସ୍ତକରେ ଥିବା ଅଭ୍ୟାସ କାର୍ଯ୍ୟଗୁଡିକରେ ପିଲାମାନେ ସେମାନଙ୍କର ଅନୁଭୂତି ଏବଂ ଚିନ୍ତାଧାରାକୁ ଚିତ୍ର ମାଧ୍ୟମରେ ପ୍ରକାଶ କରିବେ। ତା'ପରେ ଶିକ୍ଷକଙ୍କ ସହାୟତାରେ ଏହି ଚିତ୍ର ମାଧ୍ୟମରେ କିଛି ଶବ୍ଦ ଲେଖିବାର ପ୍ରୟାସ କରିବେ । 'କବିତା ଓ ଗଳ୍ପ ଶୁଣିବା' ଏବଂ 'ଏକାଠି ପଢ଼ିବା' ଭଳି ଅନ୍ୟାନ୍ୟ କାର୍ଯ୍ୟଗୁଡିକରେ ଲିଖନ ଉପରେ ଗୁରୁତ୍ୱ ଦିଆଯାଇଛି ।

ପିଲାମାନଙ୍କ ମଧ୍ୟରେ ଏହିସବୁ ଦକ୍ଷତାଗୁଡିକ ବିକାଶ କରିବା ପାଇଁ, ଉପରୋକ୍ତ ଚାରୋଟି ଦିଗ ଉପରେ ନିୟମିତ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । ତେଣୁ ଏହି ପାଠ୍ୟପୁସ୍ତକର ପାଞ୍ଚଟି ପ୍ରସଙ୍ଗ ସହିତ ପଠନ, ଲିଖନ, ଶବ୍ଦ ଚିହ୍ନଟ ଏବଂ ଆଲୋଚନା ପାଇଁ ବିଭିନ୍ନ କାର୍ଯ୍ୟକୁ ଯୋଡ଼ାଯାଇଛି ।

ସୃଜନଶୀଳ ଶିକ୍ଷକମାନେ ପିଲାମାନଙ୍କ ସହ ମିଶି ଆକର୍ଷଣୀୟ ଏବଂ ସ୍ତରଭିତ୍ତିକ ଶିକ୍ଷଣସାମଗ୍ରୀ ପ୍ରସ୍ତୁତ କରିପାରିବେ। ପୁସ୍ତକଟିରେ କେବଳ କିଛି ପରାମର୍ଶ ଦିଆଯାଇଛି । ଆମେ ଆଶା କରୁଛୁ ଯେ ଶିକ୍ଷକମାନେ ପ୍ରସଙ୍ଗକୁ ଆଧାର କରି ଶବ୍ଦ ଖେଳ, ଖେଳ ଗୀତ, କବିତା ଏବଂ କାହାଣୀକୁ ଅନ୍ତର୍ଭୁକ୍ତ କରି ଶ୍ରେଣୀଗୃହରେ ବିବିଧତା ଆଣିବେ । ବିଭିନ୍ନ ସମ୍ବଳର ଉପଯୋଗ କରି ଶିକ୍ଷଣକାର୍ଯ୍ୟକୁ ଶିଶୁ ମନଲାଖି କରିବା ସହ ପଠନ ଓ ଲିଖନ ପ୍ରତି ପିଲାମାନଙ୍କୁ ପ୍ରେରିତ କରିବେ ।

ଏହି ପୁସ୍ତକରେ 'ଆସ ରାସ୍ତା ଖୋଜିବା', 'ଧନ୍ଦା ସମାଧାନ କରିବା,' 'ଚିତ୍ର ଆଙ୍କି ରଙ୍ଗ ଦେବା', 'ମନରୁ ଲେଖିବା', ନୂତନ ଶବ୍ଦ ଗଢ଼ିବା' ଓ 'ବାକ୍ୟ ଲେଖିବା' ଆଦି ଆକର୍ଷଣୀୟ କାର୍ଯ୍ୟ ଦିଆଯାଇଛି । ଶିକ୍ଷକମାନେ ନିଜ ସ୍ତରରେ ଏପରି କିଛି ସାମଗ୍ରୀ ଖୋଜିବା, ଏହାକୁ ନିଜେ ପ୍ରସ୍ତୁତ କରିବା ଏବଂ ବ୍ୟବହାର କରିବା ଉଚିତ୍ । ଏସବୁ ସହିତ, ପାଠ୍ୟପୁସ୍ତକର ପ୍ରତ୍ୟେକ ଏକକ ଉପରେ କାର୍ଯ୍ୟ କରିବା ସମୟରେ ଶିକ୍ଷକମାନେ ନିଜେ ଏବଂ ପିଲାମାନଙ୍କ ସହାୟତାରେ ଶିକ୍ଷଣ ସାମଗ୍ରୀ (Teaching Learning Material) ପ୍ରସ୍ତୁତ କରିବା ଦରକାର । ଶିକ୍ଷଣ ସାମଗ୍ରୀଗୁଡିକ ଶ୍ରେଣୀଗୃହର କାନ୍ଥରେ ଲଗାଇବା କିମ୍ବା ଭାଷା-କୋଣରେ ପିଲାମାନଙ୍କ ପାଇଁ ସଜାଇ ରଖିବା ଏବଂ ଶିକ୍ଷଣ ପ୍ରକ୍ରିୟାରେ ମଧ୍ୟ ବ୍ୟବହାର କରିବା ଉଚିତ୍ । ପ୍ରତ୍ୟେକ ଏକକ ପାଇଁ ନୂତନ ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ରହିଛି । ଶ୍ରେଣୀରେ ଉପଲବ୍ଧ ସାମଗ୍ରୀଗୁଡିକ ସହିତ ପିଲାଙ୍କ ସ୍ତର ଅନୁସାରେ ନିଶ୍ଚିତ ଭାବରେ କିଛି ପୁସ୍ତକ ରହିବା ଉଚିତ୍ । ପିଲାମାନଙ୍କୁ ନିୟମିତ ଭାବରେ ପୁସ୍ତକ ସହିତ କାମ କରିବା ପାଇଁ ସମୟ ସାରଣୀରେ ସ୍ଥାନ ରହିବା ଉଚିତ୍ ।

ଏହା ଆମର ବିଶ୍ୱାସ ଓ ଆଶା ଯେ ଶିକ୍ଷକମାନେ ଏହି ପାଠ୍ୟପୁସ୍ତକର ବିଷୟବସ୍ତୁରେ ଦିଆଯାଇଥିବା ଉଦ୍ଦେଶ୍ୟ ଏବଂ ନିର୍ଦ୍ଦେଶାବଳୀକୁ ଦୃଷ୍ଟିରେ ରଖି ସୃଜନଶୀଳ ଓ ବ୍ୟବସ୍ଥିତ ଢ଼ଙ୍ଗରେ ପୁସ୍ତକଟିର ବ୍ୟବହାର କରିବେ ଯାହାଦ୍ୱାରା ଶିକ୍ଷଣକାର୍ଯ୍ୟ ପ୍ରଭାବଶାଳୀ ହେବ ଏବଂ ପିଲାମାନେ ଆନନ୍ଦର ସହିତ ଭାଷା ଶିଖିପାରିବେ ।

# ସିଲାବସ୍ ଓ ପାଠ୍ୟପୁସ୍ତକ ସମୀକ୍ଷା ପାଇଁ କୋର୍ କମିଟି

| | | |
|---|---|---|
| ୧. | କମିଶନର ତଥା ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | ଅଧ୍ୟକ୍ଷ |
| ୨. | ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ | ସଦସ୍ୟ |
| ୩. | ନିର୍ଦ୍ଦେଶକ, ଉଚ୍ଚ ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୪. | ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା | ସଦସ୍ୟ |
| ୫. | ନିର୍ଦ୍ଦେଶକ, ପ୍ରାଥମିକ ଶିକ୍ଷା | ସଦସ୍ୟ |
| ୬. | ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୭. | ଅଧ୍ୟକ୍ଷ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ | ସଦସ୍ୟ |
| ୮. | ନିର୍ଦ୍ଦେଶକ, ପାଠ୍ୟ ପୁସ୍ତକ ଉତ୍ପାଦନ ଓ ବିକ୍ରୟ ନିର୍ଦ୍ଦେଶାଳୟ | ସଦସ୍ୟ |
| ୯. | ନିର୍ଦ୍ଦେଶକ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ | ସଦସ୍ୟ |
| ୧୦. | ନିର୍ଦ୍ଦେଶକ, ଓଡ଼ିଶା ଭାଷା ପ୍ରତିଷ୍ଠାନ | ସଦସ୍ୟ |
| ୧୧. | ନିର୍ଦ୍ଦେଶକ, ସମାଜ କଲ୍ୟାଣ, ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା | ସଦସ୍ୟ |
| ୧୨. | ଏନ୍.ସି.ଇ.ଆର.ଟି. ପ୍ରତିନିଧି | ସଦସ୍ୟ |
| ୧୩. | ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର | ସଦସ୍ୟ |
| ୧୪. | ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୋପାଳ ଏବଂ ଅଧ୍ୟକ୍ଷ, ଏସ୍ ସି ଏଫ, ଓଡ଼ିଶା | ସଦସ୍ୟ |
| ୧୫. | ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ, ସଂସ୍କୃତ ବିଭାଗ | ସଦସ୍ୟ |
| ୧୬. | ଡକ୍ଟର କିଶୋର ଚନ୍ଦ୍ର ମହାନ୍ତି, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) | ସଦସ୍ୟ |
| ୧୭. | ଡକ୍ଟର ବିନୟ ପଟ୍ଟନାୟକ, ମୁଖ୍ୟ ପରାମର୍ଶଦାତା, ଏନ ଏସ୍ ଟି ସି କାର୍ଯ୍ୟକ୍ରମ, ଏନ୍ ସି ଇ ଆର ଟି | ସଦସ୍ୟ |
| ୧୮. | ଡକ୍ଟର ସୁଶାନ୍ତ କୁମାର ଦାସ, ପୂର୍ବତନ ସଭାପତି, ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା | ସଦସ୍ୟ |
| ୧୯. | ଡକ୍ଟର ଲଳିତ କୁମାର ଲେଙ୍କା, ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ, ଏକାମ୍ର କଲେଜ, ଭୁବନେଶ୍ୱର | ସଦସ୍ୟ |
| ୨୦. | ଡକ୍ଟର ସରୋଜଲକ୍ଷ୍ମୀ ସିଂ, ଅଧ୍ୟକ୍ଷ, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୧. | ଡକ୍ଟର ଖଗେଶ୍ୱର ଦାସ, ଇଂରାଜୀ ବିଶେଷଜ୍ଞ, ଅଧ୍ୟକ୍ଷ, ପଦ୍ମପୁର କଲେଜ, ବରଗଡ଼ | ସଦସ୍ୟ |
| ୨୨. | ଡକ୍ଟର ବଳରାମ ସାହୁ, ପ୍ରଫେସର ମାଇକ୍ରୋବାଇଓଲୋଜି, ସୋଆ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ସଦସ୍ୟ |
| ୨୩. | ଡକ୍ଟର ଗୌରାଙ୍ଗ ମହାନ୍ତି, ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଖଲ୍ଲିକୋଟ ସ୍ୱୟଂଶାସିତ କଲେଜ, ବ୍ରହ୍ମପୁର, ଗଞ୍ଜାମ | ସଦସ୍ୟ |
| ୨୪. | ନିର୍ଦ୍ଦେଶକ, ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା | ସଦସ୍ୟ ସଚିବ |

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁହାସମୟୀ ଚାରୁ ଭାଷମୟୀ, ଜନନୀ, ଜନନୀ, ଜନନୀ ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳତମାଳ-ସୁଶୋଭିତ-ତୀରା,
ଶୁଭ୍ରତଟିନୀକୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ ।।

ଘନବନଭୂମି ରାଜିତ ଅଙ୍ଗେ,
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ, ଜନନୀ, ଜନନୀ ।।

ସୁନ୍ଦରଶାଳି-ସୁଶୋଭିତ-କ୍ଷେତ୍ରା,
ଜ୍ଞାନବିଜ୍ଞାନ-ପ୍ରଦର୍ଶିତ-ନେତ୍ରା,
ଯୋଗୀଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ ।।

ସୁନ୍ଦର ମନ୍ଦିର ମଣ୍ଡିତ-ଦେଶା,
ଚାରୁକଳାବଳି-ଶୋଭିତ-ବେଶା,
ପୁଣ୍ୟ ତୀର୍ଥଚୟ-ପୂର୍ଣ୍ଣ-ପ୍ରଦେଶା
ଜନନୀ, ଜନନୀ, ଜନନୀ ।।

ଉତ୍କଳ ସୁରବର-ଦର୍ପିତ-ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା,
ବିଶ୍ୱଭୂମଣ୍ଡଳ-କୃତବର-ସ୍ନେହା
ଜନନୀ, ଜନନୀ, ଜନନୀ ।।

କବିକୁଳମୌଳି ସୁନନ୍ଦନ-ବନ୍ଦ୍ୟା,
ଭୁବନବିଘୋଷିତ-କୀର୍ତ୍ତିଅନିନ୍ଦ୍ୟା,
ଧନ୍ୟେ, ପୁଣ୍ୟେ, ଚିରଶରଣ୍ୟେ
ଜନନୀ, ଜନନୀ, ଜନନୀ ।।

**(କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)**



# ଆମ ଜାତୀୟ ସଙ୍ଗୀତ

''ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।''


# ସୂଚୀ


| ବିଷୟ | | | ପୃଷ୍ଠା |
|---|---|---|---|
| **ପ୍ରଥମ ଭାଗ : ପରିବାର** | | | **୧-୪୧** |
| ପାଠ-୧ | : | ମାଙ୍କଡ଼ ଖାଇବ କାଙ୍କଡ଼ ଝୋଳ | ୨ |
| ପାଠ-୨ | : | ହୋଲିର ମଜା | ୧୧ |
| ପାଠ-୩ | : | ମାଆ ପରି ମୋର କିଏ ସେ' ହେବ | ୧୮ |
| ପାଠ-୪ | : | କାଞ୍ଚନ ମାଉସୀ ଘର | ୨୪ |
| ପାଠ-୫ | : | ହାତୀ ବାଘ ଯିବେ ମାମୁ ଘର | ୩୦ |
| ପାଠ-୬ | : | ଶୁଆର ଥଣ୍ଟ କୋଇଲିର କଣ୍ଠ | ୩୬ |
| **ଦ୍ୱିତୀୟ ଭାଗ : ରଙ୍ଗ ପସରା** | | | **୪୪-୮୩** |
| ପାଠ-୭ | : | ସଭିଏଁ ହେଲେ ଖୁସି | ୪୬ |
| ପାଠ-୮ | : | ମାମୁନିର କଣ୍ଢେଇ | ୫୩ |
| ପାଠ-୯ | : | ବେଲୁନ୍ ଗଲା ଉଡ଼ି | ୬୧ |
| ପାଠ-୧୦ | : | ମହାରାଜାଙ୍କୁ ଜ୍ୱର | ୬୮ |
| ପାଠ-୧୧ | : | ରଙ୍ଗ ଛାଡ଼ିଗଲା | ୭୭ |
| **ତୃତୀୟ ଭାଗ : ଶସ୍ୟ-ଶ୍ୟାମଳା ପୃଥିବୀ** | | | **୮୪-୧୨୭** |
| ପାଠ-୧୨ | : | ବରଷାରାଣୀ | ୮୬ |
| ପାଠ-୧୩ | : | ଚାଷୀଭାଇ | ୯୪ |
| ପାଠ-୧୪ | : | ହସିଲା ସୁନାର କ୍ଷେତ | ୧୦୪ |
| ପାଠ-୧୫ | : | ବାରମାସର କଥା | ୧୧୦ |
| ପାଠ-୧୬ | : | କଳ୍ପନାର ଜନ୍ମଦିନ | ୧୧୭ |
| ପାଠ-୧୭ | : | ମାଟି ମୋର ହସୁଥାଉ | ୧୨୩ |
| **ଚତୁର୍ଥ ଭାଗ : ବନ୍ଧୁତା** | | | **୧୩୦-୧୬୩** |
| ପାଠ-୧୮ | : | ହସିବ ପୁଣି ଆମ ଧରଣୀ | ୧୩୨ |
| ପାଠ-୧୯ | : | ବରଗଡ଼ ଧନୁଯାତ୍ରା | ୧୩୯ |
| ପାଠ-୨୦ | : | ବଲ୍ଲବୀ ପଢ଼ିଲା ପାଠ | ୧୪୬ |
| ପାଠ-୨୧ | : | ଏକତାର ବଳ | ୧୫୩ |
| ପାଠ-୨୨ | : | ଓଡ଼ିଶାର ପର୍ବପର୍ବାଣି | ୧୬୧ |
| **ପଞ୍ଚମ ଭାଗ : ଆକାଶ** | | | **୧୬୮-୨୦୦** |
| ପାଠ-୨୩ | : | ଚାରିଦିଗ | ୧୭୦ |
| ପାଠ-୨୪ | : | ସଜାଡ଼ି ହେବା ଆମେ | ୧୭୯ |
| ପାଠ-୨୫ | : | ଝିଲିମିଲି ଆକାଶ | ୧୮୬ |
| ପାଠ-୨୬ | : | ଜହ୍ନର ଲୁଚକାଳି ଖେଳ | ୧୯୫ |
| ପାଠ-୨୭ | : | କହିଲ ଦେଖି ମୁଁ କିଏ | ୨୦୦ |

## ପ୍ରଥମ ଭାଗ

# ପରିବାର






**ସୂଚନା :** ଶିକ୍ଷକ ପିଲାମାନଙ୍କୁ ଚିତ୍ରଟିକୁ ଦେଖିବା ପାଇଁ କହିବେ। ପିଲାମାନେ ଚିତ୍ରକୁ ଦେଖିସାରିବା ପରେ ଚିତ୍ରକୁ ଆଧାର କରି ନିର୍ଦ୍ଦିଷ୍ଟ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପଚାରିବେ। ଆଲୋଚନା ସମୟରେ ଶିକ୍ଷକ ପିଲାଙ୍କୁ ସେମାନଙ୍କ ଅନୁଭୂତି ସହ ଯୋଡ଼ିବେ। ଶ୍ରେଣୀର ସମସ୍ତ ପିଲାଙ୍କ ଅଂଶଗ୍ରହଣ ଓ ଘର ଭାଷାର ବ୍ୟବହାରକୁ ନିଶ୍ଚିତ କରିବେ। ଆଲୋଚନା ପରେ ପିଲାଙ୍କ ସ୍ତର ଅନୁସାରେ ଚିତ୍ର ଅଙ୍କନ ଶବ୍ଦ ଓ ବାକ୍ୟ ଲିଖନ କାର୍ଯ୍ୟ କରାଇବେ।

ପାଠ-୧

# ମାଙ୍କଡ଼ ଖାଇବ କାଙ୍କଡ଼ ଝୋଳ





ମାଙ୍କଡ଼ କହିଲା ବାପାଙ୍କୁ ଦିନେ
କାଙ୍କଡ଼ ଖାଇବି ଭାବିଛି ମନେ
ପାଇଲେ ଟଙ୍କା
ଦୋକାନରୁ କିଣି ଆଣିବି ଲଙ୍କା ॥

କାଙ୍କଡ଼ କାଟି ଜିରାକୁ ବାଟି
ଛୁଙ୍କ ଦେଇ ତୁମେ ଝୋଳ କରିଦେବ
ଲାଗିବ ସୁଆଦ
ଖାଇବି ଚାଟି ॥





ଏତିକି ବେଳକୁ ଡାକିଲେ ମାଆ
ଶୁଣୁଥା'ରେ ପୁଅ କହୁଛି ଯାହା
ବଜାର ଯିବି
ପରିବା, ସଉଦା କିଣି ଆଣିବି ॥
କରି ରୋଷେଇ ଦେବି ଖୁଆଇ
ଅଝଟ ହୁଅନା ଧନସଙ୍ଖାଳି ମୋ'
ପାଠ ପଢ଼ିସାରି
ଖେଳୁଥା' ଯାଇ ॥



**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପିଲାମାନଙ୍କୁ ପ୍ରଥମେ ଚିତ୍ରଟିକୁ ଦେଖାଇ ଆଲୋଚନା କରିବେ । ପିଲାମାନଙ୍କୁ କବିତାଟିକୁ ଅଭିନୟ ସହ ଆବୃତ୍ତି କରି ଶୁଣାଇବେ । ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାକୁ ପଛରେ ଗାଇବେ । ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ ।

# ଅଭ୍ୟାସ

୧. ଆସ କଥା ହେବା ।

(କ) ତୁମେ ଅଝଟ ହେଲେ ତୁମକୁ କିଏ ବୁଝାନ୍ତି ?

(ଖ) ଘରେ ତୁମକୁ ପାଠପଢ଼ାବେଳେ କିଏ ସାହାଯ୍ୟ କରନ୍ତି ?

(ଗ) ବଜାରକୁ ତୁମେ କାହା ସହ ଯାଅ ?

(ଘ) ତୁମେ କେଉଁ କାମରେ ବାପମାଆଙ୍କୁ ସାହାଯ୍ୟ କର ?

(ଙ) ତୁମେ କେଉଁ ସବୁ ସଉଦା ଦୋକାନରୁ ଆଣିଥାଅ ?

୨. ଦେଖ ଓ ଲେଖ ।

ଙ୍କ

ଙ୍ଖ

୩. ଚିତ୍ର ଦେଖି ଖାଲିଘର ପୂରଣ କର ।



କ ____ ଡ଼ା



ଶ ____



କ ____



ମା ____ ଡ଼



ପ ____



ଲ ____

## ୪. ପଢ଼ ଓ ଲେଖ ।

ନାଲି ଶଙ୍ଖା ☐ ଧଳା ଶଙ୍ଖ ☐ ବଙ୍କୁଲୀ ବାଡ଼ି ☐

ହାତ ପଙ୍ଖା ☐ ଲାଉଡ଼ଙ୍କ ☐ ବଙ୍କା ଆଙ୍କୁଡ଼ି ☐

## ୫. ତଳେ ଥିବା ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ଓ ପଢ଼ ।

ଡ଼ଙ୍କମା = ☐

ଙ୍କଡ଼କା = ☐

ରିଙ୍ଖାଶ = ☐

## ୬. ତଳ ସାରଣୀରେ ଥିବା 'ଙ୍କ' 'ଙ୍ଖ' ଯୁକ୍ତାକ୍ଷରକୁ ନେଇ ଶବ୍ଦ ଗଢ଼ ଓ ଲେଖ ।

ଯେପରି : କାଙ୍କଡ଼

| | | |
|---|---|---|
| ମା | ଅ | ଡ଼ |
| କା | ଙ୍କ | ଡ଼ |
| ଶ | ଙ୍ଖା | ରି |
| ଙ୍ଖ | ରି | ନ |

## ୭. ଆସ ପଢ଼ିବା ।

| | |
|---|---|
| କଙ୍କି | ଶଙ୍ଖୁଆ |
| ଶଙ୍ଖା | ଶଙ୍କର |
| କାଙ୍କ | ଶୃଙ୍ଖଳା |
| ଶଙ୍ଖ | ପାଲିଙ୍କି |
| ବଙ୍କା | ଢାଙ୍କୁଣି |
| ପଙ୍ଖା | ପଙ୍କଜ |
| ଡିଙ୍କି | କଳଙ୍କ |
| ପଙ୍କ | ସଙ୍ଖୁଡ଼ି |

## ୮. ଆସ ଗାଇବା ।

(କ) ପାଣି ପିଉଥିବ ଛାଣି ।
ଟଙ୍କା ନେଉଥିବ ଗଣି ।

(ଖ) ପଙ୍ଖା ତଳେ ବସି ଶଙ୍ଖୀ ବିଲେଇ ।
ଶଙ୍ଖା ପାଛିଆକୁ ରହିଛି ଚାହିଁ ।



## ୯. ପଢ଼ ଓ ଆଲୋଚନା କରି ଉତ୍ତର ଲେଖ ।

(କ) ମାଙ୍କଡ଼ ତା' ବାପାଙ୍କୁ କ'ଣ କହିଲା ?

ଉତ୍ତର ------------------------------------------------------------

------------------------------------------------------------

(ଖ) ମାଙ୍କଡ଼ ବଜାର ଯାଇ କ'ଣ ଆଣିବ ବୋଲି କହିଲା ?

ଉତ୍ତର ------------------------------------------------------------

------------------------------------------------------------

(ଗ) ଅଝଟ ନ ହୋଇ କ'ଣ କରିବାକୁ ମାଆ କହିଲେ ?

ଉତ୍ତର ---------------------------------------------------------

---------------------------------------------------------

(ଘ) ପାଠପଢ଼ା ସହ ତୁମେ ଘରେ ଆଉ କେଉଁ ସବୁ କାମ କରିଥାଅ ?

ଉତ୍ତର ---------------------------------------------------------

---------------------------------------------------------

(ଙ) ତୁମ ମାଆ ଘରେ କ'ଣ ସବୁ କାମ କରନ୍ତି ?

ଉତ୍ତର ---------------------------------------------------------

---------------------------------------------------------

୧୦. ସମାନ ଧ୍ୱନି ଉଚ୍ଚାରଣ ହେଉଥିବା ଶବ୍ଦକୁ ଗାର ଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| କାଙ୍କଡ଼ | ଡଙ୍କି |
| କଙ୍କି | ପଙ୍ଖା |
| ଶଙ୍ଖା | ବଙ୍କା |
| ଟଙ୍କା | ମାଙ୍କଡ଼ |

## ୧୧. ଚିତ୍ର ଦେଖ ଓ ଲେଖ।










## ୧୧. ପହଳି ପଢ଼ି ଖାଲି ଘରେ ଉତ୍ତର ଲେଖ।

(କ) ମିଠା କଥା କହି କରେ ଆଦର
ତା' ପାଇଁ ଘର ସରଗପୁର,
ଜନମ ତୁମର ଗରଭୁ ତା'ର
ପାଖରେ ଥିଲେ ସେ' ନଲାଗେ ଡର।

(ଖ) ଆମରି ହସରେ ତାଙ୍କରି ଖୁସି
ପାଳନ୍ତି ଆମକୁ ସେ' ହସିହସି,
ମୁଖିଆ ହୋଇ ସେ ଘର ଚଳାନ୍ତି
ସୁଖେ ଦୁଃଖେ ଆମ ପାଖେ ଥାଆନ୍ତି।

## ୧୨. ଖାଇଲେ କିପରି ଲାଗେ ଲେଖ।

ଯେପରି : ଲଙ୍କା ---ରାଗ--- ଲାଗେ।

ସେପରି : କଇଁଆ ------------- ଲାଗେ।

ରସଗୋଲା ------------- ଲାଗେ।

ଲୁଣ ------------- ଲାଗେ।

## ୧୩. ତୁମ ପାଇଁ କାମ।

(କ) ତୁମ ରୋଷେଇ ଘରେ କ'ଣ ସବୁ ଜିନିଷ ଅଛି- ମାଆ ଓ ବାପାଙ୍କୁ ପଚାରି ତାଲିକା କର।

(ଖ) ମାଆ ତୁମ ପାଇଁ ଯାହା ରୋଷେଇ କରନ୍ତି ଖାତାରେ ଲେଖ।

(ଗ) ଗୁରୁଙ୍କୁ ବିଷ୍ଣୁପ୍ରାୟ ମଣି
ସେବା କରିବ ମନ ଜାଣି।
(ପିତାମାତାଙ୍କ ସହଯୋଗରେ ଆବୃତ୍ତି କର)




# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

## କ'ଣ ଶିଖିବେ ?



### ଭାଷା :

- 'ଙ୍କ' ଓ 'ଞ୍ଚ' ଯୁକ୍ତାକ୍ଷର ଚିହ୍ନିବେ ।
- 'ଙ୍କ' ଓ 'ଞ୍ଚ' ଯୁକ୍ତାକ୍ଷରକୁ ନେଇ ନୂଆ ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ ।
- ଚିତ୍ର ଦେଖିବେ । ଚିତ୍ରରେ କ'ଣ ଦେଖୁଛନ୍ତି ଲେଖିବେ ।
- ପଦ୍ୟକୁ ସ୍ୱର, ତାଳ ସହିତ ଆବୃତ୍ତି କରିବେ ।
- ପଦ୍ୟର ସରଳ ପ୍ରଶ୍ନର ଉତ୍ତର କହିବେ ଓ ଲେଖିବେ ।

### ପରିବେଶ :

- ପରିବାରର ବିଭିନ୍ନ ସମ୍ପର୍କ ବିଷୟରେ କହିବେ ।
- ବାପା, ମାଆ ଓ ଗୁରୁଜନଙ୍କ ଉପଦେଶ ଅନୁଯାୟୀ କାମ କରିବେ ।
- କାଙ୍କଡ଼ ଭଳି ବିଭିନ୍ନ ପ୍ରକାର ପନିପରିବା ବିଷୟରେ କହିବେ ।
- ଦୋକାନ / ବଜାର / ହାଟରୁ ମିଳୁଥିବା ସଉଦାଗୁଡ଼ିକ ବିଷୟରେ କହିବେ ।

### ଅଭ୍ୟାସ କାର୍ଯ୍ୟ :

- କଥୋପକଥନ କରିବେ ।
- 'ଙ୍କ' ଓ 'ଞ୍ଚ' ଧ୍ୱନିର ଠିକ୍ ଉଚ୍ଚାରଣ ସହ ଶବ୍ଦ ଗଢ଼ିବେ ।
- 'ଙ୍କ' ଓ 'ଞ୍ଚ' ଯୁକ୍ତ ଶବ୍ଦ ପଢ଼ିବେ ଓ ଲେଖିବେ ।
- ଚିତ୍ରକୁ ବୁଝି ସେ ସମ୍ପର୍କରେ କହିବେ, ଆଲୋଚନା କରିବେ ଓ ଲେଖିବେ ।
- ଦଳଗତ ଓ ବ୍ୟକ୍ତିଗତ ଅଭ୍ୟାସ କାର୍ଯ୍ୟ କରିବେ ।

ପାଠ-୨

# ହୋଲିର ମଜା



ଗଙ୍ଗାଧର ବସି ପାଠ ପଢୁଥାଏ। ବାପା ଅଫିସରୁ ଆସି ପହଞ୍ଚିଲେ। ଗଙ୍ଗାଧର ବାପାଙ୍କ ପାଖକୁ ଦୌଡ଼ିଗଲା ଓ କହିଲା, – 'ବାପା ! କାଲି ହୋଲି, ତୁମେ ମୋ ପାଇଁ କ'ଣ ଆଣିଛ ? ବାପା କହିଲେ– 'ଦେଖୁନୁ ତୋ ପାଇଁ କେତେ ପ୍ରକାରର ରଙ୍ଗ ଆଣିଛି।' ଗଙ୍ଗାଧର ଖୁସିରେ ରଙ୍ଗ ପୁଡ଼ିଆକୁ ଗୋଟିଗୋଟି କରି ଦେଖିଲା। ବାପା ତା'ର ହାତକୁ ଆଉ ଗୋଟିଏ ବ୍ୟାଗ ବଢ଼ାଇଦେଲେ। ବ୍ୟାଗ୍ ଖୋଲି ସେ ଖୁସିରେ ନାଚି ଉଠିଲା। ସେଥିରେ ଭଳିକିଭଳି ମିଠା, ପିଜୁଳି, କୋଳି ଓ କମଳା ଥିଲା। ଗଙ୍ଗାଧରର ଭଉଣୀ ସଙ୍ଘମିତ୍ରା ଆସିଲା। ଦୁହେଁ ହୋଲି ଖେଳିବା ପାଇଁ ନିଜନିଜର ସାଙ୍ଗମାନଙ୍କୁ ଘରକୁ ଆସିବାକୁ ଫୋନ୍ କଲେ।





ହୋଲି ଦିନ ସାଙ୍ଗମାନେ ହୋଲି ଖେଳିବା ପାଇଁ ପିଚକାରି ଧରି ଆସିଲେ। ପିଚକାରିରେ ରଙ୍ଗ ପୂରାଇଲେ। ଗଙ୍ଗାଧର ଓ ସଙ୍ଘମିତ୍ରାର ସାଙ୍ଗମାନେ ନିଜନିଜକୁ ରଙ୍ଗମାରି ଖେଳିଲେ। ସଙ୍ଘମିତ୍ରା ଦର୍ପଣଟିଏ ଧରି ଆସିଲା। ସଭିଏଁ ଦର୍ପଣରେ ନିଜନିଜ ଚେହେରା ଦେଖି ହସିହସି ଗଡ଼ିଗଲେ।



ହୋଲି ଖେଳ ସାରି ସଭିଏଁ ଗାଧୋଇଲେ। ମାଆ ପୁରି, ତରକାରୀ, ଲଡୁ, ମିଠା ଓ ପିଜୁଳି ଖାଇବାକୁ ଦେଲେ। ସାଙ୍ଗମାନେ ଖୁସିରେ ଖାଇସାରି ଘରକୁ ଫେରିଗଲେ।

# ଅଭ୍ୟାସ

୧. ଆସ କଥା ହେବା ।

(କ) ଗଙ୍ଗାଧର ପାଇଁ ବାପା କାହିଁକି ରଙ୍ଗ ଆଣିଥିଲେ ?

(ଖ) ତୁମେ ଆଉ କେଉଁ ପର୍ବରେ ରଙ୍ଗ ଖେଳିଥାଅ ?

(ଗ) ତୁମ ଘରେ ବାପା ତୁମ ପାଇଁ କେଉଁସବୁ ଫଳ ଖାଇବା ପାଇଁ ଆଣିଥାନ୍ତି ?

(ଘ) ତୁମେ ଜାଣିଥିବା କେତୋଟି ପର୍ବପର୍ବାଣିର ନାମ କୁହ ?

(ଙ) ହୋଲି ପର୍ବରେ ତୁମେ କ'ଣ ସବୁ କରିଥାଅ ?

୨. ଦେଖ ଓ ଲେଖ ।

ଙ୍ଗ

ଙ୍ଘ

୩. ପଢ଼ ଓ ଲେଖ ।

| | | | |
|---|---|---|---|
| ରଙ୍ଗ | | ମୃଦଙ୍ଗ | |
| ବେଙ୍ଗ | | କଙ୍ଗାରୁ | |
| ଜଙ୍ଘ | | ସଙ୍ଗୀତ | |
| ସଙ୍ଘ | | ଜଙ୍ଘିଆ | |

୪. ଆସ ପଢ଼ିବା ।



ମୟୂରର ଦେହ ରଙ୍ଗରଙ୍ଗିଆ,
ନଈକୂଳ ଜମି ଭାରି ବଢ଼ିଆ ।
କୁହୁକୁହୁ ରାବେ କୋଇଲିରାଣୀ,
ମାଙ୍କଡ଼ ନାଚୁଛି ଦେଖାଇ ଠାଣି ।

୫. ତଳ କୋଠରିରେ ପଶୁପକ୍ଷୀଙ୍କ ନାମ ଦିଆଯାଇଛି। ରଙ୍ଗ ଅନୁସାରେ ସେମାନଙ୍କୁ ବାଛି ଠିକ୍ କୋଠରିରେ ଲେଖ।

ବଗ, ହାତୀ, କାଉ, କୋଇଲି, ଶୁଆ, ହଳଦୀବସନ୍ତ, ଭାଲୁ।

କଳା ରଙ୍ଗ

ଧଳା ରଙ୍ଗ

ହଳଦିଆ ରଙ୍ଗ

ସବୁଜ ରଙ୍ଗ

୬. ତୁମେ ଜାଣିଥିବା ରଙ୍ଗର ନାମ ଲେଖ।

--------------- --------------- -------------

--------------- --------------- -------------

--------------- --------------- -------------

୭. ପ୍ରଶ୍ନ ପଢ଼ି ଉତ୍ତର ଲେଖ ।

(କ) ଗଙ୍ଗାଧରର ଘରେ କେଉଁମାନେ ରହୁଥିଲେ ?

ଉତ୍ତର : ---------------------------------------------------------------- ।

(ଖ) ସଙ୍ଘମିତ୍ରା କିଏ ?

ଉତ୍ତର : ---------------------------------------------------------------- ।

(ଗ) ସମସ୍ତେ କାହିଁକି ହସାହସି ହେଲେ ?

ଉତ୍ତର : ---------------------------------------------------------------- ।

(ଘ) ହୋଲି ସମୟରେ ଗଙ୍ଗାଧରର ସାଙ୍ଗମାନେ କ'ଣ କଲେ ?

ଉତ୍ତର : ---------------------------------------------------------------- ।

(ଙ) ତୁମକୁ କେଉଁସବୁ ଫଳ ଖାଇବାକୁ ଭଲ ଲାଗେ ?

ଉତ୍ତର : ---------------------------------------------------------------- ।

୮. 'ଙ୍ଗ' ଓ 'ଙ୍ଘ' ଯୁକ୍ତାକ୍ଷର ଥିବା ଶବ୍ଦ ଶିକ୍ଷକ ପିଲାଙ୍କୁ ଡାକିବେ ।

| | | | |
|---|---|---|---|
| | | | |
| | | | |

୯. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼, ଲେଖ ଓ ପଢ଼ ।

| | | | |
|---|---|---|---|
| ମୃ | ବ | କ | କ୍ଷ |
| ଙ୍ଘ | ଦ | ଳି | ଳ |
| ସ | ର | ଙ୍ଗ | ଲ |
| ଜ | ନ | ପ | ର |

ଯେପରି :

କଳିଙ୍ଗ

୧୦. 'କ' ଧାଡ଼ିରେ ଥିବା ଅଙ୍ଗପ୍ରତ୍ୟଙ୍ଗର ଚିତ୍ର ସହିତ 'ଖ' ଧାଡ଼ିରେ ଥିବା ତା'ର କାମକୁ ଗାର ଟାଣି ଯୋଡ଼ ।

| 'କ' ଧାଡ଼ି | 'ଖ' ଧାଡ଼ି |
| --- | --- |
|  | ଶୁଣିବା |
|  | ଚୋବାଇବା |
|  | ଖାଇବା, କାମ କରିବା, ଲେଖିବା |
|  | ଶୁଙ୍ଘିବା |
|  | ଦେଖିବା |
| | ଶୋଇବା |

୧୧. ଆଲୋଚନା କରି ତିନିଗୋଟି ବାକ୍ୟ ଲେଖ ।

ରଙ୍ଗ ଖେଳିବା ସମୟରେ ଆମେ କିପରି ସାବଧାନତା ଅବଲମ୍ବନ କରିବା ?

-------------------------------------------------------------

-------------------------------------------------------------

-------------------------------------------------------------

୧୨. ତୁମେ ପାଳନ କରୁଥିବା ପର୍ବପର୍ବାଣି ଗୁଡ଼ିକର ନାମ ଲେଖ ।

| | | |
|---|---|---|
| | | |
| | | |
| | | |
| | | |

୧୩. ତୁମ ପାଇଁ କାମ ।

ଲାଲ, ହଳଦିଆ ଏବଂ ନୀଳ ରଙ୍ଗକୁ ଅନ୍ୟରଙ୍ଗ ସହିତ ମିଶାଇ, ନୂଆ ରଙ୍ଗଟିର ନାମ ଲେଖ ।

ନାଲି ରଙ୍ଗ + ହଳଦିଆ ରଙ୍ଗ = 

ହଳଦିଆ ରଙ୍ଗ + ନୀଳ ରଙ୍ଗ = 

ନାଲି ରଙ୍ଗ + ନୀଳ ରଙ୍ଗ = 




# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

## କ'ଣ ଶିଖିବେ ?



### ଭାଷା :

- ❖ 'ଙ୍ଗ' ଓ 'ଙ୍ଘ' ଯୁକ୍ତାକ୍ଷର ଚିହ୍ନିବେ।
- ❖ 'ଙ୍ଗ' ଓ 'ଙ୍ଘ' ଯୁକ୍ତାକ୍ଷରର ଧ୍ୱନି ସହିତ ପରିଚିତ ହେବେ। ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ❖ ପ୍ରସଙ୍ଗକୁ ପଢ଼ିବେ ଓ ସେ ସମ୍ପର୍କିତ ପ୍ରଶ୍ନର ଉତ୍ତର ମୌଖିକ ଓ ଲିଖିତ ଭାବରେ ଦେବେ।

### ପରିବେଶ :

- ପର୍ବପର୍ବାଣି ସମ୍ପର୍କରେ କହିବେ।
- ପାରସ୍ପରିକ ସମ୍ପର୍କ (ପରିବାର ଓ ସାଙ୍ଗସାଥୀଙ୍କ ସହିତ) ରଖିବା ପାଇଁ ଆବେଗାତ୍ମକ ଭାବ ପ୍ରକାଶ କରିବେ।
- ବିଭିନ୍ନ ରଙ୍ଗ ବିଷୟରେ କହିବେ।
- ବିଭିନ୍ନ ଫଳ ବିଷୟରେ କହିବେ।

### ଅଭ୍ୟାସ କାର୍ଯ୍ୟ :

- ◆ କଥୋପକଥନ କରିବେ।
- ◆ 'ଙ୍ଗ' ଓ 'ଙ୍ଘ' ଯୁକ୍ତାକ୍ଷର ଯୁକ୍ତ ଅଧିକ ଶବ୍ଦ ପଢ଼ିବେ ଓ ଲେଖିବେ।
- ◆ ପ୍ରସଙ୍ଗ ଭିତ୍ତିକ ପ୍ରଶ୍ନର ଉତ୍ତର ଲେଖିବେ।
- ◆ ହୋଲି ଖେଳ ସମୟରେ କି ପ୍ରକାର ସାବଧାନତା ଅବଲମ୍ବନ କରିବେ, ସେ ସମ୍ପର୍କରେ କହିବେ ଓ ଲେଖିବେ।

ପାଠ-୩

# ମାଆ ପରି ମୋର କିଏ ସେ ହେବ

ମାଆ ପରି ମୋର କିଏ ସେ ହେବ
କୋଳେ ଧରି ମୋତେ ଗେଲ କରିବ
ଜହ୍ନମାମୁ ମୋତେ ଦେଖାଉଥିବ
ନାନାବାୟା ଗାଇ ଶୁଆଇ ଦେବ
ମାଆ ପରି ମୋର କିଏ ସେ ହେବ... ॥





ଧୂଳି ହେଲେ ମୋତେ ଝାଡ଼ି ସେ ଦେବ
ମୋ ପାଇଁ କେତେ ଯେ ଗାଳି ଶୁଣିବ
ଜ୍ୱର ହେଲେ ପାଖେ ଜଗି ବସିବ
ପ୍ରଭୁଙ୍କୁ ମନାସି ସେବା କରିବ
ମାଆ ପରି ମୋର କିଏ ସେ ହେବ... ॥


ଫେରିବା ବାଟକୁ ଚାହିଁ ବସିବ
ନିଜେ ନଖାଇ ସେ' ଖୁଆଇ ଦେବ
ହାତ ଧରି ପାଠ ପଢ଼ାଇ ଦେବ
ନୂଆ ନୂଆ କଥା ଶିଖାଉଥିବ
ମାଆ ପରି ମୋର କିଏ ସେ ହେବ... ॥





ମା' ଥିଲେ ଘର ଖୁସିରେ ହସେ
ବିପଦ ଆପଦ ପାଖେ ନପଶେ
ମା'କୁ କେବେ ବି ଦୁଃଖ ନ ଦେବ
ସୁଖେ ଦୁଃଖେ ତା'ର ପାଖରେ ଥିବ
ମାଆ ପରି ମୋର କିଏ ସେ ହେବ... ॥

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପିଲାମାନଙ୍କୁ ପ୍ରଥମେ ଚିତ୍ରଟିକୁ ଦେଖାଇ ଆଲୋଚନା କରିବେ। ପିଲାମାନଙ୍କୁ କବିତାଟିକୁ ଅଭିନୟ ସହ ଆବୃତ୍ତି କରି ଶୁଣାଇବେ। ଶିକ୍ଷକ ପ୍ରଥମେ ଗାଇବେ, ପିଲାମାନେ ତାଙ୍କ ପଛରେ ଗାଇବେ। ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ।



## ଅଭ୍ୟାସ



୧. ଆସ କଥା ହେବା ।

(କ) ତୁମ ମାଆ ଘରେ କ’ଣ ସବୁ କରନ୍ତି ?

(ଖ) ଘର କାମରେ ତୁମ ମାଆଙ୍କୁ ଆଉ କେଉଁମାନେ ସାହାଯ୍ୟ କରନ୍ତି ?

(ଗ) ତୁମ ବାପା ଘରେ କେଉଁ କାମ କରନ୍ତି ?

(ଘ) ତୁମେ କାହାଠାରୁ ଗପ ଶୁଣ ?

(ଙ) ଆମେ ଆଉ କାହାକୁ ମାଆ ବୋଲି କହୁ ?

୨. ଦେଖ ଓ ଲେଖ ।

ହ୍ନ

ଦ୍ମ

୩. ଚିତ୍ର ଦେଖ ଓ ପଢ଼ । ‘ମ’ ଫଳା ( ୍ମ ) ଓ ‘ନ’ ଫଳା ( ୍ନ ) ଲାଗିଥିବା ଅକ୍ଷରକୁ ବାଛି ଗୋଲ ◯ ଭିତରେ ଲେଖ ।







ଜଗନ୍ନାଥ ◯ ପଦ୍ମ ◯ ଜହ୍ନି ◯

୪. **ଆସ ପଢ଼ିବା ।**

(କ) ସ୍ନାନ କରି ମୁହିଁ ପ୍ରଭାତ କାଳେ
ରତ୍ନ ମୁଦିଟିଏ ପାଇଲି ଜଳେ ।


(ଖ) ଫୁଟି ଅଛି ପଦ୍ମଫୁଲ ସରୋବର ଜଳେ
ଆସରେ ତୋଳିବା ପଦ୍ମ ମିଳିଣ ସକଳେ ।

(ଗ) ଆ' ଜହ୍ନମାମୁ ସରଗ ଶଶୀ
ମୋ କାହ୍ନୁ ହାତରେ ପଡ଼ରେ ଖସି ।




୫. **'ମ' ଫଳା ('୍ମ') ଲଗାଇ ଶବ୍ଦ ଗଢ଼ ଓ ଲେଖ ।**

ଯେପରି : ଭୀଷ୍ମ




୬. **'ନ' ଫଳା ('୍ନ') ଲଗାଇ ଶବ୍ଦ ଗଢ଼ ଓ ଲେଖ ।**

ଯେପରି : ଯତ୍ନ



### ୭. ପଦ୍ୟରୂପକୁ ଗଦ୍ୟରୂପରେ ପ୍ରକାଶ କର ।

| | | | |
|---|---|---|---|
| ଯେପରି : | ସେନେହ | = | ସ୍ନେହ |
| | ପଦମ | = | |
| | ଯତନ | = | |
| | ରତନ | = | |
| | ଉଷୁମ | = | |

### ୮. ଶବ୍ଦ ଗୁଡ଼ିକୁ ପଢ଼ ଓ ଖାଲି ଘରେ ଆଉଥରେ ଲେଖ ।

| | | | | | |
|---|---|---|---|---|---|
| ମୃଣ୍ମୟ | = | | ଜଗନ୍ନାଥ | = | |
| ଉନ୍ମାଦ | = | | ଅବସନ୍ନ | = | |
| ସ୍ମରଣ | = | | ସନ୍ନିବେଶ | = | |

### ୯. କବିତାଟି ପଢ଼ି ଉତ୍ତର ଲେଖ ।

(କ) ତୁମକୁ ଘରେ କିଏ ଗେଲ କରନ୍ତି ?

ଉତ୍ତର :

(ଖ) ତୁମ ପାଇଁ ମାଆ କାହାଠାରୁ ଗାଳି ଶୁଣନ୍ତି ?

ଉତ୍ତର :

(ଗ) ତୁମକୁ ନିଦ ଆସୁ ନଥିବା ବେଳେ ମାଆ କେଉଁ ଗୀତ ଗାଇ ତୁମକୁ ଶୁଆଇ ଦିଅନ୍ତି ?

ଉତ୍ତର :

(ଘ) ଡାକ୍ତରଖାନାରେ ରୋଗୀମାନଙ୍କର ସେବା କେଉଁମାନେ କରନ୍ତି ?

ଉତ୍ତର :

(ଙ) ତୁମ ମା'ଙ୍କ ଦେହ ଅସୁସ୍ଥ ହେଲେ ତୁମେ କ'ଣ କରିବ ?

ଉତ୍ତର :

## ୧୦. ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖ ।

(କ) ପ୍ରଜାପତି ବସିଛି ଫୁଲରେ ।

ଉତ୍ତର :

(ଖ) ଗୁଡ଼ିକର ଉତ୍ତର ଲେଖ ପ୍ରଶ୍ନ ।

ଉତ୍ତର :

(ଗ) ଅଛି ଫୁଟି ପୋଖରୀରେ ପଦ୍ମଫୁଲ ।

ଉତ୍ତର :

(ଘ) ରଖ ବହିପତ୍ର ତୁମ ସଜାଡ଼ି ।

ଉତ୍ତର :

## ୧୧. କ'ଣ କହି ଡାକିବା ଲେଖ ।

ଯେପରି-

| | | | |
|---|---|---|---|
| ବାପାଙ୍କର ଭାଇ : | କକା | ମାଆଙ୍କର ବାପା : | |
| ମାଆଙ୍କର ଭାଇ : | | ମାଆଙ୍କର ମାଆ : | |
| ବାପାଙ୍କର ଭଉଣୀ : | | ବାପାଙ୍କର ବାପା : | |
| ମାଆଙ୍କର ଭଉଣୀ : | | ବାପାଙ୍କର ମାଆ : | |

## ୧୨. (କ) ତୁମ ମାଆଙ୍କ ବିଷୟରେ ତିନି ଧାଡ଼ି ଲେଖ ।

(ଖ) ଅମୃତ ବିନୟ ବଚନ ।
କହି ତୋଷିବ ପ୍ରାଣୀମନ ॥
(ପିତାମାତାଙ୍କ ସହଯୋଗରେ ଆବୃତ୍ତି କର ।)




# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

## କ'ଣ ଶିଖିବେ ?



### ଭାଷା :

- ❖ 'ନ'ଫଳା ( ୍ନ ) ଓ 'ମ'ଫଳା ( ୍ମ ) ଚିହ୍ନିବେ।
- ❖ 'ନ'ଫଳା ଓ 'ମ'ଫଳାର ଧ୍ୱନି ସହିତ ପରିଚିତ ହେବେ। ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ❖ ପ୍ରସଙ୍ଗର ଉଦ୍ଦେଶ୍ୟକୁ ବୁଝି କଥାବାର୍ତ୍ତା ହେବେ, ମତାମତ ଦେବେ, ପ୍ରଶ୍ନ ପଚାରିବେ ଓ ପ୍ରଶ୍ନର ଉତ୍ତର ଦେବେ।
- ❖ ପଦ୍ୟଟିକୁ ଆବୃତ୍ତି କରିବେ।

### ପରିବେଶ :

- ପରିବାରରେ ମାଆଙ୍କ ଭୂମିକା ସମ୍ପର୍କରେ ଅବଗତ ହେବେ।
- ପ୍ରସଙ୍ଗର ଉଦ୍ଦେଶ୍ୟକୁ ବୁଝିବେ।
- ମାଆଙ୍କ ମନରେ ଦୁଃଖ ନ ଦେବା ପାଇଁ ମତାମତ ଦେବେ।

### ଅଭ୍ୟାସ କାର୍ଯ୍ୟ :

- ◆ ପ୍ରସଙ୍ଗକୁ ବୁଝିବା ପାଇଁ କଥାବାର୍ତ୍ତା କରିବେ, ଆଲୋଚନାରେ ଅଂଶଗ୍ରହଣ କରିବେ। ମତାମତ ଦେବେ।
- ◆ ମୌଖିକ ଓ ଲିଖିତ ଭାବରେ ପ୍ରଶ୍ନର ଉତ୍ତର ଦେବେ।
- ◆ 'ମ'ଫଳା 'ନ'ଫଳା ଯୁକ୍ତ ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ◆ ମାଆଙ୍କ କାମଗୁଡ଼ିକୁ ମନେପକାଇ ଲେଖିବେ।

ପାଠ-୪

# କାଞ୍ଚନ ମାଉସୀ ଘର




ବାଞ୍ଛା ମଉସାଙ୍କ ଏଇଟି ଘର
ଘର ନୁହେଁ ଇଏ ସତେ ମନ୍ଦିର
ଗୁରୁବାର ଦିନ ସକାଳୁ ଉଠି
କାଞ୍ଚନ ମାଉସୀ ପକାନ୍ତି ଝୋଟି ॥ ୧ ॥



ଘରଟି ତାଙ୍କର ସଫା ସୁତର
ସାଜସଜା ଲାଗେ ଭାରି ସୁନ୍ଦର
ଫୁଲ ଫଳ ଗଛ ବଗିଚା ସାରା
ଘର ଆଗେ ତୁଳସୀର ଚଉରା ॥ ୨ ॥




ରାନ୍ଧଣା ତାଙ୍କର ଭାରି ସୁଆଦ
ହାତ ଚାଟି ଚାଟି ଖାଇବ ଖାଦ୍ୟ
ଗୋରୁଗାଈଙ୍କର ସେବା ଯତନ
ଜୀବେ ଦୟା ତାଙ୍କ ମହତ ଗୁଣ ॥ ୩ ॥



ସଭିଙ୍କୁ କରନ୍ତି ଭାରି ଆଦର
ସାଇ ପଡ଼ିଶାଙ୍କ ଅତି ନିଜର
କାଞ୍ଚନ ମାଉସୀ ଆଦର୍ଶ ନାରୀ
ଘରଟି ତାଙ୍କର ସରଗପୁରୀ ॥ ୪ ॥

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପିଲାମାନଙ୍କୁ ପ୍ରଥମେ ଚିତ୍ରଟିକୁ ଦେଖାଇ ଆଲୋଚନା କରିବେ । ପିଲାମାନଙ୍କୁ କବିତାଟିକୁ ଅଭିନୟ ସହ ଆବୃତ୍ତି କରି ଶୁଣାଇବେ । ଶିକ୍ଷକ ପଦେ ଗାଇବେ, ପିଲାମାନେ କବିତାଟିକୁ ନିଜେ ଆବୃତ୍ତି କରିବେ । ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ ।

## ଅଭ୍ୟାସ



**୧.** **ଆସ କଥା ହେବା ।**

(କ) 'ଘର' କହିଲେ କେଉଁସବୁ କଥା ତୁମ ମନକୁ ଆସୁଛି ?

(ଖ) ତୁମର ଘର କଥା କେତେବେଳେ ମନେପଡ଼େ ?

(ଗ) ତୁମ ଘରେ କିଏ କିଏ ଅଛନ୍ତି ?

(ଘ) ତୁମର ଘରକୁ ତୁମେ କିପରି ସଫା ସୁତର ରଖ ?


(ଙ) 'ପରିବାର' କହିଲେ ତୁମେ କ'ଣ ବୁଝ ?

**୨.** **ଚିତ୍ର ଦେଖି ଲେଖ ।**









**୩.** **ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।**

| | | |
|---|---|---|
| କା | ଞ୍ଚ | ନ |
| ଚ | ଞ୍ଜ | ଳ |
| ସ | | ୟ |
| ଲା | | ନା |

ଯେପରି : କାଞ୍ଚନ

---------------------

---------------------

---------------------

---------------------

**୪.** **ପଢ଼ । ତା' ପରେ କ'ଣ ହେଲା କୁହ ।**

ବଗକୁ କଞ୍ଚା ମାଛ ଭଲ ଲାଗିଲା ନାହିଁ । ନଈକୂଳରେ ଚୁଲି ଲଗାଇଲା । କଡ଼େଇରେ ମାଛ ପକାଇଲା । ମାଛ ଫକ୍ କିନା ଡ଼ିଆଁ ମାରି ନଈ ଭିତରକୁ ପଳାଇଲା । ଆଉ ତା' ପରେ...............

**୫. ଅକ୍ଷରକୁ ସଜାଡ଼ି ଶବ୍ଦ ଗଢ଼ ଓ ଲେଖ ।**

| | | |
|---|---|---|
| ସଞ୍ଚରପ | = | |
| ପନଞ୍ଚାନ | = | |
| ବାଞ୍ଜିତା | = | |
| ନାଞ୍ଜଲା | = | |
| ଞ୍ଜାବା | = | |
| ଞ୍ଚୟସ | = | |

**୬. ଶ୍ରୁତଲିଖନ (‘ଞ୍ଚ’ ଓ ‘ଞ୍ଜ’ ଯୁକ୍ତାକ୍ଷରକୁ ନେଇ ଶିକ୍ଷକ ପିଲାଙ୍କୁ ୧୨ଟି ଶବ୍ଦ ଲେଖିବା ପାଇଁ ଡାକିବେ) ।**

**୭. ଅକ୍ଷର ଯୋଡ଼ ଶବ୍ଦ ପଢ଼ ଓ ଲେଖ ।**

| | | | | | | | | |
|---|---|---|---|---|---|---|---|---|
| ଛା | + | ଞ୍ଚ | | | → | ଛାଞ୍ଚ | | |
| କ | + | ଞ୍ଚା | | | → | କଞ୍ଚା | | |
| କା | + | ଞ୍ଚ | + | ନ | → | କାଞ୍ଚନ | | |
| ବା | + | ଞ୍ଜା | | | → | ବାଞ୍ଜା | | |
| ଲା | + | ଞ୍ଜ | + | ନା | → | ଲାଞ୍ଜନା | | |

## ୮. ଆଲୋଚନା କରି ଉତ୍ତର ଲେଖ ।

(କ) କବିତାଟିରେ କାହା ବିଷୟରେ ବର୍ଣ୍ଣନା କରାଯାଇଛି ?


(ଖ) କାଞ୍ଚନ ମାଉସୀ କାହାର ସେବା ଯତନ କରନ୍ତି ?

(ଗ) କାଞ୍ଚନ ମାଉସୀ ବଗିଚାରେ କେଉଁସବୁ ଗଛ ଅଛି ?

(ଘ) କବିତାରେ କାଞ୍ଚନ ମାଉସୀଙ୍କୁ ଆଦର୍ଶ ନାରୀ କୁହାଯିବାର କାରଣ କ'ଣ ?

(ଙ) କାଞ୍ଚନ ମାଉସୀ ଘରକୁ କିପରି ସଫାସୁତର ରଖନ୍ତି ?

## ୯. ଚିତ୍ର ଦେଖ ଓ ଆଲୋଚନା କରି କୁହ ?






## ୧୦. ଆସ ପଢ଼ିବା ।

- ସକାଳୁ ଉଠିବି ଓ ଗୁରୁଜନଙ୍କୁ ପ୍ରଣାମ କରିବି ।
- ନିୟମିତ ବିଦ୍ୟାଳୟକୁ ଯିବି ।
- ଅସହାୟ ଲୋକଙ୍କୁ ସାହାଯ୍ୟ କରିବି ।
- ପଶୁପକ୍ଷୀ ମାନଙ୍କୁ ଆଦର କରିବି ।
- ସାଥି ପିଲାଙ୍କ ସହ ମିଳିମିଶି କାମ କରିବି ।
- ନିଜେ ସଫା ସୁତୁରା ରହି ପରିବେଶକୁ ସଫା ରଖିବି ।
- ଗଛ ଲଗାଇବି ଓ ତା'ର ଯତ୍ନ ନେବି ।



## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- ‘ଞ୍ଚ’ ଓ ‘ଞ୍ଛ’ ଯୁକ୍ତାକ୍ଷର ଚିହ୍ନିବେ ।
- ‘ଞ୍ଚ’ ଓ ‘ଞ୍ଛ’ ଯୁକ୍ତାକ୍ଷରର ଧ୍ୱନି ସହିତ ପରିଚିତ ହେବେ, ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ ।
- ପ୍ରସଙ୍ଗଟିକୁ ବୁଝି ପ୍ରଶ୍ନର ଉତ୍ତର କହିବେ ଓ ଲେଖିବେ ।

**ପରିବେଶ :**

- ନିଜେ ସଫାସୁତୁରା ରହିବା ଅଭ୍ୟାସ କରିବା ସହିତ ନିଜ ବିଦ୍ୟାଳୟ ଓ ପରିବେଶକୁ ସ୍ୱଚ୍ଛ ରଖିବେ ।
- ସଜାଇ ରଖିବା ଓ ସାଇତି ରଖିବାର ଗୁରୁତ୍ୱ ବୁଝିବେ ଓ ନିଜ ଜୀବନଚର୍ଯ୍ୟାରେ ସେଗୁଡ଼ିକୁ ବ୍ୟବହାର କରିବେ ।
- ପଶୁପକ୍ଷୀଙ୍କ ପ୍ରତି ଆଦର ଭାବ ପୋଷଣ କରିବେ ।
- ପରିବାର ଓ ପଡ଼ୋଶୀଙ୍କ ସହିତ ସୁସମ୍ପର୍କ ରଖିବେ ।


**ଅଭ୍ୟାସ କାର୍ଯ୍ୟ :**

- ପ୍ରସଙ୍ଗ ସମ୍ପର୍କିତ ପ୍ରଶ୍ନର ଉତ୍ତର ମୌଖିକ ଓ ଲିଖିତ ଭାବେ ଦେବେ ।
- ଯୁକ୍ତାକ୍ଷର ଯୁକ୍ତ ଶବ୍ଦଗୁଡ଼ିକୁ ପଢ଼ିବେ ଓ ଲେଖିବେ ।
- ଚିତ୍ରଦେଖି ନିଜର ମତାମତ ଦେବେ ।
- ଗପକୁ ଆଗକୁ ବଢ଼ାଇ କହିବେ ।

ପାଠ-୫

# ହାତୀ ବାଘ ଯିବେ ମାମୁଘର

ହାତୀ, ବାଘ ଯିବେ ମାମୁଘର
ମନ ଉଡୁଥିଲା ଫରଫର ।
ଅଜା ଆଇ ଆଉ ମାମୁମାଇଁ
ରହିଥିବେ ତାଙ୍କ ବାଟ ଚାହିଁ ।





ମାମୁ ଆଣି ମାଂସ ରଖିଥିବେ
ମାଇଁ ତରକାରି କରିଥିବେ ।
ଆଖୁ ତାଳପତ୍ର ହାତୀ ପାଇଁ
କିଣି ଆଣିଥିବେ ଅଜାଆଇ ।



ସାଙ୍ଗମେଳେ ହେବ କେତେ ଖଟି
ମଜାରେ କଟିବ ଖରାଛୁଟି ।
ଧୀରେ ଧୀରେ ରାତି ପାହିଗଲା
ସକାଳୁ କୁଆଟା ରାବିଦେଲା ।



ଭଡ଼ାରେ ଆଣିଲେ ଅଟୋ ଡାକି
ବସିଗଲା ହାତୀ ଗୋଡ଼ ଟେକି ।
ବାଘକୁ କହିଲା ପଛେବସି
ପଞ୍ଝାରେ ଧରିଥା ଲାଞ୍ଜ କସି ।

ଙେଁ କଟ କଟ କଲା ଗାଡ଼ି
ପଡ଼ିଲେ ସେମାନେ ମୁହଁମାଡ଼ି ।
ଶବଦ ଶୁଭିଲା ଠୋ'... ଠା'
ଚକା କରିଥିଲା ବଡ଼ ଆଁ... ।



**ଶିକ୍ଷକଙ୍କ ପାଇଁ ସୂଚନା :**

ଶିକ୍ଷକ ପ୍ରଥମେ କବିତାରେ ଥିବା ଚିତ୍ରଗୁଡ଼ିକ ଦେଖାଇ ପିଲାଙ୍କ ସହ ଆଲୋଚନା କରିବେ । ଶିକ୍ଷକ ପିଲାଙ୍କ ସହ କବିତାଟିକୁ ଆବୃତ୍ତି କରି ଶୁଣାଇବେ । ଶିକ୍ଷକ ପ୍ରଥମେ ଗାଇବେ, ପିଲାମାନେ ତାଙ୍କ ପଛରେ ଗାଇବେ । ଶେଷରେ ଶିକ୍ଷକ ପିଲାମାନଙ୍କ ସହ କବିତା ଉପରେ ଆଲୋଚନା କରିବେ ।

# ଅଭ୍ୟାସ

୧. ଆସ କଥା ହେବା ।

(କ) ତୁମ ମାମୁଘରେ କିଏ କିଏ ଅଛନ୍ତି ?

(ଖ) ତୁମେ କାହା ସହ ମାମୁଘରକୁ ଯାଅ ?

(ଗ) ତୁମ ସାଙ୍ଗ ମୁହଁମାଡ଼ି ପଡ଼ିଗଲେ ତୁମେ କ'ଣ କରିବ ?

(ଘ) ବଣରେ ରହୁଥିବା ପଶୁପକ୍ଷୀଙ୍କ ନାମ କୁହ ?

୨. ଦେଖ ଓ ଲେଖ ।

ଞ୍ଜ

ଞ୍ଝ

୩. ଚିତ୍ର ଦେଖି ପଢ଼ିବା ଓ ଲେଖିବା ।



ପିଞ୍ଜରା



ଖଞ୍ଜଣି




ଗଞ୍ଜି



ଗଞ୍ଜା



ପାଞ୍ଜି



ପଞ୍ଝା

୪. ପଢ଼ ।

(କ) ଖଞ୍ଜଣି ବଜାଇ ଦଳଗଞ୍ଜନ
ଗୀତ ଗାଇ କଲା ମନୋରଞ୍ଜନ
ଗୀତ ଶୁଣି ଡାକ ଛାଡ଼ିଲା ଗଞ୍ଜା
ବାଘ ନାଚ କରେ ଟେକି ତା’ ପଞ୍ଝା ॥

୫. ଗୋଲ୍ ଭିତରେ ଥିବା ଅକ୍ଷର ଦୁଇଟିକୁ ମିଶାଇ ନୂଆ ଶବ୍ଦ ଗଢ଼ ଓ ଲେଖ ।

(କା) ନ — କା (ଞ୍ଜି) ଆ → [ ]

(ପା) ଦ — ଗ (ଞ୍ଜି) → [ ]

(ମ) ନ୍ଦାର — ଖ (ଞ୍ଜା) → [ ]

(ପ) ତର — ବି (ଞ୍ଝା) ରପୁର → [ ]

୬. ପଢ଼ । ‘ଞ୍ଜ’ ଯୁକ୍ତାକ୍ଷର ତଳେ ଗାର ___ ଦିଅ ଓ ‘ଞ୍ଝ’ ଯୁକ୍ତାକ୍ଷରରେ ଗୋଳ ◯ ବୁଲାଅ ।

ସଞ୍ଜ ପଞ୍ଝା ବିଞ୍ଝାରପୁର
ମଞ୍ଜା ଅଞ୍ଜଳି ପଞ୍ଝାଏ କାଉ

୭. ଶବ୍ଦଗୁଡ଼ିକୁ ପଢ଼ ଓ ଲେଖ ।

ମଞ୍ଜି = [ ] ଗଞ୍ଜା = [ ]

ପଞ୍ଝା = [ ] ପାଞ୍ଜି = [ ]

## ୮. ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖ ।

(କ) ଉପରେ ଗଛ ବସିଛନ୍ତି କାଉପଞ୍ଝାଏ ।

---------------------------------------------------------------

(ଖ) ବହି ପଢୁଛି ଅଞ୍ଜଳି ବସି ।

---------------------------------------------------------------

(ଗ) ବିଞ୍ଝାରପୁର ଘର ମିତାର ।

---------------------------------------------------------------

(ଘ) ଛଞ୍ଚାଣ ଉଡୁଛି ଆକାଶରେ ।

---------------------------------------------------------------

## ୯. ଉତ୍ତର ଲେଖ ।

(କ) ମାମୁଘରକୁ କେଉଁମାନେ ଯିବା ପାଇଁ ଯୋଜନା କଲେ ?

ଉତ୍ତର : -------------------------------------------------------

---------------------------------------------------------------

(ଖ) ବାଘକୁ ହାତୀ କ'ଣ କହିଲା ?

ଉତ୍ତର : -------------------------------------------------------

---------------------------------------------------------------

(ଗ) ହାତୀ ଓ ବାଘ କାହିଁକି ମୁହଁମାଡ଼ି ପଡ଼ିଗଲେ ?

ଉତ୍ତର : -------------------------------------------------------

---------------------------------------------------------------

(ଘ) ଗାଡ଼ି ପଛରେ ବସି କିଏ ଲାଞ୍ଜକୁ କସି ଧରିଥିଲା ?

ଉତ୍ତର : -------------------------------------------------------

---------------------------------------------------------------

(ଙ) ତୁମ ଆଗରେ ତୁମ ସାଙ୍ଗ ମୁହଁମାଡ଼ି ପଡ଼ିଗଲେ ତୁମେ କ'ଣ କରିବ ?

ଉତ୍ତର : -------------------------------------------------------

---------------------------------------------------------------

## ୧୦. ଚିତ୍ର ଦେଖି କ୍ରମ ଅନୁସାରେ ବାକ୍ୟ ଲେଖ ।









---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

## ୧୧. ତୁମ ପାଇଁ କାମ ।

(କ) ଗୁରୁଜନମାନଙ୍କ ସହ ମିଶି ହାତୀ, ବାଘ, ମୂଷା, ବିଲେଇ, ସିଂହ ଇତ୍ୟାଦି ପଶୁମାନଙ୍କର ମୁଖା ତିଆରି କର ।

(ଖ) ଅନେକ ଲୋକ ଯହିଁ ମିଳି

ଅବଶ୍ୟ ଉପୁଜଇ କଳି ।

(ପିତାମାତାଙ୍କ ସହଯୋଗରେ ଆବୃତ୍ତି କର ।)




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- ‘ଞ୍ଚ’ ଓ ‘ଞ୍ଜ’ ଯୁକ୍ତାକ୍ଷର ଚିହ୍ନିବେ।
- ‘ଞ୍ଚ’ ଓ ‘ଞ୍ଜ’ ଯୁକ୍ତାକ୍ଷରଯୁକ୍ତ ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ପାଠ/ପ୍ରସଙ୍ଗର ଉଦ୍ଦେଶ୍ୟକୁ ବୁଝିବେ। ପ୍ରଶ୍ନର ଉତ୍ତର ସମ୍ପର୍କରେ ଆଲୋଚନା କରିବେ। ମତାମତ ଦେବେ।
- ମୌଖିକ ଓ ଲିଖିତ ଭାବେ ପ୍ରଶ୍ନର ଉତ୍ତର ଦେବେ।
- ଆବୃତ୍ତି କରିବେ।

**ପରିବେଶ :**

- ମାମୁଘର ସମ୍ପର୍କରେ ଅନୁଭୂତିକୁ ଯୋଡ଼ି କହିବେ ଓ ଲେଖିବେ।
- ପଶୁମାନଙ୍କ ଖାଦ୍ୟପେୟ ବିଷୟରେ କହିବେ ଓ ଲେଖିବେ।
- ପରିବେଶ ଆଧାରିତ ପ୍ରଶ୍ନଗୁଡ଼ିକର ଉତ୍ତରକୁ ଆଲୋଚନା କରିବେ, କହିବେ ଓ ଲେଖିବେ।

**ଅଭ୍ୟାସ କାର୍ଯ୍ୟ :**

- ସୂଚନାକୁ ବୁଝି ପ୍ରଶ୍ନଗୁଡ଼ିକର ଉତ୍ତର କହିବେ ଓ ଲେଖିବେ।
- ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖିବେ।

ପାଠ-୬

# ଶୁଆର ଥଣ୍ଟ କୋଇଲିର କଣ୍ଠ

ଶୁଆଟିଏ । ଗଛ ଉପରେ ତା' ଛୁଆମାନଙ୍କୁ ଥଣ୍ଟରେ ଖୁଆଉଥାଏ । କୋଇଲିଟିଏ ଉଡ଼ିଉଡ଼ି ଆସି ସେହି ଗଛରେ ବସିଲା । କୋଇଲିକୁ ଦେଖି ଶୁଆ ତା' ପିଲାଙ୍କୁ କହିଲା- 'ଇଏ ପରା ତୁମ ନାନୀ । ତାଙ୍କ କଣ୍ଠର ଗୀତ ଭାରି ମଧୁର । ତାଙ୍କ ଗୀତ ଯିଏ ଶୁଣେ, ସେ ଭାରି ଖୁସି ହୁଏ । ଆମ ପରିବାର ଆଗେ ତାଙ୍କ ଘରକୁ ଗୀତ ଶୁଣିବାକୁ ରାତିରେ ଲଣ୍ଠନ ଧରି ଯାଉଥିଲେ । ତାଙ୍କ ଘରର ସମସ୍ତେ ଆମ ଘରକୁ ଆମର ନାଲି ନାଲି ଥଣ୍ଟ ଦେଖିବାକୁ ଆସୁଥିଲେ । ଘଣ୍ଟାଘଣ୍ଟା ଧରି ସେମାନେ ଆମ ଘରେ ରହୁଥିଲେ । ଦୁଃଖସୁଖ ହୋଇ ଘରକୁ ଫେରୁଥିଲେ ।



ସବୁ ଛୁଆ ମେଣ୍ଟ ହୋଇ ପଚାରିଲେ-, ''ସତରେ ନା କ'ଣ ?''

ମାଆ ଶୁଆ ମୁଣ୍ଡ ହଲାଇ ହଁ କହିଲା ।

ଏତିକି ବେଳେ ସବୁଠୁ ସାନ ଶୁଆଟି କହିଲା,- 'ମାଆ ! ମାଆ !' ନାନୀକୁ କହୁନୁ ସେ ଗୋଟେ ଗୀତ ଗାଉ ।'


କୋଇଲି ହସିହସି କହିଲା, ''ହେଉ ତେବେ ଶୁଣ, କୁହୁ... କୁହୁ... କୁହୁ... ।''

''ଆଃ କି ସୁନ୍ଦର !'' ସବୁ ଶୁଆ ଥଣ୍ଟ ହଲାଇ କହିଲେ ।

କୋଇଲି କହିଲା, ''-ଶୁଆଙ୍କ ଥଣ୍ଟ ଓ କୋଇଲିଙ୍କ କଣ୍ଠ ପାଇଁ ଆମ ଦୁଇ ପରିବାରର ଆଦର ସବୁବେଳେ ରହିଛି ।''



ଶୁଆ ଛୁଆଙ୍କ ସହ କୋଇଲି କିଛି ସମୟ ଖେଳି ତା' ବସାକୁ ଫେରିଗଲା ।



## ଅଭ୍ୟାସ



**୧.** ଆସ କଥା ହେବା ।

(କ) ଶୁଆର ଥଣ୍ଟ ଦେଖିବାକୁ କିପରି ?

(ଖ) ଗପରେ କାହାକୁ ନାନୀ ବୋଲି କୁହାଯାଇଛି ?

(ଗ) ତୁମେ ଲଣ୍ଠନ ଦେଖିଛ କି ? ରାତିରେ ବିଦ୍ୟୁତ୍ ଚାଲିଗଲେ ତୁମେ କ'ଣ କର ?

(ଘ) କୋଇଲି ଘରକୁ ଶୁଆମାନେ କାହିଁକି ଯାଉଥିଲେ ?

(ଙ) ତୁମେ କାହା ଠାରୁ ଗୀତ ଶୁଣିଥାଅ ?

**୨.** ଦେଖ ଓ ଲେଖ ।

ଣ୍ଟ

ଣ୍ଡ

**୩.** ଆସ ପଢ଼ିବା ।

(କ) ଘଣ୍ଟି ବାଜଇ ଠନ୍ଠନ୍
ଘଣ୍ଟ ବାଜଇ ଢଂ ଢଂ ।

(ଖ) ଦୁଃଖୀକୁ ଦାନ ଦେବା ପାଇଁ
କୁଣ୍ଠିତ ନ ହୋଇବ କେହି ।

**୪.** ଚିତ୍ରର ନାମକୁ ପଢ଼ ଓ ସେଥିରେ ଥିବା ଯୁକ୍ତାକ୍ଷରକୁ ବାଛି ଗୋଲ୍ ( ) ଭିତରେ ଲେଖ ।



ଗଣ୍ଠି ( )



ଆଣ୍ଠୁ ( )



ଶୁଣ୍ଠି ( )



ଲଣ୍ଠନ ( )

ଘଣ୍ଟା ◯ ଥୁଣ୍ଟା ◯ ଝିଣ୍ଟିକା ◯ କଣ୍ଟା ◯

**୫. 'ଣ୍ଟ' ଅକ୍ଷରକୁ ଖାଲି ଜାଗାରେ ଲେଖ ଓ ପଢ଼ ।**


କ ______ ଲୁ ______ ନ

ପେ ______ ସ ______ ଣା

**୬. ପଢ଼ ଓ ଲେଖ ।**

| | | | | | |
|---|---|---|---|---|---|
| ତଣ୍ଟି | | କଣ୍ଟକ | | ହାତ ଘଣ୍ଟା | |
| ଟେଣ୍ଟା | | ନିଅଣ୍ଟ | | ପେଟକଣ୍ଟା | |
| କଣ୍ଟା | | ଝୁଣ୍ଟିଆ | | କଣ୍ଟାଗଛ | |

**୭. ତଳ ଚିତ୍ରକୁ ଦେଖ ଓ ବାକ୍ୟଟିଏ ଲେଖ ।**


 ______________________

 ______________________

 ______________________

 ______________________

୮. ପ୍ରଜାପତିର ଦୁଇ ଡେଣାରୁ ଅକ୍ଷର ନେଇ ମଝିରେ ଥିବା ଅକ୍ଷର ସହ ମିଶାଇ ଶବ୍ଦ ଗଢ଼ ଓ ଲେଖ।




୯. ଆସ ଆଲୋଚନା କରି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା।

(କ) ଗଛ ଉପରେ ଛୁଆମାନଙ୍କୁ କିଏ ଖୁଆଉଥିଲା ?

ଉତ୍ତର : ---------------------------------------------------

(ଖ) କେଉଁ ପକ୍ଷୀର ସ୍ୱର ମଧୁର ?

ଉତ୍ତର : ---------------------------------------------------

(ଗ) କୋଇଲି ଓ ଶୁଆର ପରିବାରକୁ ସମସ୍ତେ ଆଦର କରନ୍ତି କାହିଁକି ?

ଉତ୍ତର : ---------------------------------------------------

(ଘ) କେଉଁ କାମ ସମୟରେ ତୁମ ପରିବାର ଅନ୍ୟ ପରିବାରର ସାହାଯ୍ୟ ନିଅନ୍ତି ?

ଉତ୍ତର : ---------------------------------------------------

(ଙ) ତୁମେ ରାତିରେ ଘରକୁ ଫେରିବା ବେଳେ କ'ଣ କରିବ ?

ଉତ୍ତର : ---------------------------------------------------

୧୦. ଘଣ୍ଟା ନଥିଲେ କ'ଣ ଅସୁବିଧା ହୁଅନ୍ତା ଲେଖ।



---------------------------------------------------

---------------------------------------------------

---------------------------------------------------

**୧୧. ଉପଯୁକ୍ତ ବିରାମ ଚିହ୍ନ ବ୍ୟବହାର କର ।**


(କ) ତୁମେ ଲଣ୍ଡନ ଦେଖିଛି କି ( ?, ।, ! )


(ଖ) ଶୁଆର ଥଣ୍ଟ ନାଲି ( !, ?, । )

(ଗ) ଆଃ, କି ମଧୁର ସ୍ୱର ( ।, ?, ! )

(ଘ) ଘଣ୍ଟା ଦେଖି ସମୟ କୁହ ( !, ।, ? )


**୧୨. ଚିତ୍ରରେ ରଙ୍ଗ ଦିଅ ।**





**୧୩. ତୁମ ପାଇଁ କାମ ।**

**(କ) ଚିତ୍ର ଦେଖି ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକର ନାମ ଲେଖ ।**



ମୁଣ୍ଡ




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- 'ଷ୍ଟ' ଓ 'ଷ୍ଠ' ଯୁକ୍ତାକ୍ଷର ଚିହ୍ନିବେ।
- 'ଷ୍ଟ' ଓ 'ଷ୍ଠ' ଯୁକ୍ତାକ୍ଷରଯୁକ୍ତ ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ବିରାମ ଚିହ୍ନର ବ୍ୟବହାର କରିବେ।
- ଚିତ୍ର ଦେଖି ଶବ୍ଦ ଓ ବାକ୍ୟ ଲେଖିବେ।
- ପ୍ରସଙ୍ଗର ଉଦ୍ଦେଶ୍ୟ ସମ୍ପର୍କରେ କଥା ହେବେ ଓ ମତାମତ ଦେବେ।
- ଲିଖିତ ଓ ମୌଖିକ ପ୍ରଶ୍ନର ଉତ୍ତର ଦେବେ।

**ପରିବେଶ :**


- ପରିବାରର ସଦସ୍ୟମାନଙ୍କୁ ଚିହ୍ନିବେ।
- ପଶୁପକ୍ଷୀଙ୍କ ସମ୍ପର୍କରେ କଥାବାର୍ତ୍ତା ହେବେ।
- ପାରିବାରିକ ସମ୍ପର୍କ ବିଷୟରେ ଆଲୋଚନା କରିବେ।
- ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ସମ୍ପର୍କରେ କହିବେ।


**ଅଭ୍ୟାସ କାର୍ଯ୍ୟ :**

- ସୂଚନାଗୁଡ଼ିକୁ ବୁଝି ପ୍ରଶ୍ନଗୁଡ଼ିକର ଉତ୍ତର ଆଲୋଚନା କରିବେ, କହିବେ ଓ ଲେଖିବେ।
- ବିରାମ ଚିହ୍ନର ବ୍ୟବହାର କରିବେ।
- ଦେଖି ଲେଖିବେ, ପଢ଼ିବେ, ବୁଝିବେ ଓ ଚିନ୍ତାକରିବେ।

ଦ୍ୱିତୀୟ ଭାଗ

# ରଙ୍ଗପସରା






**ସୂଚନା :** ଶିକ୍ଷକ ପିଲାମାନଙ୍କୁ ଚିତ୍ରଟିକୁ ଦେଖିବା ପାଇଁ କହିବେ । ପିଲାମାନେ ଚିତ୍ରକୁ ଦେଖିସାରିବା ପରେ ଚିତ୍ରକୁ ଆଧାର କରି ନିର୍ଦ୍ଦିଷ୍ଟ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପଚାରିବେ । ଆଲୋଚନା ସମୟରେ ଶିକ୍ଷକ ପିଲାଙ୍କୁ ସେମାନଙ୍କ ଅନୁଭୂତି ସହ ଯୋଡ଼ିବେ । ଶ୍ରେଣୀର ସମସ୍ତ ପିଲାଙ୍କ ଅଂଶଗ୍ରହଣ ଓ ଘର ଭାଷାର ବ୍ୟବହାରକୁ ନିଶ୍ଚିତ କରିବେ । ଆଲୋଚନା ପରେ ପିଲାଙ୍କ ସ୍ତର ଅନୁସାରେ ଚିତ୍ର ଅଙ୍କନ, ଶବ୍ଦ ଓ ବାକ୍ୟ ଲିଖନ କାର୍ଯ୍ୟ କରାଇବେ ।

ପାଠ-୭

# ସଭିଏଁ ହେଲେ ଖୁସି



ପଲ୍ଲବୀ ପ୍ଲାବନ ଭାଇ ଭଉଣୀ
ମନରେ କଲେ ବିଚାର,
ମୁରୁଜ ଆଣିବେ ଝୋଟି ପକାଇବେ
କରିବେ ଘର ସୁନ୍ଦର ॥ ୧ ॥



ସାଇକେଲ ଚଢ଼ି ଭାଇକୁ ବସାଇ
ପଲ୍ଲବୀ ବଜାର ଗଲା,
ନାଲି, ହଳଦିଆ, ନୀଳ, ଘନନୀଳ
ସବୁଜ ରଙ୍ଗ କିଣିଲା ॥ ୨ ॥



ପ୍ଲାବନ ଦେଖିଲା ପାଖ ଦୋକାନରେ
ଧଳା, ବାଇଗଣୀ ଅଛି,
ଭଉଣୀକୁ ଡାକି କାନେ କହିଦେଲା
ଏଥିରୁ ନେବା ତ କିଛି ॥ ୩ ॥




ସାତରଙ୍ଗ ଧରି ତର ତର ହୋଇ
ଘରକୁ ଆସିଲେ ଧାଇଁ,
ଆଙ୍କି ପକାଇଲେ ଭଳିଭଳି ଛବି
ହାତର ପରଶ ଦେଇ ॥ ୪ ॥



ବାପା ମାଆ ସଙ୍ଗେ ସାରା ପରିବାର
ଝୋଟିକୁ ଦେଖିଲେ ଆସି,
ପଡ଼ୋଶୀ ଦେଖିକି ଧନ୍ୟ ଧନ୍ୟ କଲେ
ସଭିଏଁ ହୋଇଲେ ଖୁସି ॥ ୫ ॥

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପିଲାମାନଙ୍କୁ ପ୍ରଥମେ ଚିତ୍ରଟିକୁ ଦେଖାଇ ଆଲୋଚନା କରିବେ । ପିଲାମାନଙ୍କୁ କବିତାଟିକୁ ଅଭିନୟ ସହ ଆବୃତ୍ତି କରି ଶୁଣାଇବେ । ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାକୁ ପଛରେ ଗାଇବେ । ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ ।



# ଅଭ୍ୟାସ



**୧. ଆସ କଥା ହେବା ।**

(କ) ପ୍ଲାବନ କିପରି ବଜାରକୁ ଗଲା ?

(ଖ) ନାଲି ରଙ୍ଗର ତିନୋଟି ଜିନିଷର ନାମ କୁହ ?

(ଗ) ତୁମକୁ ରଙ୍ଗ ଦେବାକୁ ଭଲ ଲାଗେ କି ? (ହଁ / ନା) କାହିଁକି ?

(ଘ) ଯଦି, ପଲ୍ଲବୀ ଓ ପ୍ଲାବନ ରଙ୍ଗ ପାଇ ନଥାନ୍ତେ, ତେବେ କ'ଣ ହୋଇଥାନ୍ତା, -ଆଲୋଚନା କରି କୁହ ?

**୨. ଦେଖ ଓ ଲେଖ ।**

ପ୍ଲ ପ୍ଲ

ଲ୍ଲ ଲ୍ଲ

**୩. ଚିତ୍ର ଦେଖି ତା'ର ନାମ ଓ ରଙ୍ଗ ଲେଖ ।**



ନାମ –

ରଙ୍ଗ –



ନାମ –

ରଙ୍ଗ –



ନାମ –

ରଙ୍ଗ –



ନାମ –

ରଙ୍ଗ –

## ୪. ପଢ଼ ଓ ଲେଖ ।

ପ୍ରହ୍ଲାଦ ଆହ୍ଲାଦ ଦୁଇ ସଙ୍ଗାତ, ______________________

ପଲ୍ଲବୀ ସହିତ ଗାଇଲେ ଗୀତ । ______________________

ଉଲ୍ଲାସ ସେଠାରେ ମିଶିଲା ଆସି, ______________________

ପଲ୍ଲୀବାସୀ ଦେଖି ହୋଇଲେ ଖୁସି । ______________________

## ୫. ଅକ୍ଷରରୁ ଅକ୍ଷର ଗାର ଟାଣି ଶବ୍ଦ ଗଢ଼ ଓ ବାକ୍ସ ଭିତରେ ଶବ୍ଦଗୁଡ଼ିକ ଲେଖ ।

| | | |
|---|---|---|
| ମ | ଶ | ସ |
| କ୍ଲେ | କ | ବୀ |
| ଉ | ଲ୍ଲା | ଦ |
| ପ | ଲ୍ଲ | |
| ଅ | ଲ୍ଲୀ | |
| ଶ୍ଲୋ | ହ୍ଲା | |
| ଗେ | ମ୍ଳ | |
| ପ୍ର | | |
| ଆ | | |

ଯେମିତି- କ୍ଲେଶ

## ୬. ପଢ଼ ଓ ଲେଖ ।

ମଲ୍ଲ ------------------ କ୍ଳାନ୍ତ ------------------

ପଲ୍ଲୀ ------------------ ଅମ୍ଳ ------------------

ଦିଲ୍ଲୀ ------------------ କ୍ଲେଶ ------------------

ଶୁକ୍ଳ ------------------ ଆହ୍ଲାଦ ------------------

ପ୍ରହ୍ଲାଦ ------------------

୭.  ପାଠଟିକୁ ପଢ଼ି ଉତ୍ତର ଲେଖ ।

(କ)  ଦୁଇ ଭାଇ ଭଉଣୀଙ୍କ ନାମ କ'ଣ ?

---------------------------------------------------------------

(ଖ)  ଦୋକାନରେ କିଏ ଧଳା ଓ ବାଇଗଣୀ ରଙ୍ଗ ଅଛି ବୋଲି ଦେଖିଲା ?

---------------------------------------------------------------

(ଗ)  ଭାଇଭଉଣୀ ବଜାରରୁ ରଙ୍ଗ ଆଣି କ'ଣ କଲେ ?

---------------------------------------------------------------

(ଘ)  ତୁମକୁ ଯଦି ରଙ୍ଗ ମିଳିବ, ତେବେ ତୁମେ କ'ଣ କରିବ ?

---------------------------------------------------------------

୮.  ଚିତ୍ରରେ ରଙ୍ଗ ଦିଅ ।



## ୯. ଆସ ପଢ଼ିବା ।

ଭଲ୍ଲୁକ ପାଶକୁ ନଯାଅ ବାବୁ,
ଚାଟି ଖାଇଦେବ ମାଉଁସ ସବୁ ।
କାହାରିକୁ କ୍ଲେଶ ନ ଦିଅ କେବେ,
ସଂସାରେ ପ୍ରଶଂସା ଲଭିବ ତେବେ ।
ପ୍ରହ୍ଲାଦ ଆହ୍ଲାଦେ ଗାଉଛି ଗୀତ,
ମୁଁ ଗାଇବି ମିଶି ତାହା ସହିତ ।

## ୧୦. ଶୁଣ ଓ ଲେଖ ।

ଶିକ୍ଷକ 'ଲ' ଫଳା ଓ 'ଲ' ଫଳା ଯୁକ୍ତ ଶବ୍ଦ ପିଲାଙ୍କୁ ଡାକିବେ ।




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- ❖ 'ନ'ଫଳା ଓ 'ଲ'ଫଳା ଚିହ୍ନଟ କରିବେ।
- ❖ ଠିକ୍ ବନାନ୍ ସହ ଫଳାଯୁକ୍ତ ଶବ୍ଦ ଓ ବାକ୍ୟ ପଢ଼ିବେ ଓ ଲେଖିବେ।
- ❖ ଜଣାଶୁଣା ଶବ୍ଦକୁ ଶିକ୍ଷକଙ୍କ ଠାରୁ ଶୁଣି ଶ୍ରୁତଲିଖନ ଲେଖିବେ।
- ❖ ନିଜେ ଓ ପିଲାଙ୍କ ଦ୍ୱାରା 'ନ'ଫଳା ଓ 'ଲ'ଫଳା ପାଇଁ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପିଲାଙ୍କୁ ସେଗୁଡ଼ିକର ବ୍ୟବହାର କରିବାକୁ କହିବେ।
- ❖ ଉପଯୁକ୍ତ ସ୍ୱରରେ କବିତା ଅଭିନୟ ସହ ଆବୃତ୍ତି କରିବେ।
- ❖ ନିଜର ଆବେଗକୁ ବର୍ଣ୍ଣନା କରିବେ, ଆବେଗ ସହ ପ୍ରତିକ୍ରିୟା ପ୍ରକାଶ କରିବେ।

**ପରିବେଶ :**

- ● ମୁରୁଜକୁ ନେଇ ବିଭିନ୍ନ ପ୍ରକାର ଝୋଟି ପକାଇବାର କୌଶଳ ଶିଖିବେ ଓ ବ୍ୟବହାର କରିବେ।
- ● ବଜାରରୁ ବିଭିନ୍ନ ଜିନିଷ ସହ ମୁରୁଜ ବି ମିଳେ ବୋଲି କହିବେ।
- ● ଚିତ୍ର ଦେଖି ଆମ ପରିବେଶରୁ ମିଳୁଥିବା ଅନେକ ଜିନିଷର ନାମ କହିବେ, ଅଙ୍କନ କରିବେ ଓ ରଙ୍ଗ ଦେବେ।
- ● ଦୀର୍ଘ ସମୟ ଧରି ସୂକ୍ଷ୍ମ ମାଂସପେଶୀ ନିୟନ୍ତ୍ରଣାଧୀନ କାର୍ଯ୍ୟଗୁଡ଼ିକୁ ଧୈର୍ଯ୍ୟର ସହ କରିବେ।
- ● ସରଳ ସମସ୍ୟାର ସମାଧାନ କରିବା ପାଇଁ ନିଜର ବୋଧଗମ୍ୟତା ପ୍ରୟୋଗ କରିବେ।

**ଅଭ୍ୟାସ କାର୍ଯ୍ୟ :**

- ◆ ଦିଆଯାଇଥିବା ସମସ୍ତ ଅଭ୍ୟାସ କାର୍ଯ୍ୟର ଆଲୋଚନା କରି ତା'ର ଉତ୍ତରଗୁଡ଼ିକୁ ପଢ଼ିବା, ଶୁଣିବା, କହିବା ଓ ଲେଖିବା ପାଇଁ ଶିକ୍ଷକ ଧ୍ୟାନ ଦେବେ।
- ◆ ଭାଷା ସହିତ ପରିବେଶ ସଂପର୍କିତ ବିଭିନ୍ନ ପ୍ରକାର ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଶିକ୍ଷକ ପିଲାଙ୍କୁ ଦେଖାଇବେ।
- ◆ ଅଭ୍ୟାସ କାର୍ଯ୍ୟଗୁଡ଼ିକୁ ନିୟମିତ କରାଇବେ।

ପାଠ-୮

# ମାମୁନିର କଣ୍ଢେଇ



ମାମୁନିର ମନ ଭଲ ନାହିଁ
ସକେଇ ହେଉଛି କଇଁକଇଁ ।
କଣ୍ଢେଇ ଗୋଟିଏ ନାହିଁ ତା'ର
ଲୁହ ଗଡ଼ିଯାଏ ସରସର ।




ମାଟିର କଣ୍ଢେଇ ଗଢ଼ି ଆଈ
ମାମୁନି ପାଖରେ ଦେଲେ ଥୋଇ ।
ମାମୁନି ଟିକିଏ ଦେଲା ଚାହିଁ
କଣ୍ଢେଇ ଦେହରେ ରଙ୍ଗ ନାହିଁ ।

ସବୁରଙ୍ଗ ମାମୁ ହାତେ ଦେଖି
ମାମୁନିର ଆଖି ଗଲା ଲାଖି ।
ରଙ୍ଗ ଡବା ଧରି ଦଉଡ଼ିଲା
କଣ୍ଢେଇ ଗୁଡ଼ିକୁ ରଙ୍ଗ କଲା ।



କୁଆ କୋଇଲିଙ୍କୁ କଳା କଳା
ବଗ ବଗୁଲୀଙ୍କୁ ବୋଳି ଧଳା ।
ମାଟିଆ ରଙ୍ଗକୁ ଚିଲ ଦେହେ
ପାରା ଧରି ରଙ୍ଗ ଆଡ଼େ ଚାହେଁ ।


ହଳଦୀ ବସନ୍ତ ବାକି ଅଛି
ହଳଦିଆ ରଙ୍ଗ ଦେବ ବାଛି ।
ମାମୁନିର ମୁଣ୍ଡ ବୁଲାଇଲା
ହାତୁ ରଙ୍ଗଡବା ପଡ଼ିଗଲା ।



ସବୁ ରଙ୍ଗଯାକ ହେଲା ଗୋଳି
ମୟୁର ଦେହରେ ଦେଲାବୋଳି ।
ମାମୁନି ହସିଲା କିରିକିରି
ଖୁସିରେ ବୁଲିଲା ଘିରିଘିରି ।



**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରଥମେ କବିତାରେ ଥିବା ଚିତ୍ରଗୁଡ଼ିକ ଦେଖାଇ ପିଲାଙ୍କ ସହ ଆଲୋଚନା କରିବେ। ଶିକ୍ଷକ ପିଲାମାନଙ୍କ ସହ  କବିତାଟିକୁ ଗାଇକି ଶୁଣାଇବେ। ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାଙ୍କ ପଛରେ ଗାଇବେ। ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ।



## ଅଭ୍ୟାସ



**୧.** **ଆସ କଥା ହେବା ।**

(କ) ଯେପରି ମାଟିରେ କଣ୍ଢେଇ ହୁଏ, ସେହିପରି ଆଉ କେଉଁଥିରୁ କଣ୍ଢେଇ ଗଢ଼ାଯିବାର ତୁମେ ଜାଣିଛ ?

(ଖ) ମାଟିରେ ତୁମେ କେଉଁସବୁ କଣ୍ଢେଇ ଗଢ଼ିପାରିବ ?

(ଗ) କଣ୍ଢେଇ ଗଢ଼ିଲା ପରେ ଯଦି ରଙ୍ଗ ନଦେବା, ତେବେ ସେଗୁଡ଼ିକ କିପରି ଦେଖାଯିବ ?

(ଘ) ହାତୀ କଣ୍ଢେଇଟିଏ ଗଢ଼ିବା ପାଇଁ ତୁମକୁ କ'ଣ କରିବାକୁ ପଡ଼ିବ ?

(ଙ) ତୁମକୁ କେଉଁ କଣ୍ଢେଇ ବହୁତ ପସନ୍ଦ, କୁହ ।

**୨.** **ଦେଖ ଓ ଲେଖ ।**

ଣ୍ଡ

ଣ୍ଢ

**୩.** **ଚିତ୍ରର ନାମରୁ ଯୁକ୍ତାକ୍ଷର ବାଛି ଲେଖ ।**







ମେଣ୍ଢା – ◯ ଷଣ୍ଢ – ◯ ଖଣ୍ଡା – ◯

୪. ପଢ଼ ଓ ଲେଖ ।

| | | | | | |
|---|---|---|---|---|---|
| ଗଣ୍ଡ | | ଭଣ୍ଡା | | ଷଣ୍ଢ | |
| ମୁଣ୍ଡ | | ଶୁଣ୍ଢ | | ମେଣ୍ଢା | |

୫. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ନେଇ ବାକ୍ୟ ପୂରଣ କର ।

(ମୁଣ୍ଡ, ଶୁଣ୍ଢ, ଅମୃତଭଣ୍ଡା, ଶଣ୍ଡା, ମୁଣ୍ଡିଆ)

(କ) ହାତୀ ---------------- ହଲାଇ ଚାଲୁଥାଏ ।



(ଖ) ମେଣ୍ଢା --------------- ଟି ଭାରିଟାଣ,

ତା' ----------------କୁ ସାବଧାନ ।


(ଗ) ପିଆଜ --------------- ଖାଇବାକୁ ଭଲ ଲାଗେ ।

(ଘ) --------------- ଦେହ ପାଇଁ ହିତକର ।

୬. 'କ'ସ୍ତମ୍ଭ ରେ ଥିବା ଚିତ୍ର ସହ 'ଖ'ସ୍ତମ୍ଭରେ ଥିବା ତା'ର ନାମକୁ ଯୋଡ଼ ।

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
|  | ହାଣ୍ଡି |
|  | ଗଣ୍ଡା |
|  | ଗେଣ୍ଡା |
|  | ଶୁଣ୍ଢ |
|  | ଭେଣ୍ଡି |

୭.   ଗୋଲେଇରେ ଥିବା 'ଣ୍ଡ' ଯୁକ୍ତାକ୍ଷର ସହ ଯୋଡ଼ି ନୂଆ ଶବ୍ଦ ଗଢ଼ ଓ ଲେଖ ।




| | | | |
|---|---|---|---|
| ତୁଣ୍ଡ | | | |
| | | | |

୮.   ଜାଣିଥିବା ଯୁକ୍ତାକ୍ଷର ଗୁଡ଼ିକୁ ଲେଖ ।

| | | | |
|---|---|---|---|
| ଙ୍କ | | | |
| | | | |
| | | | |

## ୯. କବିତାକୁ ପଢ଼ି ଉତ୍ତର ଲେଖ ।

(କ) ମାମୁନି କାହିଁକି କାନ୍ଦୁଥିଲା ?

---------------------------------------------------------------

(ଖ) ଆଈ ମାମୁନି ପାଇଁ କ'ଣ ଗଢ଼ିଦେଲେ ?

---------------------------------------------------------------

(ଗ) ମାମୁ କାହିଁକି ସବୁ ରଙ୍ଗ ମାମୁନିକୁ ଦେଲେ ?

---------------------------------------------------------------


(ଘ) ଶେଷରେ ମାମୁନି କେଉଁ କଣ୍ଢେଇରେ ରଙ୍ଗ ଦେଲା ?


---------------------------------------------------------------

(ଙ) ଯଦି ତୁମକୁ ମାଟିରେ ତିଆରି ପାରାଟିଏ ଦିଆଯାଏ, ତେବେ ତୁମେ ତାକୁ କେଉଁ ରଙ୍ଗ ଦେବ ?

---------------------------------------------------------------

## ୧୦. ଚିତ୍ରରେ ରଙ୍ଗ ଦିଅ ।





୧୧. ତଳେ ଦିଆଯାଇଥିବା ପରିବାଗୁଡ଼ିକରୁ ସବୁଜ ରଙ୍ଗ ପରିବାକୁ ଅଲଗା କରି ଲେଖ ।

(କ) ଗାଜର, ପୋଟଳ, ଭେଣ୍ଡି, -------------, ---------------।

(ଖ) କାକୁଡ଼ି, ସାରୁ, ଝୁଡ଼ଙ୍ଗ, -------------, ---------------।

(ଗ) ମୂଳା, ସଜନା ଛୁଇଁ, ବନ୍ଧାକୋବି, -------------, ---------------।

୧୨. କବିତାକୁ ପଢ଼ି ଓ ସାଙ୍ଗମାନଙ୍କ ସହ କଥା ହୋଇ ଧାଡ଼ି ପୂରଣ କର ।

(କ) ମାମୁନି କାନ୍ଦିଲା କଇଁ କଇଁ,

ଢୋଲ ବାଜୁଥିଲା -----------------।

(ଖ) ବଗ ବଗୁଲୀଙ୍କୁ କଳା ଧଳା,

କଜଳପାତୀକୁ କଳା ---------------।

୧୩. ତୁମ ପାଇଁ କାମ ।

(କ) ଶ୍ରେଣୀ କକ୍ଷରେ ଥିବା ଶିକ୍ଷଣ ସାମଗ୍ରୀଗୁଡ଼ିକୁ ଶିକ୍ଷଣ କୋଣରେ ସଜାଡ଼ି ରଖିବ ।

(ଖ) ସତ୍ୟ କହିବ ନିତ୍ୟେ ତୁଣ୍ଡେ,
କେବେ ହେଁ ନଥିବ ପାଷାଣ୍ଡେ ।
(ଗୁରୁଜନଙ୍କ ସହଯୋଗ ନେଇ ଆବୃତ୍ତି କର ।)




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- 'ଣ୍ଡ' ଓ 'ଣ୍ଟ' ଯୁକ୍ତାକ୍ଷର ଚିହ୍ନିବେ ।
- ଠିକ୍ ବନାନ ସହ 'ଣ୍ଡ' ଓ 'ଣ୍ଟ' ଯୁକ୍ତାକ୍ଷରକୁ ବ୍ୟବହାର କରି ଶବ୍ଦ ଓ ବାକ୍ୟ ଗଢ଼ିବେ, ପଢ଼ିବେ ଓ ଲେଖିବେ ।
- କବିତାର ଅସଂପୂର୍ଣ୍ଣ ଅଂଶକୁ ପୂରଣ କରିବେ ।
- କବିତାକୁ ଉପଯୁକ୍ତ ସ୍ୱରରେ ଅଭିନୟ ସହ ଆବୃତ୍ତି କରିବେ ।
- କବିତାକୁ ପଢ଼ି ବୁଝିବା ସହ ପ୍ରଶ୍ନର ଉତ୍ତର କହିବେ ଓ ଲେଖିବେ ।
- ନିଜ ଭାଷାରେ ଛୋଟ କବିତା ସୃଷ୍ଟି କରିବେ ।
- ପ୍ରସଙ୍ଗ ଆଧାରିତ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିବେ, ପ୍ରଶ୍ନ ପଚାରିବେ ଓ ଉତ୍ତର ଦେବେ ।
- ବହୁମାତ୍ରା ବିଶିଷ୍ଟ ଶବ୍ଦ, ଯୁକ୍ତାକ୍ଷର ଓ ନିରର୍ଥକ ଶବ୍ଦକୁ ନିର୍ଭୁଲ ଭାବରେ ପଢ଼ିବେ ।

**ପରିବେଶ :**

- ବିଭିନ୍ନ ରଙ୍ଗ ଜାଣିବେ ଓ ବ୍ୟବହାର କରିବେ ।
- ମାଟିରେ କଣ୍ଢେଇ ତିଆରି କରିବେ ।
- ଆମ ପରିବେଶରେ ରହୁଥିବା ବିଭିନ୍ନ ପ୍ରକାର ପକ୍ଷୀ ଓ ସେମାନଙ୍କ ରଙ୍ଗ ବିଷୟରେ କହିବେ ।
- ପରିବେଶରୁ ମିଳୁଥିବା ପନିପରିବାର ରଙ୍ଗ କହିବେ ।

**ଅଭ୍ୟାସ କାର୍ଯ୍ୟ :**

- ବ୍ୟକ୍ତିଗତ ଭାବେ ଅଭ୍ୟାସ କାର୍ଯ୍ୟଗୁଡ଼ିକ କରି ଆଲୋଚନା କରିବେ ।
- ସୂଚନା ଅନୁସାରେ ଅଭ୍ୟାସ କାର୍ଯ୍ୟ କରିବେ ।
- ଆବଶ୍ୟକ ସ୍ଥଳେ ଶିକ୍ଷକ ଅଧିକ ପ୍ରଶ୍ନ ତିଆରି କରି ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କରି ଶିକ୍ଷଣ ଫଳାଫଳ ହାସଲ ପାଇଁ ଚେଷ୍ଟା କରିବେ ।

ପାଠ-୯

# ବେଲୁନ୍ ଗଲା ଉଡ଼ି



ଖରାଛୁଟି ସମୟ। ଭଟ୍ଟବାବୁଙ୍କ ପୁଅ ଅନନ୍ତ ଖରାବେଳେ ଶୋଇଥିଲା। ମାଆ କାନ୍ହୁକୁ ଲାଗି ତା' ପାଖରେ ଶୋଇଥିଲେ।



ଅନନ୍ତ ସପନ ଦେଖିଲା। ବେଲୁନ୍‌ବାଲାଟିଏ ତାଙ୍କ ଘର ଅଗଣାରେ ନାଲି, ନୀଳ, ହଳଦିଆ ଓ କଳା ରଙ୍ଗର ବେଲୁନ ଧରି ବିକୁଛି। ସେ ଦେଖିଲା, ବାଇଗଣୀ ରଙ୍ଗର ବେଲୁନ୍‌ଟା ସବୁଠୁ ଉପରେ ଅଛି। ଅନନ୍ତ ବେଲୁନ୍‌ବାଲାକୁ ପଚାରିଲା, ଉପରେ ଉଡୁଥିବା ବେଲୁନ୍‌ଟି ମୋତେ ଦେବ ?

ବେଲୁନ୍‌ବାଲା କହିଲା-, ''କାହିଁକି ଦେବି ନାହିଁ ? ଏ ସବୁ ପରା ମୁଁ ବିକିବାକୁ ଆଣିଛି।''

ଏତିକି ବେଳେ ଅଜା ଘରୁ ବାହାରି ଆସିଲେ। ଅନନ୍ତ ଅଜାଙ୍କୁ ଦେଖି କହିଲା, ''ଅଜା ମୁଁ ବେଲୁନ୍ କିଣିବି।''

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପିଲାମାନଙ୍କୁ ପ୍ରଥମେ ଚିତ୍ରଟିକୁ ଦେଖାଇ ଆଲୋଚନା କରିବେ। ପିଲାମାନଙ୍କୁ ଗଳ୍ପଟିକୁ ଅଭିନୟ ସହ ଶୁଣାଇବେ। ଶିକ୍ଷକ ପ୍ରଥମେ ଗପଟିକୁ ପଢ଼ିବେ, ତା'ପରେ ପିଲାମାନେ ନିର୍ଭୁଲ ଭାବେ ପଢ଼ିବେ। ଶେଷରେ ଶିକ୍ଷକ ପିଲାଙ୍କ ସହ ଗପ ଉପରେ ଆଲୋଚନା କରିବେ।

ଅନନ୍ତର କଥା ଶୁଣି ଅଜା ବେଲୁନ୍‌ବାଲାକୁ କହିଲେ-, ‘‘ତୁମେ ମୋ ନାତିକୁ ସବୁ ବେଲୁନ୍ ଦେଇଦିଅ।’’

ବେଲୁନ୍‌ବାଲା ସବୁ ବେଲୁନ୍ ଅନନ୍ତକୁ ଦେଲା। ସେ ସବୁ ବେଲୁନ୍‌ର ସୂତାକୁ ଏକାଠି ଧରି ଏ... ଏ... ମୋ ବେଲୁନ୍ କହି ଦୌଡ଼ିବାକୁ ଲାଗିଲା।




ହଠାତ୍ ବେଲୁନ୍‌ର ସୂତା ଅନନ୍ତ ହାତରୁ ଖସିଗଲା। ବେଲୁନ୍ ସବୁ ଝୁଲିଝୁଲି ଆକାଶରେ ଉଡ଼ିବାକୁ ଲାଗିଲେ। ପିଲାଏ ବେଲୁନ୍ ଦେଖି ତାଳିମାରି ନାଚିଲେ। କିନ୍ତୁ ଅନନ୍ତ ଭେଁ ଭେଁ ରଡ଼ି ଛାଡ଼ି ଜୋରରେ କାନ୍ଦିଲା।

ଅନନ୍ତର କାନ୍ଦ ଶୁଣି ମାଆଙ୍କ ନିଦ ଭାଙ୍ଗିଗଲା। ଦେଖିଲେ ଅନନ୍ତ ମୋ ବେଲୁନ୍... ବେଲୁନ୍... ଉଡ଼ିଗଲା... ଉଡ଼ିଗଲା କହି କାନ୍ଦିବାରେ ଲାଗିଛି।

ମାଆ ଅନନ୍ତକୁ ହଲେଇ ଉଠାଇ ଦେଇ କହିଲେ, ‘‘ଆରେ ! ଖରାବେଳଟାରେ କ’ଣ ସ୍ୱପ୍ନ ଦେଖୁଛୁ ? ଅନନ୍ତ ହସି ଦେଲା।





## ଅଭ୍ୟାସ



**୧. ଆସ କଥା ହେବା ।**

(କ) ବେଲୁନ୍ କାହିଁକି ଉଡ଼ିଗଲା ?

(ଖ) ତୁମେ କେବେ ସ୍ୱପ୍ନ ଦେଖିଛ କି ? ତେବେ କେଉଁ ସବୁ ସ୍ୱପ୍ନ ଦେଖିଛ କୁହ ?

(ଗ) ତୁମ ହାତରୁ ଯଦି ବେଲୁନ୍ ଉଡ଼ିଯିବ, ତେବେ ତୁମେ କ'ଣ କରିବ ?

(ଘ) ତୁମକୁ ଜାତୀୟ ପତାକା ଆଙ୍କିବାକୁ ହେଲେ, ସେଥିରେ ତୁମେ କେଉଁ ସବୁ ରଙ୍ଗ ଦେବ ?

(ଙ) ତୁମେ ଯଦି ବେଲୁନ୍ ଭଳି ଆକାଶରେ ଉଡ଼ି ପାରନ୍ତ, ତେବେ ତୁମକୁ କେମିତି ଲାଗନ୍ତା, ସାଙ୍ଗମାନଙ୍କ ସହ ଆଲୋଚନା କରି କୁହ ।

**୨. ଦେଖ ଓ ଲେଖ ।**

ଛ


ନ୍ତ


ନ୍ଥ

**୩. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ପଢ଼ି ଓ ଚିତ୍ର ଦେଖି ତା'ର ନାମ ଲେଖ ।**

(ଫୁଲ ପେନ୍ଥା, ଅଟ୍ଟାଳିକା, ସାଧୁସନ୍ଥ, ଯନ୍ତା, କାନ୍ଥ, ଦାନ୍ତ, ତନ୍ତ, ବୃନ୍ତ)








ନାମ – ନାମ – ନାମ – ନାମ – ନାମ –

୪. ଚକରେ ଥିବା ଅକ୍ଷର ସହିତ 'ନ୍ତ' ଯୁକ୍ତାକ୍ଷରକୁ ମିଶାଇ ଶବ୍ଦ ଗଢ଼ ଓ ନଳ ଭିତରେ ଲେଖ।




୫. ପାଠଟିକୁ ପଢ଼ି ଉତ୍ତର ଲେଖ। ଙ୍କ, ନ୍ତ ଓ ନ୍ଥ ଲାଗିଥିବା ଶବ୍ଦଗୁଡ଼ିକୁ ଆଣି ଖାଲି ଘରେ ଲେଖ।

ଙ୍କ ---------------, ---------------, ---------------।

ନ୍ତ ---------------, ---------------, ---------------।

ନ୍ଥ ---------------, ---------------, ---------------।

୬. ପାଠଟିକୁ ପଢ଼ି ଉତ୍ତର ଲେଖ।

(କ) ଭଟ୍ଟବାବୁଙ୍କ ପୁଅର ନାମ କ'ଣ ?

-------------------------------------------------------------

(ଖ) ଅନନ୍ତ ସ୍ୱପ୍ନରେ କ'ଣ ଦେଖିଲା ?

-------------------------------------------------------------

(ଗ) ମାଆ କ'ଣ ପାଇଁ ଅନନ୍ତକୁ ଉଠାଇଦେଲେ ?

-------------------------------------------------------------

(ଘ) ଅନନ୍ତକୁ ବେଲୁନ୍ କିଏ କିଣି ଦେଲା ?

-------------------------------------------------------------

(ଙ) ବେଲୁନ୍‌ଟି ଉଡ଼ିଯାଇ କଣ୍ଟା ଗଛରେ ବାଜିଥିଲେ କ'ଣ ହୋଇଥାନ୍ତା ?

-------------------------------------------------------------

୭. ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

କାଳିଅଟ୍ଟା ----------------


ଜୁରଟ୍ଟାଭଆ ----------------

ହାଟ୍ଟଅସ୍ୟ ----------------

ପଶିଟ୍ଟଷ୍ୟ ----------------

ଟ୍ଟାରିକାଭ ----------------

୮. ଶବ୍ଦ ଗଢ଼ ଓ ଲେଖ ।




----------------

----------------

----------------

----------------

----------------

----------------

୯. ଚିତ୍ର ଦେଖ ଓ ଚିତ୍ରରେ ଥିବା ଘଟଣାକୁ ଦେଖି ୩ଟି ବାକ୍ୟ ଲେଖ ।



----------------------------------------------------------------

----------------------------------------------------------------

----------------------------------------------------------------

୧୦. ଅନନ୍ତ ଭେଁ ଭେଁ ରଡ଼ି ଛାଡ଼ି ଜୋରରେ କାନ୍ଦିଲା ।

ଯେପରି :

ଭେଁ ଭେଁ

ସେହିପରି ୪ଟି ଶବ୍ଦ ଲେଖ ।

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

୧୧. ତୁମ ପାଇଁ କାମ ।

ଚିତ୍ର କର ଓ ରଙ୍ଗ ଦିଅ ।





# ୯ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

## କ'ଣ ଶିଖିବେ ?



### ଭାଷା :

- ❖ 'ଙ୍ଗ', 'ନ୍ତ' ଓ 'ନ୍ଥ' ଯୁକ୍ତାକ୍ଷର ଚିହ୍ନିବେ।
- ❖ ଠିକ୍ ବନାନ୍ ସହ ଶବ୍ଦ ଓ ବାକ୍ୟ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ❖ ସରଳ ଭାବରେ ସହଜ ପ୍ରଶ୍ନର ଉତ୍ତର ଦେବେ।
- ❖ ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ବୁଝିବେ।
- ❖ ଅସଜଡ଼ା ଶବ୍ଦର ଅକ୍ଷର ଗୁଡ଼ିକୁ ସଜାଡ଼ି ଠିକ୍ ଠିକ୍ ଶବ୍ଦ କହିବେ ଓ ଲେଖିବେ।
- ❖ ପ୍ରସଙ୍ଗର ଉଦ୍ଦେଶ୍ୟକୁ ବୁଝି ନୂଆ କାହାଣୀ କହିବେ ଓ ଲେଖିବେ।
- ❖ ସମତାଳ ଧ୍ୱନୀ ବିଶିଷ୍ଟ ଶବ୍ଦ ଗଢ଼ିବେ।
- ❖ ଶବ୍ଦରେ ଥିବା ଧ୍ୱନିକୁ ଭାଙ୍ଗିବେ, ଯୋଡ଼ିବେ ଓ ପରିଚିତ ଶବ୍ଦ ଗଢ଼ିବେ।

### ପରିବେଶ :


- ବିଭିନ୍ନ ରଙ୍ଗ ବିଷୟରେ ଧାରଣା ପାଇବେ।
- ଅଜା ଓ ନାତିର ସମ୍ପର୍କ ମଧୁର ବୋଲି କହିବେ।
- ବେଲୁନ୍‌ବାଲା ଭଳି ଅନ୍ୟ ବୁଲା ବିକାଳିମାନଙ୍କ ବିଷୟରେ ଅବଗତ ହେବେ।
- ପରିବେଶରୁ ମିଳୁଥିବା ଙ୍ଗ, ନ୍ତ, ନ୍ଥ ଯୁକ୍ତାକ୍ଷରଯୁକ୍ତ ଜିନିଷ ସହିତ ପରିଚିତ ହେବେ।
- ପରିବାରର ସଦସ୍ୟ ଓ ତାଙ୍କ କାର୍ଯ୍ୟକୁ ସମ୍ମାନ ଦେବେ।

### ଅଭ୍ୟାସ କାର୍ଯ୍ୟ :

- ◆ ଦିଆଯାଇଥିବା ସୂଚନା ଅନୁସାରେ ଶିକ୍ଷକ ଅଭ୍ୟାସ କାର୍ଯ୍ୟଗୁଡ଼ିକ କରିବେ।
- ◆ ଆବଶ୍ୟକସ୍ଥଳେ ଅଧିକ ପ୍ରଶ୍ନ ପ୍ରସ୍ତୁତ କରି ପିଲାଙ୍କୁ ଅଭ୍ୟାସ ପାଇଁ ଦେବେ।
- ◆ ଯୁକ୍ତାକ୍ଷର ଶବ୍ଦଗୁଡ଼ିକୁ ବ୍ୟବହାର କରି ଶିକ୍ଷକ ଶ୍ରୁତଲିଖନ ଡାକିବେ।
- ◆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ପିଲାମାନଙ୍କୁ ଦେବେ ଓ ଅଭ୍ୟାସ କରିବେ।

ପାଠ-୧୦

# ମହାରାଜାଙ୍କୁ ଜ୍ୱର




ବାଘ ମହାରାଜାଙ୍କୁ ପ୍ରବଳ ଜ୍ୱର। ସଭିଏଁ ନୀରବ। ପାଖରେ ଭାଲୁ ବୈଦ୍ୟ ଥାଆନ୍ତି। ଦ୍ୱାର ପାଖରେ ନିର୍ଭୟରେ ବିଲୁଆଟି ଠିଆ ହୋଇଥାଏ। ଶଯ୍ୟା ପାଖରେ ମାଙ୍କଡ଼ଟି ବସିଥାଏ। ଦୀର୍ଘ ଶ୍ୱାସ ଛାଡ଼ି ମହାରାଜା ଆଦେଶ ଦେଲେ, ‘‘-ଶୀଘ୍ର ବଣର ସବୁ ପଶୁପକ୍ଷୀଙ୍କୁ ଖବର ଦିଅ। ସମସ୍ତେ ଆସି ଏଠି ଏକାଠି ହୁଅନ୍ତୁ।’’

ମହାରାଜାଙ୍କ ଖବର ପାଇ ହାତୀ ପାଚିଲା ପଣସ, ହରିଣ ତରଭୁଜ, ଗୟଳ ଲାଲ ଡାଳିମ୍ବ ଓ ଠେକୁଆ କଳା ଅଙ୍ଗୁର ଧରି ଆସିଲେ । ମାଙ୍କଡ଼ ପାଚିଲା କେନ୍ଦୁ, ଶୁଆ ପାଚିଲା ପିଜୁଳି, ମୟୂର ଜାମୁକୋଳି ଓ ପ୍ରଜାପତି ମହୁ ଧରି ପହଞ୍ଚିଲେ । ସମସ୍ତେ ଆଣିଥିବା ବନଜାତ ଦ୍ରବ୍ୟ ରାଜାଙ୍କୁ ଭେଟି ଦେଲେ । ପଶୁପକ୍ଷୀ ମିଶି ବାଘ ରାଜାଙ୍କ ଆରୋଗ୍ୟ କାମନା କଲେ ।



ଔଷଧ ଖାଇ ମହାରାଜାଙ୍କ ଜ୍ୱର ଧୀରେ ଧୀରେ ଭଲ ହୋଇଗଲା । ସେ ସ୍ୱାଭାବିକ ଭାବେ ରାଜତ୍ୱ କରିବାକୁ ସମର୍ଥ ହେଲେ । ଏବେ ନିର୍ଜନ ଜଙ୍ଗଲରେ ମହାରାଜାଙ୍କ ଗର୍ଜନ ଶୁଭିଲା । ମହାରାଜା ପଶୁପକ୍ଷୀମାନଙ୍କ ପାଇଁ ଏକ ବଡ଼ ଭୋଜିର ଆୟୋଜନ କଲେ ।

ନାରଙ୍ଗୀ, ଧଳା ଓ ହଳଦିଆ କପଡ଼ାରେ ମଞ୍ଚ ସଜାଗଲା । ମଞ୍ଚଠାରୁ କିଛି ଦୂରରେ ଥିବା ତୋରଣଟି ଲାଲ, ବାଇଗଣି ଓ ନୀଳ ରଙ୍ଗର ଫୁଲରେ ଶୋଭା ପାଇଲା । ରଙ୍ଗ ବେରଙ୍ଗର ପୋଷାକ, ଜୋତା, ଟୋପି ପିନ୍ଧି ସମସ୍ତେ ଭୋଜିକୁ ଆସିଲେ । ଠେକୁଆଟି କଳା ଟୋପି ଓ ଧଳା ପ୍ୟାଣ୍ଟ ପିନ୍ଧି ସମସ୍ତଙ୍କୁ ପାଛୋଟି ନେଲା । ଏହାପରେ ସମସ୍ତେ ଗୀତ ଗାଇ ଖୁସିରେ ନାଚିଲେ । ଭୋଜି ଖାଇ ନିଜନିଜ ଘରକୁ ଫେରିଗଲେ ।



# ଅଭ୍ୟାସ

**୧.** ଆସ କଥା ହେବା ।

(କ) ବାଘ ମହାରାଜା ପଶୁପକ୍ଷୀଙ୍କୁ କେଉଁ ଆଦେଶ ଦେଇଥିଲେ ?

(ଖ) କେଉଁ ସବୁ ରଙ୍ଗରେ ମଞ୍ଚ ସଜାଗଲା ?

(ଗ) ତୁମକୁ ଯଦି ଜଙ୍ଗଲର ରାଜା କରାଯାଏ, ତେବେ ତୁମେ କ'ଣ କରିବ ?

(ଘ) କେଉଁ ସବୁ ଫଳଗୁଡ଼ିକୁ ବଣରୁ ସଂଗ୍ରହ କରାଯାଏ, କୁହ ?

(ଙ) ଜଙ୍ଗଲରେ ବାଘ କିପରି ଗର୍ଜନ କରେ ଅଭିନୟ କରି କୁହ ଓ ଅନ୍ୟ ଜୀବଜନ୍ତୁଙ୍କ ସ୍ୱର ସହ ଅଭିନୟ କର ।

**୨.** ଚିତ୍ର ଦେଖ ଓ ତଳେ ଥିବା ଶବ୍ଦଗୁଡ଼ିକରୁ ରେଫ୍ ' ´ ' ଲାଗିଥିବା ଅକ୍ଷରକୁ ◯ (ଗୋଲ୍) ଭିତରେ ଲେଖ ।



କୋଣାର୍କ ◯



ପର୍ବତ ◯



ମର୍କଟ ◯



ସର୍ପ ◯

## ୩. ଚିତ୍ର ସହ ଉପଯୁକ୍ତ ଶବ୍ଦ କୁ ଗାର ଟାଣି ଯୋଡ଼ ।

| ଚିତ୍ର | ଶବ୍ଦ |
| --- | --- |
|  | ବର୍ଷା |
|  | ଗର୍ଜନ |
|  | ଦର୍ପଣ |
|  | ପ୍ରାର୍ଥନା |
|  | ସର୍ବତ |
| | ସର୍ପ |

## ୪. କୋଠରିରୁ ଅକ୍ଷର ନେଇ ଶବ୍ଦ ଗଢ଼ ।

ର୍ଶ, ର୍ଜ, ର୍ଝ, ର୍ଗ, ର୍ପ, ର୍ବ

ଯେପରି : ମା _ର୍ଗ_ ଶିର

ଗ ___ ନ

ପରାମ ___


ବିସ ___ ନ

ନି ___ ରିଣୀ

ପ ___ ତ

ଆଦ ___

୫. ଚିତ୍ର ଦେଖ ଓ କୋଠରିରେ ତା'ର ନାମ ଲେଖ ।





୬. ପଢ଼ ଓ ଲେଖ ।

| | | | | | |
|---|---|---|---|---|---|
| ସର୍ପ | = | | ନଦୀ ସ୍ରୋତ | = | |
| ପରିଶ୍ରମ | = | | ତାମ୍ର ପାତ୍ର | = | |
| ପ୍ରିୟଭ୍ରାତା | = | | ଆଶୀର୍ବାଦ | = | |

୭. ଶେଷ ଅକ୍ଷରରେ 'ର' ଫଳା ( ୍ର ) ଦେଇ ଶବ୍ଦଟିକୁ ପଢ଼ ଓ ଲେଖ ।

| | | | | | |
|---|---|---|---|---|---|
| ଚକ | = | | ଶୀଘ | = | |
| ନିଦା | = | | ବଜ | = | |

୮. **ପାଠଟିକୁ ପଢ଼ି ଉତ୍ତର ଲେଖ ।**

(କ) କାହାକୁ ଜ୍ୱର ହୋଇଥିଲା ?

----------------------------------------------------------------

(ଖ) କେଉଁମାନେ ମହାରାଜାଙ୍କୁ ଦେଖାକରିବାକୁ ଆସିଥିଲେ ?

----------------------------------------------------------------

(ଗ) ବାଘ ରାଜା ସମସ୍ତଙ୍କୁ କାହିଁକି ପ୍ରଶଂସା କଲେ ?

----------------------------------------------------------------

(ଘ) ଏହି ପାଠରେ ଉପହାର ଦେବା ବଦଳରେ କେଉଁ ଶବ୍ଦ ବ୍ୟବହାର କରାଯାଇଛି ?

----------------------------------------------------------------

(ଙ) ମହାରାଜାଙ୍କ ଆୟୋଜିତ ଭୋଜିରେ କ'ଣ ସବୁ ରନ୍ଧା ହୋଇଥିବ, ଚିନ୍ତାକରି କୁହ ?

----------------------------------------------------------------

୯. **ଶିକ୍ଷକଙ୍କ ସହ ଆଲୋଚନା କରି ତୁମ ବିଦ୍ୟାଳୟରେ ପ୍ରତିଦିନ ଦିଆଯାଉଥିବା ଖାଦ୍ୟର ତାଲିକା ପ୍ରସ୍ତୁତ କର ।**

ସୋମବାର ----------------------------------------------------

ମଙ୍ଗଳବାର ----------------------------------------------------

ବୁଧବାର ----------------------------------------------------

ଗୁରୁବାର ----------------------------------------------------

ଶୁକ୍ରବାର ----------------------------------------------------

ଶନିବାର ----------------------------------------------------

୧୦. **ଚିତ୍ର ଦେଖ ଓ ତଳେ ଥିବା ଶବ୍ଦକୁ ନେଇ ଧାଡ଼ିଟିଏ ଲେଖ ।**



ଅଶ୍ୱ



ଜିହ୍ୱା

## ୧୧. ଆସ ଆଲୋଚନା କରି ପ୍ରଶ୍ନ ତିଆରି କରିବା ।

(କ) ଭାଲୁକୁ ଜ୍ୱର ହୋଇଥିଲା ।

(ଖ) ରାଜାଙ୍କର ଅଶ୍ୱର ନାମ ବିଶ୍ୱ ।

(ଗ) ଜଣେ ଦ୍ୱିଜ ଈଶ୍ୱରଙ୍କ ମୂର୍ତ୍ତି ଆଗରେ ବସିଛନ୍ତି ।

## ୧୨. ଶୁଣ ଓ ଲେଖ । (ଶିକ୍ଷକଙ୍କ ଠାରୁ ଶୁଣି ଲେଖ ।)

ଆଶ୍ୱିନ ମାସରେ ଦୁର୍ଗାପୂଜା ହୁଏ ।

ଆମ୍ବଡ଼ାର ସ୍ୱାଦ ଆମ୍ବିଳା ।

କୋଇଲିର ସ୍ୱର ମଧୁର ।

ବିଶ୍ୱାମିତ୍ର ଋଷି ଦୟାଳୁ ସ୍ୱଭାବର ଥିଲେ ।

## ୧୩. ଅସଜଡ଼ା ଶବ୍ଦଗୁଡ଼ିକୁ ସଜାଡ଼ି ଲେଖ ।

| | | | |
|---|---|---|---|
| ଭ୍ୟାସଅ = | | ଶୀତ୍ୟସବା = | |
| ହାଯ୍ୟସା = | | ଆଶ୍ୟକବ = | |
| ମବ୍ୟାୟା = | | ବବ୍ୟୟସା = | |

## ୧୪. ବାକ୍ୟ ପଢ଼ି ଆଉ ଗୋଟିଏ ନୂଆ ବାକ୍ୟ ଲେଖ ।

ଆବଶ୍ୟକ = ସବୁ କାମରେ ସଫଳ ହେବାପାଇଁ ପରିଶ୍ରମ ଆବଶ୍ୟକ ।

ଆବଶ୍ୟକ =

ବ୍ୟବସାୟ = ରାଜୁର ମାମୁ ଲୁଗା ବ୍ୟବସାୟ କରନ୍ତି ।

ବ୍ୟବସାୟ =

## ୧୫. ତୁମେ ଜାଣିଥିବା ଭଲ ଅଭ୍ୟାସଗୁଡ଼ିକୁ ଫୁଲ ପାଖୁଡ଼ାରେ ଲେଖ ।




## ୧୬. ଆସ ଗାଇବା ଓ ସାତ ରଙ୍ଗକୁ ମନେରଖିବା ।

ସୂର୍ଯ୍ୟ ସକଳ ଶକ୍ତିର ଆଧାର,
ସେତ ରଙ୍ଗ ପସରାର ଭଣ୍ଡାର ।
ଜାଣି ରଖିଥିବ ରଙ୍ଗ ସାତୋଟି,
ବା-ଘ-ନୀ-ସ-ହ-ନା-ଲା-କୁ ହେଜୁଥିବଟି ।

**ଶିକ୍ଷକଙ୍କ ପାଇଁ ସୂଚନା :**

ଶିକ୍ଷକ ପିଲାଙ୍କୁ ବା-ଘ-ନୀ-ସ-ହ-ନା-ଲା ର ଅର୍ଥ କହିବେ । ବା-ବାଇଗଣି, ଘ-ଘନନୀଳ, ନୀ-ନୀଳ, ସ-ସବୁଜ, ହ-ହଳଦିଆ, ନା-ନାରଙ୍ଗୀ, ଲା-ଲାଲ୍ ।)




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ’ଣ ଶିଖିବେ ?



**ଭାଷା :**

- ‘ୱ’ଫଳା (୍ୱ), ‘ଯ’ଫଳା (୍ୟ), ‘ର’ଫଳା ( ୍ର ) ଓ ରେଫ୍ ‘ ର୍ ’ ଚିହ୍ନିବେ।
- ‘ଠିକ୍ ବନାନ ସହ ଶବ୍ଦ ଓ ବାକ୍ୟ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ଶୁଣୁଥିବା, ପଢୁଥିବା ଓ ଦେଖୁଥିବା ବିଷୟକୁ ବୁଝି କହିବେ।
- ସରଳ ଅନୁଚ୍ଛେଦକୁ ପଢ଼ିବେ, ଆଲୋଚନା କରି କହିବେ ଓ ଲେଖିବେ।
- ଫଳା ଯୁକ୍ତ ଶବ୍ଦ ଓ ବାକ୍ୟ ଲେଖି ପିଲାଙ୍କୁ ଚିହ୍ନାଇବେ।
- ନିଜର ଆବେଗ ପରିପ୍ରକାଶ କରିବେ।

**ପରିବେଶ :**

- ଜଙ୍ଗଲର ପଶୁପକ୍ଷୀଙ୍କୁ ଚିହ୍ନିବେ ଓ ନାମ କହିବେ।
- ପରିବେଶରୁ ମିଳୁଥିବା ବିଭିନ୍ନ ଫଳ ଓ କୋଳିର ନାମ କହିବେ।
- ଭୋଜିରେ ରାନ୍ଧିବା ପାଇଁ ଆବଶ୍ୟକୀୟ ଜିନିଷର ନାମ କହିବେ।
- ପୁଷ୍ଟିକର ଖାଦ୍ୟର ଆବଶ୍ୟକତା କହିବେ।
- ରୋଗ ଭଲ କରିବା ପାଇଁ କ’ଣ ଆବଶ୍ୟକ, କହିବେ।

**ଅଭ୍ୟାସ କାର୍ଯ୍ୟ :**

- ସୂଚନା ଅନୁସାରେ ଅଭ୍ୟାସ କାର୍ଯ୍ୟଗୁଡ଼ିକୁ ଶିକ୍ଷକ କରାଇବେ।
- ଆବଶ୍ୟକ ସ୍ଥଳେ ଅଧିକ ଚିତ୍ର ଅଭ୍ୟାସ ପ୍ରଶ୍ନ ଶିକ୍ଷଣ ସାମଗ୍ରୀ ସଂଗ୍ରହ କରି ପିଲାଙ୍କୁ ଅଭ୍ୟାସ କରାଇବେ।
- ସମସ୍ତ ଅଭ୍ୟାସ କାର୍ଯ୍ୟର ଉତ୍ତର ଶ୍ରେଣୀରେ ଆଲୋଚନା କରିବେ।



ପାଠ-୧୧



# ରଙ୍ଗ ଛାଡ଼ିଗଲା



ଜଙ୍ଗଲ ପାଖରେ ଗାଁ ଟିଏ। ନାଁ ଟି ତା'ର ସୁବର୍ଣ୍ଣପାଟଣା। ଗାଁ ଓ ଜଙ୍ଗଲ ମଝିରେ କୁଳୁକୁଳୁ ହୋଇ ନଈଟିଏ ବହିଯାଉଛି। ଗାଁର ପ୍ରାୟ ପରିବାର ଲୁଗା ବୁଣନ୍ତି। ନଦୀ ପାଖରେ ସୂତାକୁ ରଙ୍ଗ କରିବା ପାଇଁ ଧାଡ଼ି ଧାଡ଼ି ରଙ୍ଗ କୁଣ୍ଡ ରଖିଥାନ୍ତି। ରଙ୍ଗ ବେରଙ୍ଗର ସୂତାକୁ ଶୁଖାଇ ସେଥିରୁ ଲୁଗା ବୁଣନ୍ତି। କାନ୍ଧରେ ଲୁଗା ବୋହି ଲୋକମାନେ ହାଟକୁ ବିକିବାକୁ ଯାଆନ୍ତି।

ଜଙ୍ଗଲରେ ହରିଣଟିଏ ଗଛତଳେ ଶୋଇଥାଏ। ସେ ଦେଖିଲା, -ନାଲି ବିଲୁଆ, ହଳଦିଆ ଗଧିଆ ଓ ନୀଳବର୍ଣ୍ଣ ବାର୍‌ହା ଏକାଠି ହୋଇ ଆସୁଛନ୍ତି। ସେମାନଙ୍କୁ ଏପରି ଦେଖି ହରିଣ ଆଶ୍ଚର୍ଯ୍ୟ ହୋଇଗଲା। ତା'ର ବି ରଙ୍ଗୀନ ହେବାକୁ ଇଚ୍ଛା ହେଲା।


ହରିଣ ସେମାନଙ୍କୁ ପଚାରିଲା- ତୁମ ରଙ୍ଗ ଏପରି ବଦଳିଲା କେମିତି ?

ସମସ୍ତେ ହରିଣକୁ ନଈ କୂଳରେ ଥିବା ରଙ୍ଗକୁଣ୍ଡ କଥା କହିଲେ। ହରିଣ ଡେରି ନ କରି ରଙ୍ଗ କୁଣ୍ଡ ପାଖକୁ ଗଲା। ସେଠି ଯାଇ ଗୋଟେ କୁଣ୍ଡରେ ବୁଡ଼ିଲା। ତା'ର ରଙ୍ଗ ସୁନେଲି ହୋଇଗଲା। ଏଥର ଚାରିଜଣ ମିଶି ଜଙ୍ଗଲକୁ ଫେରି ଆସିଲେ।

ହରିଣ, ବିଲୁଆ, ଗଧିଆ ଓ ବାର୍‌ହାକୁ ଦେଖି ସବୁ ପଶୁ ନିଜ ରଙ୍ଗ ବଦଳାଇବାକୁ ଇଚ୍ଛା କଲେ। ସମସ୍ତେ ନଦୀ କୂଳକୁ ଗଲେ। ରଙ୍ଗକୁଣ୍ଡରେ ପଶି ସମସ୍ତେ ଖୁସିରେ ଖେଳିଲେ। ହାତୀ, ବାଘ, ଭାଲୁ, ମାଙ୍କଡ଼, ଠେକୁଆ, ଗୟଳ ଓ ଚିତା ସଭିଙ୍କ ରଙ୍ଗ ବଦଳିଗଲା। ସମସ୍ତେ ସମସ୍ତଙ୍କ ରଙ୍ଗ ଦେଖି ଖୁସିରେ ନାଚିଲେ।



ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିଲା। ଖୁବ୍ ଜୋର୍‌ରେ ମେଘ ବରଷିଲା। ବର୍ଷା ପାଣିରେ ପଶୁମାନଙ୍କ ରଙ୍ଗ ଧୋଇ ହୋଇଗଲା। ରଙ୍ଗ ଛାଡ଼ି ଯିବାରୁ ଖୁସିସବୁ ପାଣି ଫୋଟକା ପରି ମିଳାଇଗଲା।



## ଅଭ୍ୟାସ



**୧.** ଆସ କଥା ହେବା ।

(କ) ଗପଟିରେ କେଉଁ ଗାଁ କଥା କୁହାଯାଇଛି/

(ଖ) ନଈ କୂଳରେ କୁଣ୍ଡଗୁଡ଼ିକ କାହିଁକି ଥିଲା ?

(ଗ) ହାଟକୁ ଲୋକମାନେ କାହିଁକି ଯାଆନ୍ତି ?

(ଘ) ରଙ୍ଗକୁଣ୍ଡରେ ବୁଡ଼ିବା ପରେ ହରିଣର ରଙ୍ଗ କିପରି ହେଲା ?

(ଙ) ଯଦି ଦୁନିଆରେ କୌଣସି ରଙ୍ଗ ରହିନଥାନ୍ତା, ତେବେ କ’ଣ ହୋଇଥାନ୍ତା ?

**୨.** ଦେଖ ଓ ଲେଖ ।

ନ୍ଦ ନ୍ଦ

ନ୍ଧ ନ୍ଧ

ର୍ଣ୍ଣ ର୍ଣ୍ଣ

**୩.** ‘ନ୍ଦ’, ‘ନ୍ଧ’ ଓ ‘ର୍ଣ୍ଣ’ ଯୁକ୍ତାକ୍ଷର ଲଗାଇ ଖାଲିଘର ପୂରଣ କର ଓ ପଢ଼ ।

| ନ୍ଦ | ନ୍ଧ | ର୍ଣ୍ଣ |
|---|---|---|
| କ ____ | ବ ____ | ଚୂ____ |
| ମ ____ | ଗ ____ | ବ ____ |
| ଚ ____ ନ | ପ୍ରବ ____ | ନି ____ ୟ |
| ଆନ ____ | ଇ ____ ନ | ବ ____ ନା |
| ମକର____ | ନଦୀବ____ | ପରିପୂ____ |
| କ____ମୂଳ | ଅ____କାର | ବ____ବୋଧ |

**୪.** **ଆସ ଆବୃତ୍ତି କରିବା ।**

ଚନ୍ଦୁ ଗଲା ମନ୍ଦିର ବୁଲି
ବାଟେ ଦେଖିଲା ଜନ୍ଦା ଭାଇଟି
କିଣି ଖାଇଲା ବାହାର ଖାଦ୍ୟ
ଝାଡ଼ା ବାନ୍ତିର ଶିକାର ହୋଇ
ବାସି ଖାଦ୍ୟ ଓ ଦୂଷିତ ଜଳ
ଦୂରେଇ ରହିଲେ ଏସବୁ ଠାରୁ

ଦେଖିଲା ଚାନ୍ଦୁଆ କେତେ
ବନ୍ଧୁକ ଧରିଛି ହାତେ ।
ପାଟି ସୁଆଦ କଲା
ଡାକ୍ତରଖାନା ଗଲା ।
ଅଟେ ରୋଗର କାରଣ
ନ ମିଳେ କେବେ କଷଣ ।

**୫.** **ପ୍ରଥମ ପିଲା 'ନ୍ଧ' ଥିବା ଶବ୍ଦକୁ ବାଡ଼ିରେ ଫଟାଇବ । ଦ୍ୱିତୀୟ ପିଲା 'ନ୍ଦ' ଥିବା ଶବ୍ଦକୁ ଆଙ୍କୁଡ଼ାରେ ଟାଣିବ ।**



**୬.  ଚିତ୍ରଗୁଡ଼ିକର ନାମ ଖାଲି ସ୍ଥାନରେ ଲେଖ ।**



**୭.  ଆସ ଉତ୍ତର ଲେଖିବା ।**

(କ)  ସୁବର୍ଣ୍ଣପାଟଣା ଗାଆଁର ଲୋକମାନେ କ'ଣ କରନ୍ତି ?

---------------------------------------------------------------

(ଖ)  ଲୋକମାନେ ନଇକୂଳରେ ରଙ୍ଗ କୁଣ୍ଡଗୁଡ଼ିକ କାହିଁକି ରଖିଥାନ୍ତି ?

---------------------------------------------------------------

(ଗ)  ହରିଣଟି ଗଛ ମୂଳେ ଶୋଇ କାହାକୁ ଦେଖିଲା ?

---------------------------------------------------------------

(ଘ)  ଜଙ୍ଗଲର ପଶୁମାନେ ରଙ୍ଗ କୁଣ୍ଡରେ ବୁଡ଼ିବାକୁ କାହିଁକି ମନ କଲେ ?

---------------------------------------------------------------

(ଙ)  ପଶୁମାନଙ୍କ ଖୁସି କାହିଁକି ମିଳେଇଗଲା ?

---------------------------------------------------------------

## ୮. ନିମ୍ନ କୋଠରିରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା।

| | | | | |
|---|---|---|---|---|
| ଚୌ | ମ | ନ୍ଦା | କି | ର |
| ଔ | ନ୍ଦ | ନ୍ଦି | କୋ | ଧ |
| ବ | ନ୍ଧ | ନ୍ଧା | ବା | ବି |
| ଅ | ଘ | ନ୍ଧୁ | ଷ | କ |

ଯେପରି- ଚୌକି

-------------- -------------- -------------- --------------

-------------- -------------- -------------- --------------

-------------- -------------- -------------- --------------

-------------- -------------- -------------- --------------

## ୯. ଠିକ୍ ଉଚ୍ଚାରଣ କରି ପଢ଼ ଓ ଲେଖ।

ଆନନ୍ଦ .................. ସ୍ୱର୍ଣ୍ଣ ..................... ମଣିବନ୍ଧ .....................

ଚାନ୍ଦ .................. ପୂର୍ଣ୍ଣିମା .................. ସୁଗନ୍ଧ .....................

ସିନ୍ଦୂର .................. ବର୍ଣ୍ଣନା .................. ବନ୍ଧ .....................

ଚନ୍ଦନ .................. କଦଳୀ କାନ୍ଦି .................. କନ୍ଦମୂଳ .....................

## ୧୦. ତଳେ ଥିବା ପ୍ରତ୍ୟେକ ଶବ୍ଦକୁ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ଲେଖ।

ଚାନ୍ଦୁଆ : ------------------------------------------------------------

ସୁନ୍ଦର : ------------------------------------------------------------


ଅନ୍ଧାର : ------------------------------------------------------------

ନଈବନ୍ଧ : ------------------------------------------------------------

ବର୍ଣ୍ଣନା : ------------------------------------------------------------

ପୂର୍ଣ୍ଣଚନ୍ଦ୍ର : ------------------------------------------------------------

୧୧. ଦୁଇଛବିରେ କ'ଣ ସବୁ ଅଲଗା ଦେଖୁଛ, ତୁମ ସାଙ୍ଗ ସହ ଆଲୋଚନା କର ଓ ଲେଖ।



୧୨. ଦୂଷିତ ଜଳ ବ୍ୟବହାର କଲେ କେଉଁ ସବୁ ରୋଗ ହେବ ଗାର ଟାଣି ଯୋଡ଼।




୧୩. ତୁମ ପାଇଁ କାମ।

ବାସି ଖାଦ୍ୟ ଖାଇଲେ କେଉଁ ରୋଗ ହେବ, ମାଆଙ୍କୁ ପଚାରି ବୁଝ ଏବଂ ସାଙ୍ଗମାନଙ୍କ ସହିତ ଆଲୋଚନା କରି ୫ଟି ବାକ୍ୟ ଲେଖ।

---------------------------------------------------------------------------

---------------------------------------------------------------------------

---------------------------------------------------------------------------

---------------------------------------------------------------------------

---------------------------------------------------------------------------




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



### ଭାଷା :

- 'ନ୍ଦ' 'ନ୍ଧ' ଓ 'ର୍ଣ୍ଣ' ଯୁକ୍ତାକ୍ଷର ଚିହ୍ନିବେ ।
- ଶବ୍ଦକୁ ଉଚ୍ଚାରଣ କରିବେ ।
- ସରଳ ଭାବରେ ସହଜ ପ୍ରଶ୍ନର ଉତ୍ତର ଦେବେ ।
- ଠିକ୍ ବନାନ୍ ସହ ଶବ୍ଦ ଓ ବାକ୍ୟ ଲେଖିବେ ।
- ସ୍ଥିର ଭାବରେ ବସିବେ ଏବଂ ନିଜର ଚିନ୍ତାଗୁଡ଼ିକୁ ପର୍ଯ୍ୟବେକ୍ଷଣ କରିବାକୁ ସକ୍ଷମ ହେବେ ।
- ଆବେଗ ସହ ପ୍ରତିକ୍ରିୟା ପ୍ରକାଶ କରିବେ ।
- ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିବେ ।
- ବିଷୟବସ୍ତୁର ଚରିତ୍ରକୁ ନେଇ କାହାଣୀ ଗଢ଼ିବେ ଓ କହିବେ ।
- ପାଠରେ ଥିବା ଚରିତ୍ର, ବିଷୟବସ୍ତୁ, କ୍ରମ ଓ ଦୃଷ୍ଟିକୋଣକୁ ବୁଝିବେ ।
- ଚିତ୍ର ଦେଖି ଗପ ଲେଖିବେ ।

### ପରିବେଶ :


- ଗାଁ, ଜଙ୍ଗଲ ଓ ନଈ ବିଷୟରେ ଜାଣିବେ ।
- ଗାଁ' ରେ ଲୋକମାନେ ଓ ଜଙ୍ଗଲରେ ପଶୁପକ୍ଷୀ ରହନ୍ତି ବୋଲି କହିବେ ।
- ଗାଁ ଲୋକଙ୍କ ବୃତ୍ତି ସଂପର୍କରେ ଧାରଣା ପାଇବେ ।
- ହାଟ, ବଜାର କଥା ଜାଣିବେ ।
- ଦୂଷିତ ଜଳ ଓ ଦୂଷିତ ଖାଦ୍ୟ ବ୍ୟବହାର କଲେ କି କି ଅସୁବିଧା ହେବ ଜାଣିବେ ।
- ଏକ ପ୍ରକାର ପଶୁମାନଙ୍କ ମଧ୍ୟରେ ବଡ଼ସାନ ଚିହ୍ନାଇବେ ।


### ଅଭ୍ୟାସ କାର୍ଯ୍ୟ :

- ସୂଚନା ଅନୁସାରେ ଅଭ୍ୟାସ କାର୍ଯ୍ୟ କରିବେ ।
- ଅଧିକ ଅଭ୍ୟାସ ପାଇଁ ଶିକ୍ଷକ ଶିକ୍ଷଣ ସାମଗ୍ରୀ ଓ ଅଭ୍ୟାସ ପ୍ରଶ୍ନ ପ୍ରସ୍ତୁତ କରି ପିଲାଙ୍କୁ ଦେବେ ।
- ସମସ୍ତ ଅଭ୍ୟାସ କାର୍ଯ୍ୟ ଶ୍ରେଣୀରେ ଆଲୋଚନା କରାଇବେ ।

ତୃତୀୟ ଭାଗ

# ଶସ୍ୟଶ୍ୟାମଳା ପୃଥିବୀ





**ସୂଚନା :** ଶିକ୍ଷକ ପିଲାମାନଙ୍କୁ ଚିତ୍ରଟିକୁ ଦେଖିବା ପାଇଁ କହିବେ। ପିଲାମାନେ ଚିତ୍ରକୁ ଦେଖିସାରିବା ପରେ ଚିତ୍ରକୁ ଆଧାର କରି ନିର୍ଦ୍ଦିଷ୍ଟ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପଚାରିବେ। ଆଲୋଚନା ସମୟରେ ଶିକ୍ଷକ ପିଲାଙ୍କୁ ସେମାନଙ୍କ ଅନୁଭୂତି ସହ ଯୋଡ଼ିବେ। ଶ୍ରେଣୀର ସମସ୍ତ ପିଲାଙ୍କ ଅଂଶଗ୍ରହଣ ଓ ଘର ଭାଷାର ବ୍ୟବହାରକୁ ନିଶ୍ଚିତ କରିବେ। ଆଲୋଚନା ପରେ ପିଲାଙ୍କ ସ୍ତର ଅନୁସାରେ ଚିତ୍ର ଅଙ୍କନ, ଶବ୍ଦ ଓ ବାକ୍ୟ ଲିଖନ କାର୍ଯ୍ୟ କରାଇବେ।

ପାଠ-୧୨

# ବରଷାରାଣୀ



ବରଷାରାଣୀ ଲୋ ବରଷାରାଣୀ
କେଉଁଠି ତୁ ଥାଉ ନ ପାରୁ ଜାଣି
ନିଦାଘ ଶେଷରେ ତୁ ଆସିଥାଉ
ରିମ୍ ଝିମ୍ ନାଚି ମନକୁ ମୋହୁ । ୧ ।



ଘଡ଼ଘଡ଼ି ଅଟେ ସାଥି ତୋହର
ଚମକେ ବିଜୁଳି ଥରକୁ ଥର
ପବନରେ ଖେଳି ଯାଉ ବରଷି
ଡର ଲାଗେ ପୁଣି ଲାଗଇ ଖୁସି । ୨ ।



ଗଡ଼ିଆ ପୋଖରୀ ପାଣିରେ ଭରେ
ବେଙ୍ଗୁଲୀଟି କେଁ କଟର କରେ
ଝିଁ ଝିଁ କରେ ଝିଙ୍କାରି ଭାଇ
ମୟୂର ନାଚଇ ପୁଚ୍ଛ ମେଲାଇ । ୩ ।


ସୁନ୍ଦର ଦିଶଇ ବାଡ଼ି ବଗିଚା
ମନ ମୋହି ନିଏ ଘାସ ଗାଲିଚା
ବରଷା ଛାଡ଼ିଲେ ଘାସ ଉପରେ
ସାଧବ ବୋହୂଟି ଚାଲଇ ଧୀରେ । ୪ ।



ବରଷାରାଣୀ ତୋ ଗୁଣ ଅପାର
ତୋ' ଯୋଗୁ ମିଳଇ ଖୁସି ସମ୍ଭାର
ଜଗତର ହିତ କରିବା ପାଇଁ
ଆକାଶରୁ ଆସୁ ହସି ଓହ୍ଲାଇ । ୫ ।



**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରଥମେ କବିତାରେ ଥିବା ଚିତ୍ରଗୁଡ଼ିକ ଦେଖାଇ ପିଲାଙ୍କ ସହ ଆଲୋଚନା କରିବେ । ଶିକ୍ଷକ ପିଲାଙ୍କ ସହ କବିତାଟିକୁ ଗାଇକି ଶୁଣାଇବେ । ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାଙ୍କ ପଛରେ ଗାଇବେ । ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ ।



## ଅଭ୍ୟାସ



**୧. ଆସ କଥା ହେବା ।**

(କ) ବର୍ଷା ହେଲେ ଆକାଶରେ ତୁମେ କ'ଣ ସବୁ ଦେଖ ?

(ଖ) ବର୍ଷାକୁ ଦେଖି କେଉଁମାନେ ଖୁସି ହୁଅନ୍ତି ?

(ଗ) ଛେଳି, ବିଲୁଆ, ଗାଈ ଓ କୁକୁରମାନଙ୍କର ସ୍ୱର କରି ଅଭିନୟ କର ।

(ଘ) ବର୍ଷା ନହେଲେ କ'ଣ ହେବ ?

(ଙ) ଜଗତର ହିତ ପାଇଁ ବରଷାରାଣୀ କ'ଣ କରିଥାଏ ?


**୨. ଦେଖ ଓ ଲେଖ ।**

ମ୍ପ

ମ୍ଫ

**୩. ଚିତ୍ର ନାମରୁ ଯୁକ୍ତାକ୍ଷର ବାଛି ଗୋଲ ◯ ଭିତରେ ଲେଖ ।**



ଚମ୍ପା – ◯ ଡେମ୍ଫ– ◯ ବାମ୍ଫ– ◯ ଗୁମ୍ଫା– ◯

**୪. ପଢ଼ ଓ ମନେରଖ ।**

ସମ୍ପଦକାଳେ ସର୍ବେ ସଖା,

ବିପଦେ ନ ଦିଅନ୍ତି ଦେଖା ।

## ୫. ପଢ଼ ଓ ଲେଖ ।

ପାମ୍ପଡ଼ ------------ ବାମ୍ଫୀ ------------ ଚମ୍ପା -------------

ପିମ୍ପୁଡ଼ି ------------ ଗୁମ୍ଫା ------------ କମ୍ପ -------------

## ୬. ବନ୍ଧନୀ ମଧ୍ୟରୁ ଅକ୍ଷର ନେଇ ଖାଲି ଜାଗାରେ ଲେଖି ଶବ୍ଦ ଗଢ଼ିବା ।

| ମ୍ପ, ମ୍ଫା, ମ୍ପୁ, ମ୍ଫ, ମ୍ପା |
|---|

ସ____ର୍କ, ପି____ଡ଼ି, ଭୂମିକ____, ଲ____,

ଚ____, କ____ସ, ଗୁ____ ।

## ୭. ଚିତ୍ର ଦେଖ ଓ ତା'ର ନାମ ପାଖ କୋଠରିରେ ଲେଖ ।









## ୮. ପାଠଟିକୁ ପଢ଼ି ଉତ୍ତର ଲେଖ ।

(କ) ମେଘକୁ ଦେଖି ମୟୂର କ'ଣ କରେ ?

----------------------------------------------------------------

(ଖ) ବୃକ୍ଷଲତାଙ୍କର ବନ୍ଧୁ କିଏ ?

----------------------------------------------------------------

(ଗ) ବର୍ଷା ହେଲେ ବେଙ୍ଗବେଙ୍ଗୁଲୀ କ'ଣ କରନ୍ତି ?

----------------------------------------------------------------

(ଘ) ବର୍ଷାଋତୁ କେଉଁ ଋତୁ ପରେ ଆସେ ?

----------------------------------------------------------------

(ଙ) ମେଘ ଛାଡ଼ିବା ପରେ ତୁମେ କ'ଣ ସବୁ ଦେଖିଥାଅ, ତାହା ଲେଖ ?

----------------------------------------------------------------

## ୯. ଚିତ୍ର ଦେଖି ଗୋଟିଏ ବା ଦୁଇଟି ବାକ୍ୟ ଲେଖ ।

(କ)



------------------------------------------
------------------------------------------

(ଖ)




------------------------------------------
------------------------------------------


(ଗ)



------------------------------------------
------------------------------------------

୧୦. ଚିତ୍ରରୁ ଅକ୍ଷର ନେଇ ଶବ୍ଦ ଗଢ଼ ଓ ଲେଖ।




୧୧. ପଢ଼ ଓ କୋଠରି ଭିତରେ ଥିବା ଚିହ୍ନକୁ ଦେଖ।

(କ) ଭୂମିକମ୍ପ ହେଲେ ପୃଥିବୀ ଥରି ଉଠେ ।

(ଖ) ପରମ୍ପରା କହିଲେ କ'ଣ ବୁଝ ?

(ଗ) ଗୁମ୍ଫାରେ କିଏ ରହେ ?

(ଘ) ବାମ୍ଫୀର ଜଳ ଶୀତଳ ଅଟେ ।

୧୨. ଆସ ପରବର୍ତ୍ତୀ ଧାଡ଼ିଟି ଗାଇବା ଓ ଲେଖିବା।

(କ) ବରଷାରାଣୀ ତୋ ଗୁଣ ଅପାର,

-----------------------------------।

(ଖ) ଗଡ଼ିଆ ପୋଖରୀ ପାଣିରେ ଭରେ,

-----------------------------------।

(ଗ) ପବନରେ ଖେଳି ଯାଉ ବରଷି,

-----------------------------------।

## ୧୩. ରଙ୍ଗ ଦିଅ ।



## ୧୪. ତୁମ ପାଇଁ କାମ ।

(କ) ବର୍ଷା ସମୟରେ ତୁମେ କେଉଁ ସବୁ ସତର୍କତା ଅବଲମ୍ବନ କରିବ ? ବାପା, ମାଆ ଓ ଗୁରୁଜନଙ୍କୁ ପଚାରି ବୁଝ ଓ ଲେଖ ।

(ଖ) ବର୍ଷା ଋତୁରେ ତୁମ ଅଞ୍ଚଳରେ କେଉଁ ସବୁ ପର୍ବ ପାଳନ କରାଯାଏ, ଲେଖ ।

(ଗ) ବର୍ଷା ହେବା ସମୟରେ ସାଙ୍ଗମାନଙ୍କ ସହ ମିଶି କାଗଜ ଡଙ୍ଗା ତିଆରି କରି ପାଣିରେ ଭସାଅ ।




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- ‘ମ୍ପ’ ଓ ‘ମ୍ଫ’ ଯୁକ୍ତାକ୍ଷର ଚିହ୍ନିବେ।
- ବନାନ ସହିତ ଶବ୍ଦ ପଢ଼ିବେ ଓ ଲେଖିବେ।
- କବିତାକୁ ଉଚ୍ଚ ସ୍ୱରରେ ଆବୃତ୍ତି କରିବେ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲଭାବରେ ବୁଝିପାରୁଥିବେ।
- ବିଭିନ୍ନ ଶବ୍ଦ ଶୁଣିବେ ଓ ଲେଖିବେ।
- କବିତା ଶୁଣିବାକୁ ଆଗ୍ରହ ପ୍ରକାଶ କରିବେ।
- ଚିତ୍ର, ପଠନ ଓ ଲିଖନ କରିବେ।
- ବିରାମ ଚିହ୍ନର ବ୍ୟବହାର କରିବେ।
- ବହୁମାତ୍ରା ବିଶିଷ୍ଟ ଶବ୍ଦ, ଯୁକ୍ତାକ୍ଷର ଓ ନିରର୍ଥକ ଶବ୍ଦକୁ ସ୍ପଷ୍ଟ ଓ ନିର୍ଭୁଲ ଭାବେ ପଢ଼ିବେ।
- ତିନି ଚାରି ଅକ୍ଷର ବିଶିଷ୍ଟ, ମାତ୍ରାଯୁକ୍ତ ପରିଚିତ ଶବ୍ଦ ପଢ଼ିବେ।

**ପରିବେଶ :**


- ନିଜ ପରିବେଶରେ ଥିବା ପ୍ରାଣୀ ଓ ଉଦ୍ଭିଦକୁ ଦେଖି ଆନନ୍ଦିତ ହେବେ।
- ଚିତ୍ରଗୁଡ଼ିକୁ ତୁଳନା କରି ସମାନତା ଓ ପାର୍ଥକ୍ୟ ଚିହ୍ନଟ କରିବେ।
- ଋତୁ ସହ ମଣିଷର କାର୍ଯ୍ୟ ବିଷୟରେ ବୁଝିବେ।
- ଋତୁ ସହ ଉଦ୍ଭିଦ ଓ ପଶୁପକ୍ଷୀମାନଙ୍କର ସମ୍ପର୍କ ଜାଣିବେ।
- ବର୍ଷା ସମୟରେ ପରିବେଶର ଦୃଶ୍ୟକୁ ଅବଲୋକନ କରିବେ।

**ଅଭ୍ୟାସ କାର୍ଯ୍ୟ :**

- ଚିନ୍ତା ଓ ପ୍ରତ୍ୟାଶାମୂଳକ ପ୍ରଶ୍ନର ଉତ୍ତର କହିବେ।
- ପଠନ ଓ ଲିଖନ କାର୍ଯ୍ୟ କରିବେ।
- ଚିତ୍ର ପଠନ କରିବେ।
- ଚିତ୍ରାଙ୍କନ କରିବେ।
- ବିରାମ ଚିହ୍ନର ବ୍ୟବହାର କରିବେ।
- ସରଳ ଶବ୍ଦ ଗଠନ କରିବେ।
- ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବେ।

ପାଠ-୧୩

# ଚାଷୀଭାଇ





ଧଡ଼ପଡ଼ ହୋଇ ବିଛଣା ଛାଡ଼ି
କ୍ଷେତକୁ ବାହାରେ ଗାମୁଛା ଭିଡ଼ି ॥
ସିନ୍ଦୂରା ଫାଟିଲେ ସକାଳ ହେଲେ
ପଖାଳ ଖାଇ ସେ ବିଲକୁ ଚାଲେ ॥



ବଳଦ କାନ୍ଧରେ ଜୁଆଳି ଥୋଇ
ଖଟଇ କ୍ଷେତରେ ଆନନ୍ଦ ହୋଇ ॥
ଧାନ, ବିରି, ମୁଗ ଦିଏ ଫଳାଇ
ସଭିଏଁ ବଞ୍ଚନ୍ତି ତାହାରି ପାଇଁ ॥


ଭଲମନ୍ଦ ବାଛବିଚାର ନାହିଁ
ଖରା, ବର୍ଷା, ଶୀତ ସବୁ ସହଇ ॥
ମାଟିର ପୁଅ ସେ ମାଟି ମା' କୋଳେ
ହଳ ଲଙ୍ଗଳରେ ନିଇତି ଖେଳେ ॥





ନିଜଠାରୁ ବେଶି ଦୁନିଆ ପାଇଁ
ଚାଷୀଭାଇ ଆମ ଚିନ୍ତା କରଇ ॥
ସବୁ ଅସମ୍ଭବ ସମ୍ଭବ କରେ
ସଭିଙ୍କ ମନରେ ଆନନ୍ଦ ଭରେ ॥

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରଥମେ କବିତାରେ ଥିବା ଚିତ୍ରଗୁଡ଼ିକ ଦେଖାଇ ପିଲାମାନଙ୍କ ସହ ଆଲୋଚନା କରିବେ। ଶିକ୍ଷକ ପିଲାଙ୍କ ସହ କବିତାଟିକୁ ଆବୃତ୍ତି କରି ଶୁଣାଇବେ। ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାଙ୍କ ପଛରେ ଗାଇବେ। ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ।

 **ଅଭ୍ୟାସ** 

## ୧. ଆସ କଥା ହେବା ।

(କ) ତୁମେ କେବେ ଚାଷ ଜମିକୁ ଯାଇଛ କି ? ସେଠାରେ କ'ଣ ସବୁ ଦେଖିଛ କୁହ ?

(ଖ) କୃଷକର କେଉଁ କାମ ତୁମକୁ ଭଲ ଲାଗେ କୁହ ?

(ଗ) କୃଷକ ବିଲରେ କେଉଁ ସବୁ ଫସଲ ଚାଷ କରିଥାଏ ?

(ଘ) ଚାଷ କାର୍ଯ୍ୟରେ କେଉଁସବୁ ସାମଗ୍ରୀମାନ ବ୍ୟବହାର ହୁଏ ?

(ଙ) କେଉଁ ପଶୁପକ୍ଷୀମାନେ ଆମ ଫସଲକୁ ନଷ୍ଟ କରନ୍ତି ?

## ୨. କୋଠରି ରୁ 'ମ୍ବ' ଓ 'ମ୍ଭ' ଅକ୍ଷର ନେଇ ଖାଲିଘରେ ପୂରଣ କରି ଶବ୍ଦ ଗଢ଼ ।

| 'ମ୍ବ' | 'ମ୍ଭ' |
|---|---|

| | | | |
|---|---|---|---|
| କୁ ____ | କ ____ ଳ | ସ ____ ବ | ଆ ____ |
| ଶି ____ | ସ ____ ଳ | ଅସ ____ ବ | ଲ ____ ଡିଆଁ |

## ୩. ପଢ଼ ଓ ଲେଖ ।

| | | | | | | | |
|---|---|---|---|---|---|---|---|
| ଆମ୍ବ | -------- | କମ୍ବଳ | -------- | ନିମ୍ବଗଛ | -------- | କୁମ୍ଭ | -------- |
| ଖମ୍ବ | -------- | କଦମ୍ବ | -------- | ସମ୍ବୋଧନ | -------- | ଦମ୍ଭ | -------- |
| ଲମ୍ବ | -------- | କୁମ୍ଭୀର | -------- | କୁମ୍ଭାଟୁଆ | -------- | ଶିବଶମ୍ଭୁ | -------- |
| ଡାଳିମ୍ବ | -------- | ଲମ୍ବୋଦର | -------- | ରମ୍ଭା | -------- | ଗମ୍ଭୀର | -------- |
| ସମ୍ଭାଷଣ | -------- | ସମ୍ଭବ | -------- | | | | |

୪. ଚିତ୍ର ଦେଖି ତା'ର ନାମ ଲେଖ।

------------ ------------ ------------

------------ ------------ ------------।

୫. ଅସଜଡ଼ା ଶବ୍ଦକୁ ସଜାଡ଼ି ଶବ୍ଦ ଗଢ଼ ଓ ଲେଖ।

| | | |
|---|---|---|
| ଯେପରି : | ମ୍ଭୀକୁର – | କୁମ୍ଭୀର |
| | ବସମ୍ଭ – | |
| | ମ୍ବଚୁକ – | |
| | ଲମ୍ବକ – | |
| | ମ୍ଭଦ – | |
| | ଦମ୍ବକ – | |

୬. ଆସ ଗାଇବା।

ଆମ୍ବ ବଉଳଇ ଫଗୁଣ ମାସେ,
ଦିଗ ଚହଟଇ ତା'ର ସୁବାସେ।

## ୭. ପାଠଟିକୁ ପଢ଼ି ଆଲୋଚନା କରି ଉତ୍ତର ଲେଖ।

(କ) ସବୁ ଅସମ୍ଭବକୁ କିଏ ସମ୍ଭବ କରାଏ ?

------------------------------------------------------------

(ଖ) ଚାଷୀ ଭାଇ କ'ଣ ଖାଇ ବିଲକୁ ଯାଏ ?

------------------------------------------------------------

(ଗ) ଚାଷୀ ଭାଇ କାହା ପାଇଁ ଅଧିକ ଚିନ୍ତା କରେ ?

------------------------------------------------------------

(ଘ) ଚାଷୀ ପରି ଆଉ କେଉଁମାନେ ଦେଶ ପାଇଁ ଅନବରତ କାମ କରୁଛନ୍ତି ?

------------------------------------------------------------

(ଙ) ଯେପରି, ଚାଷୀ - ଚାଷ କରେ।

ସେପରି, ଡାକ୍ତର - ---------------

ଶିକ୍ଷକ - ---------------

ସୈନିକ - ---------------

କୁମ୍ଭାର - ---------------

(ଚ) କୃଷକ ନଥିଲେ କି ଅସୁବିଧା ହୁଅନ୍ତା ?

------------------------------------------------------------

(ଛ) ତୁମେ ଗଛ ଲଗାଇଛ କି ? ତେବେ ତୁମେ କିପରି ତା'ର ଯତ୍ନ ନେବ ଲେଖ ?

------------------------------------------------------------

(ଜ) କୃଷକ ଚାଷ କରିବା ପାଇଁ କିପରି ଜମିକୁ ପ୍ରସ୍ତୁତ କରିଥାଏ ?

------------------------------------------------------------

୮. ଚାଷୀଟି ବିଲକୁ ହଳ କରିବାକୁ ଯିବ। ସାଙ୍ଗରେ କ'ଣସବୁ ନେବ, ଗାର ଟାଣି ଯୋଡ଼।












୯. 'କ'ସ୍ତମ୍ଭରେ କେତୋଟି କାମ ବିଷୟରେ କୁହାଯାଇଛି । 'ଖ'ସ୍ତମ୍ଭରେ ଥିବା କାମର ନାମ ସହିତ ଗାର ଟାଣି ଯୋଡ଼ ।

| | |
|---|---|
| ଲୁଗା ସଫାକରି ଇସ୍ତ୍ରୀ କରିବା | ମିଠା ତିଆରି କାମ |
| ବାଲି ସିମେଣ୍ଟରେ ଇଟା ଓ ପଥରକୁ ଯୋଡ଼ି ଘର ତିଆରି କରିବା | ଲୁଗା ସଫା କରିବା କାମ |
| ରସଗୋଲା, ଲଡ୍ଡୁ, ଜିଲାପି, ଗଜା ଆଦି ମିଠା ଜିନିଷ ତିଆରି କରି ବିକ୍ରି କରିବା | ଘର ତିଆରି କରିବା କାମ |
| ଲୋକମାନଙ୍କ ଠାରୁ ମାପ ନେଇ ଜାମା-ପ୍ୟାଣ୍ଟ ତିଆରି କରିବା | ରୋଗୀ ସେବା କାମ |
| ବିଦ୍ୟାଳୟରେ ପିଲାମାନଙ୍କୁ ପାଠ ପଢ଼ାଇବା | ସାଇକେଲ ମରାମତି କାମ |
| ଦେହ ଖରାପ ସମୟରେ ରୋଗୀମାନଙ୍କର ପରୀକ୍ଷା କରି ଔଷଧ ନେବା | ପୋଷାକ ତିଆରି କାମ |
| ସାଇକେଲ ଖରାପ ହେଲେ ମରାମତି କରିବା | ପାଠ ପଢ଼ାଇବା କାମ |
| | ଅଳଙ୍କାର ଗଢ଼ିବା କାମ |

୧୦. ଚିତ୍ର ଦେଖି ଏମାନେ କେଉଁ କାମ କରୁଛନ୍ତି, -ଗୋଟିଏ ବାକ୍ୟରେ ଲେଖ ।

(କ) 

---------------------------------------------

---------------------------------------------

(ଖ) 

---------------------------------------------

---------------------------------------------

(ଗ) 

---------------------------------------------

---------------------------------------------

(ଘ) 

---------------------------------------------

---------------------------------------------

(ଙ) 

---------------------------------------------

---------------------------------------------

(ଚ) 

---------------------------------------------

---------------------------------------------


(ଛ) 

---------------------------------------------

---------------------------------------------

## ୧୧. ତୁମ ପାଇଁ କାମ।

(କ) ରଙ୍ଗ ଦିଅ।



(ଖ) ତୁମେ ବଡ଼ ହେଲେ କ'ଣ ହେବ ଚିନ୍ତାକରି ସେ ବିଷୟରେ ୩ଟି ବାକ୍ୟ ଲେଖ।

-------------------------------------------

-------------------------------------------

-------------------------------------------

-------------------------------------------




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- ‘ମ୍ବ’ ଓ ‘ମ୍ଭ’ ଯୁକ୍ତାକ୍ଷର ଚିହ୍ନିବେ ।
- ଯୁକ୍ତାକ୍ଷରକୁ ଠିକ୍ ରୂପରେ ଲେଖିବେ ।
- ସମତାନ ଧ୍ୱନି ବିଶିଷ୍ଟ-ଶବ୍ଦ ଗଢ଼ି କହିବେ ।
- ବହୁମାତ୍ରା ବିଶିଷ୍ଟ ଶବ୍ଦ, ଯୁକ୍ତାକ୍ଷର ଓ ନିରର୍ଥକ ଶବ୍ଦକୁ ସ୍ପଷ୍ଟ ଓ ନିର୍ଭୁଲଭାବେ ପଢ଼ିବେ ।
- ଉଚ୍ଚସ୍ୱରରେ କବିତା ଆବୃତ୍ତି କରିବେ ।
- ଚିତ୍ରାଙ୍କନ, ସାଜସଜ୍ଜା କରିବା ଓ ପ୍ରଦର୍ଶନ କରିବା ପାଇଁ ବିଭିନ୍ନ ରଙ୍ଗର ବ୍ୟବହାର କରିବେ ।
- ଯୁକ୍ତାକ୍ଷର ଲଗାଇ ନୂଆ ନୂଆ ଶବ୍ଦ ଗଢ଼ିବେ ।

**ପରିବେଶ :**

- ଶ୍ରେଣୀର ସମସ୍ତ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିବେ ଓ ଅନ୍ୟମାନଙ୍କର ମତାମତ ଗ୍ରହଣ କରିବେ ।
- ସମାଜ ପାଇଁ କିଛି କରିବାକୁ ଦୃଷ୍ଟିରେ ରଖି ନିଜର ଆଗ୍ରହ ଓ ସାମର୍ଥ୍ୟକୁ ପ୍ରକାଶ କରିବାକୁ ଆରମ୍ଭ କରିବେ ।
- ବିଭିନ୍ନ ବୃତ୍ତି ଓ ସେମାନଙ୍କର କାର୍ଯ୍ୟ ସମ୍ପର୍କରେ କହିବେ ।
- ଗଛ ଲଗାଇବା ପାଇଁ ମନ ବଳାଇବେ ।
- କୃଷକର କାର୍ଯ୍ୟ ବିଷୟରେ ବିବରଣୀ ପ୍ରଦାନ କରିବେ ।

**ଅଭ୍ୟାସ କାର୍ଯ୍ୟ :**

- ବ୍ୟକ୍ତିଗତ ଓ ଦଳଗତ ଆଲୋଚନା
- ବ୍ୟକ୍ତିଗତ ଲିଖନ ।
- ଚିତ୍ରାଙ୍କନ ।
- ବୃତ୍ତି ଚୟନ ।

 ପାଠ-୧୪ 

# ହସିଲା ସୁନାର କ୍ଷେତ



ଗାଁ ମୁଣ୍ଡରେ ପୁଷ୍କରିଣୀ । ତା' ପାଖକୁ ଲାଗି ମାଳମାଳ କ୍ଷେତ । ଯିବା ଆସିବା ସମୟରେ ପପୁଙ୍କ କ୍ଷେତକୁ ଦେଖି ସଭିଏଁ ଘଡ଼ିଏ ଅଟକି ଯାଆନ୍ତି ।


ପପୁର ବାପା କ୍ଷେତରେ କଠିନ ପରିଶ୍ରମ କରନ୍ତି । ସେ ପ୍ରତିଦିନ କ୍ଷେତକୁ ଆସି ହଳ କରନ୍ତି । ଆଳୁ, କଖାରୁ, ଭେଣ୍ଡି, ପୋଟଳ କାକୁଡ଼ି ଆଦି ପରିବା ଚାଷ କରନ୍ତି । ଧାନ, ମୁଗ, ବିରି, କୋଳଥ ଆଦି ଫସଲ ଅମଳ କରନ୍ତି ।



ଘର ପାଖ ବଗିଚାରେ ପପୁର ବାପା, ମାଆ ମିଶି ଆମ୍ବ, ପଣସ, କଦଳୀ, ଲେମ୍ବୁ ଆଦି ଫଳ ଚାଷ କରନ୍ତି । ଛୁଟି ଦିନରେ ପପୁ ବଗିଚାକୁ ଆସେ । ଫଳ, ଫୁଲ, ପରିବା ତୋଳିବାରେ ସାହାଯ୍ୟ କରେ । କିଛି ପରିବା ବାପା ହାଟକୁ ବିକିବାକୁ ନିଅନ୍ତି । ଅବଶିଷ୍ଟ ଘରକୁ ଆସେ । ବାପା, ପପୁର କାମରେ ଭାରି ଖୁସି ହୋଇ କହନ୍ତି-, ''ମୋ ପପୁ ଦିନେ ବଡ଼ ଚାଷୀଟିଏ ହୋଇ ଗାଁ'ର ନାଁ ରଖିବ ।''

ପପୁ ପାଠପଢ଼ି ବଡ଼ ହେଲା । ଚାଷରେ ମନ ଥିବା ଯୋଗୁ ତାଙ୍କ ଅଞ୍ଚଳରେ ଭଲ ଚାଷୀଟିଏ ହେଲା । ଅନ୍ୟ ଚାଷୀମାନଙ୍କୁ ଧରି କ୍ଷେତ ଓ ବଗିଚାରେ ନୂଆ ନୂଆ ଫସଲ ଅମଳ କଲା । ଫୁଲ, ଫଳ ଓ ଶସ୍ୟ କିଣିବା ପାଇଁ ବାହାର ବେପାରୀଙ୍କ ଭିଡ଼ ଜମିଲା । ଟ୍ରକ୍‌ରେ ବୁହା ହୋଇ ଜିନିଷ ସବୁ ସହରକୁ ଗଲା । ଏସବୁ ଦେଖି ପପୁର ବାପା ଖୁସି ହୋଇ କହନ୍ତି-, ''ମୁଁ ସିନା ହାଟକୁ ମୋ ଜିନିଷ ବିକିବାକୁ ଯାଉଥିଲି, କିନ୍ତୁ ମୋ ପୁଅ ଯୋଗୁ ମୋ ବାଡ଼ିରେ ନିତି ହାଟ ବସୁଛି ।''





## ଅଭ୍ୟାସ



**୧. ଆସ କଥା ହେବା ।**

(କ) ପୁଷ୍କରିଣୀଟି କେଉଁଠାରେ ଥିଲା ?

(ଖ) ପପୁର ବାପା ବଗିଚାରେ କ'ଣ କରନ୍ତି ?

(ଗ) ତାଙ୍କ ବଗିଚାରେ କେଉଁସବୁ ପରିବା ମିଳେ ?

(ଘ) କେଉଁ ସବୁ ଫଳଗଛ ତାଙ୍କ ବଗିଚାରେ ଅଛି ?

(ଙ) ପପୁର କାମ ଦେଖି ବାପା କ'ଣ କହିଲେ ?

(ଚ) ହାଟରେ କ'ଣ ସବୁ ବିକ୍ରି ହୋଇଥାଏ ?

**୨. ଦେଖ ଓ ଲେଖ ।**

| | | |
|---|---|---|
| କଷ୍ଟ | ଶୁଷ୍କ | ମିଷ୍ଟାନ୍ନ |
| ନଷ୍ଟ | କନିଷ୍ଠ | ବୃଷ୍ଟି |
| ମୁଷ୍ଟି | ପରିଷ୍କାର | ଶିଷ୍ଟ |
| ତୁଷ୍ଟ | ପୁଷ୍କରିଣୀ | ସନ୍ତୁଷ୍ଟ |

**୩. ଆସ ପଢ଼ିବା ଓ ଲେଖିବା ।**

| | | | |
|---|---|---|---|
| ସୃଷ୍ଟି | ------------------ | ଆବିଷ୍କାର | ------------------ |
| ସମଷ୍ଟି | ------------------ | ଅପରିଷ୍କାର | ------------------ |
| ଅଷ୍ଟମ | ------------------ | ପୁରସ୍କାର | ------------------ |

**୪. ଯୁକ୍ତାକ୍ଷର ଅନୁଯାୟୀ କୋଠରି ମଧ୍ୟରୁ ଶବ୍ଦଗୁଡ଼ିକୁ ନେଇ ତଳ କୋଠରିରେ ଲେଖ ।**

**ଶୁଷ୍କ, ବୃଷ୍ଟି, କନିଷ୍ଠ, ଦୁଷ୍ଟ, ପୁଷ୍କରିଣୀ, ଶିଷ୍ଟ,**
**ପରିଷ୍କାର, ଅଷ୍ଟମ, ପୋଷ୍ଟକାର୍ଡ଼, ପ୍ରଥମାଷ୍ଟମୀ**

| 'ଷ୍ଟ' | 'ଷ୍କ' |
|---|---|
| | |

## ୫. ଆସ ପଢ଼ିବା ଓ ଲେଖିବା ।

(କ) ଶାନ୍ତଶିଷ୍ଟ ପିଲାଙ୍କୁ ସଭିଏଁ ଆଦର କରନ୍ତି ।

---------------------------------------------------------------

(ଖ) ନିଜେ ପରିଷ୍କାର ରୁହ ଓ ରହୁଥିବା ପରିବେଶକୁ ପରିଷ୍କାର ରଖ ।

---------------------------------------------------------------

(ଗ) ଜାତୀୟ ସମ୍ପତ୍ତି ନଷ୍ଟ କରିବା ଉଚିତ ନୁହେଁ ।

---------------------------------------------------------------

(ଘ) ଦୁଷ୍ଟ ଲୋକଙ୍କଠାରୁ ଦୂରେଇ ରୁହ ।

---------------------------------------------------------------

(ଙ) ଚେଷ୍ଟା କଲେ ସବୁ ସମ୍ଭବ ।

---------------------------------------------------------------

## ୬. ତଳେ ଦିଆଯାଇଥିବା ଅକ୍ଷରଗୁଡ଼ିକୁ ନେଇ ଶବ୍ଦ ଗଢ଼ ଓ କୋଠରିରେ ଲେଖ ।

| | | |
|---|---|---|
| ତୁ | ନି | ମ |
| କ | ଷ୍ଟା | ଷ୍କ |
| ସ | ଷ୍ଟ | ନ୍ନ |
| ଅ | ନ୍ତୁ | |
| ନ | | |
| ମି | | |

ଯେପରି - କଷ୍ଟ

## ୭. ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

ନ୍ତୁସଷ୍ଟ ------------------ ପୁଣୀରିଷ୍କ ------------------

ରପଷ୍କାରି ------------------ ଷ୍ଟଅମ ------------------

ନିକଷ୍କ ------------------ ଷ୍କାରପୁର ------------------

## ୮. ଏସବୁ କାମ ପାଇଁ ତୁମେ କେଉଁଠିକୁ ଯିବ ?

(କ) ପନିପରିବା ବିକିବା ପାଇଁ ------------------

(ଖ) ମିଠା ଆଣିବା ପାଇଁ ------------------

(ଗ) ଗାଧୋଇବା ପାଇଁ ------------------

(ଘ) ପୋଷ୍ଟକାର୍ଡ଼ କିଣିବା ପାଇଁ ------------------

**୯. ପାଠଟିକୁ ପଢ଼ି ଆଲୋଚନା କରି ଉତ୍ତର ଲେଖ ।**

(କ) ପପୁ ଦିନେ ବଡ଼ ଚାଷୀଟିଏ ହେବ,- ଏକଥା ବାପା ଅନୁମାନ କଲେ କାହିଁକି ?

---------------------------------------------------------------

(ଖ) ତୁମ ଗାଁ ପୁଷ୍କରିଣୀରେ ଲୋକମାନେ କ'ଣ ସବୁ କରନ୍ତି ?

---------------------------------------------------------------

(ଗ) ହସିଲା ସୁନାର କ୍ଷେତ କହିଲେ- ତୁମେ କ'ଣ ବୁଝୁଛ ?

---------------------------------------------------------------

(ଘ) ଚାଷୀ ବଗିଚାରେ କେଉଁ ସବୁ କାମ କରିଥାଏ ?

---------------------------------------------------------------

(ଙ) ହାଟ ନଥିଲେ ଆମର କି ଅସୁବିଧା ହୁଅନ୍ତା ?

---------------------------------------------------------------

**୧୦. ଆସ ତାଲିକାରୁ ବାଛି ପରିବା, ଫଳ ଓ ଶସ୍ୟକୁ ଅଲଗା ଡାଲାରେ ରଖିବା ।**

(ଧାନ, କମଳା, ମୁଗ, ଆଳୁ, ବିରି, ନଡ଼ିଆ, ବାଇଗଣ, କୋଳଥ, ଆମ୍ବ, କଖାରୁ, ମାଣ୍ଡିଆ, ସପୁରୀ, ଲଙ୍କା, ସାରୁ, ଗହମ, କଦଳୀ, ପଣସ, ପୋଟଳ)




**୧୧. ଯେମିତି 'ଟ୍ରକ୍' ସଡ଼କରେ ଚାଲେ ସେହିପରି ଅନ୍ୟ କେଉଁସବୁ ଯାନ ସଡ଼କରେ ଚାଲନ୍ତି ତା'ର ତାଲିକା କର ।**


------------ ------------ ------------ ------------

------------ ------------ ------------ ------------

------------ ------------ ------------ ------------

------------ ------------ ------------ ------------

## ୧୨. ଆସ ରଙ୍ଗ ଦେବା ।



## ୧୩. ବାକ୍ୟଗୁଡ଼ିକୁ ପଢ଼ । କୋଠରି ଭିତରେ ଥିବା ନାମ ବଦଳରେ ବନ୍ଧନୀ ଭିତରେ ଥିବା କେଉଁ ଶବ୍ଦ ଲଗାଇ ପଢ଼ିଲେ ଭଲ ଲାଗୁଛି ଦେଖ । ସେହି ଶବ୍ଦ ଲଗାଇ ବାକ୍ୟକୁ ଆଉଥରେ ଲେଖ ।

(କ) ଅଷ୍ଟମୀ, ଦ୍ୱିତୀୟ ଶ୍ରେଣୀରେ ପଢ଼େ । ଅଷ୍ଟମୀ ଭଲ ଖେଳେ । (ସେ, ସେମାନେ)

ଯେପରି, | ଅଷ୍ଟମୀ ଦ୍ୱିତୀୟ ଶ୍ରେଣୀରେ ପଢ଼େ । ସେ ଭଲ ଖେଳେ ।

(ଖ) ଲତାର ବାପା ସବ୍ୟସାଚୀ ଦାଶ, ସେ ଜଣେ ବ୍ୟବସାୟୀ ।
ସବ୍ୟସାଚୀଙ୍କର ମିଠା ଦୋକାନ ଅଛି । (ସେମାନଙ୍କର/ତାଙ୍କର)

(ଗ) ବାପା ସକାଳୁ ଉଠି ବିଲକୁ ଯାଆନ୍ତି । ବୋଉ ରୋଷେଇ କରନ୍ତି । ବାପା ଓ ବୋଉ ଆମ ପାଇଁ ଅନେକ ପରିଶ୍ରମ କରନ୍ତି । (ସେ / ସେମାନେ)



# ୧୪ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

## କ'ଣ ଶିଖିବେ ?



### ଭାଷା :

- ‘ଷ୍ଟ’ ଓ ‘ଷ୍କ’ ଯୁକ୍ତାକ୍ଷର ଚିହ୍ନିବେ।
- ‘ଷ୍ଟ’ ଓ ‘ଷ୍କ’ ଯୁକ୍ତାକ୍ଷରର ଧ୍ୱନି ସହିତ ପରିଚିତ ହେବେ ଓ କହିବେ।
- ‘ଷ୍ଟ’ ଓ ‘ଷ୍କ’ ଯୁକ୍ତାକ୍ଷର ଥିବା ଶବ୍ଦ ଗଠନ ଶୈଳୀ, ଉଚ୍ଚାରଣ ଶୈଳୀ ଜାଣିବା ସହ ଶବ୍ଦଗୁଡ଼ିକୁ କହିବେ, ପଢ଼ିବେ ଓ ଲେଖିବେ।
- ପ୍ରସଙ୍ଗକୁ ଉପଯୁକ୍ତ ଭାବରେ ପଢ଼ିବେ ଓ ପ୍ରସଙ୍ଗ ସମ୍ପର୍କିତ ଛୋଟ ତଥା ସରଳ ପ୍ରଶ୍ନର ଉତ୍ତର ଆଲୋଚନା କରିବେ, କହିବେ, ଲେଖିବେ।
- ପ୍ରସଙ୍ଗ ଆଧାରିତ ଚିତ୍ର ପଠନ, ଚିତ୍ର ସମ୍ପର୍କରେ ଆଲୋଚନା କରିବେ। ପ୍ରଶ୍ନ ପଚାରିବେ। ଅନୁଭୂତିକୁ ଯୋଡ଼ିବେ। ନିଜର ମତଦେବେ।

### ପରିବେଶ :

- ପ୍ରାକୃତିକ ସୌନ୍ଦର୍ଯ୍ୟକୁ (ପ୍ରସଙ୍ଗ ଆଧାରିତ ବାଡ଼ିବଗିଚା, ପୋଖରୀ, ଗଛଲତା ଇତ୍ୟାଦି)କୁ ନିଜ ଚତୁଃପାର୍ଶ୍ୱର ସୌନ୍ଦର୍ଯ୍ୟ ସହିତ ଯୋଡ଼ି ଆଲୋଚନା କରିବେ।
- ଚାଷ ବିଷୟରେ ଜାଣିବେ, କହିବେ, ଲେଖିବେ ଓ ନିଜର ମତ ଦେବେ।
- ବୃତ୍ତି ସମ୍ପର୍କରେ ଜାଣିବେ ଓ ଆଲୋଚନା କରିବେ।
- ହାଟ ବିଷୟରେ କହିବେ।

### ଅଭ୍ୟାସ କାର୍ଯ୍ୟ :

- ସରଳ ପ୍ରଶ୍ନର କଥୋପକଥନ, ଲିଖନ, ଶିଖିବେ।
- ଶବ୍ଦ ପଠନ ସମୟରେ ଯୁକ୍ତାକ୍ଷର ଗୁଡ଼ିକ ଉପରେ ଗୁରୁତ୍ୱ ଦେବେ।
- ଯୁକ୍ତାକ୍ଷର ଯୁକ୍ତ ଶବ୍ଦର ଗଠନ, ଲିଖନ ଓ ପଠନ କାର୍ଯ୍ୟ କରିବେ।
- ଅସଜଡ଼ା ଶବ୍ଦରେ ଅକ୍ଷରକୁ ସଜାଡ଼ି ଶବ୍ଦ ଲେଖିବେ।
- ଯାନବାହନ ସମ୍ପର୍କିତ ପ୍ରଶ୍ନର ଉତ୍ତର ଲେଖିବେ।
- ନାମ ବଦଳରେ ବ୍ୟବହାର କରାଯାଉଥିବା ଶବ୍ଦ କହିବେ।

ପାଠ-୧୫

# ବାରମାସର କଥା





ଗ୍ରୀଷ୍ମେ ବୈଶାଖ ଜ୍ୟେଷ୍ଠମାସ,
ପ୍ରଚଣ୍ଡ ରୌଦ୍ର ପରକାଶ ।


ବର୍ଷାରେ ଆଷାଢ଼ ଶ୍ରାବଣ
ମେଘ ବରଷେ ଘନ ଘନ ।





ଭାଦ୍ର ଆଶ୍ୱିନ ଶରତରେ,
ନିର୍ମଳ ଶୋଭା ଜଗତରେ ।

ହିମେ କାର୍ତ୍ତିକ ମାର୍ଗଶିର,
ରାତିରେ ପଡ଼ଇ ଶିଶିର ।






ଶୀତରେ ପୌଷ ମାଘମାସ,
ଦେହରେ ରଖ ଶୀତବାସ ।

ଫାଲଗୁନ ଚୈତ୍ର ବସନ୍ତରେ,
ମୃଦୁ ମଳୟ ମନ ହରେ ।

ବାରମାସର କଥା ଏହି
ହେଜ ବାଳକେ ମନ ଦେଇ ।

-ମଧୁସୂଦନ ରାଓ

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରଥମେ କବିତାରେ ଥିବା ଚିତ୍ରଗୁଡ଼ିକୁ ଦେଖାଇ ପିଲାଙ୍କ ସହ ଆଲୋଚନା କରିବେ । ଶିକ୍ଷକ ପିଲାଙ୍କ ସହ କବିତାଟିକୁ ଆବୃତ୍ତିକରି ଶୁଣାଇବେ । ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାଙ୍କ ପଛରେ ଗାଇବେ । ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ ।



## ଅଭ୍ୟାସ



**୧. ଆସ କଥା ହେବା ।**

(କ) ଓଡ଼ିଆ ବାରମାସର ନାମ କୁହ ?

(ଖ) ବର୍ଷର ଦିନ ସଂଖ୍ୟା, ମାସର ଦିନ ସଂଖ୍ୟା ଓ ସପ୍ତାହର ଦିନ ସଂଖ୍ୟା କେତେ ଆଲୋଚନା କରି କୁହ ।

(ଗ) ବୈଶାଖ ମାସରେ ତୁମେ କ'ଣ ଅନୁଭବ କରୁଛ କୁହ ?

(ଘ) କେଉଁ ମାସର ରାତିରେ ଶିଶିର ପଡ଼ିଥାଏ ?

(ଙ) ଶୀତ ପୋଷାକ ଆମେ କେବେ ପରିଧାନ କରିଥାଉ ?

**୨. ଅକ୍ଷର ଯୋଡ଼ି ଶବ୍ଦ ଗଢ଼ ।**

କା + ଷ୍ଠ = କାଷ୍ଠ

ଷ + ଷ୍ଠ =

ଉ + ତ୍ତା + ପ =

କ + ନି + ଷ୍ଠ =

**୩. ପଢ଼ ଓ ଲେଖ ।**

ପଶ୍ଚିମ ଆକାଶରେ ମେଘ ଦେଖାଯାଉଛି ।

---------------------------------------------------

ପ୍ରଶ୍ନର ଉତ୍ତର ଲେଖ ।

---------------------------------------------------

ଉତ୍ତମ ବ୍ୟକ୍ତି ହେବା ପାଇଁ ଚେଷ୍ଟା କର ।

---------------------------------------------------

ଉତ୍ତର ଦିଗେ ବୃକ୍ଷ ଡାଳେ ।

---------------------------------------------------

ପେଚା ରାବିଲା ରାତ୍ର କାଳେ ।

---------------------------------------------------

ଶୁଷ୍କ କାଷ୍ଠ ଜାଳିବାକୁ ଭଲ ।

---------------------------------------------------

୪. ଦେଖ ଓ କୁହ ।









୫. ତୁମ ବଗିଚାରେ କେଉଁ ଋତୁରେ କେଉଁ ଫୁଲ ଫୁଟୁଛି ଆଲୋଚନା କରି ଲେଖ ।

| ଋତୁର ନାମ | ଫୁଟୁଥିବା ଫୁଲର ନାମ |
|---|---|
| ଗ୍ରୀଷ୍ମ ଋତୁ | ---------------------------------- |
| ବର୍ଷା ଋତୁ | ---------------------------------- |
| ଶୀତ ଋତୁ | ---------------------------------- |

୬. ଆଲୋଚନା କରି ଉତ୍ତର ଲେଖ ।

(କ) କେଉଁ ଋତୁରେ ଗଛଲତା ଝାଉଁଳି ପଡ଼ନ୍ତି ?

---------------------------------------------------

(ଖ) କେଉଁ ଋତୁରେ ନଈରେ ବଢ଼ି ଆସେ ?

---------------------------------------------------

(ଗ) କେଉଁ ଋତୁରେ ରାସ୍ତାଘାଟ କାଦୁଅ ହୁଏ ?

---------------------------------------------------

(ଘ) ଆମେ ମୁଖ୍ୟତଃ କେତୋଟି ଋତୁ ଅନୁଭବ କରୁ ଲେଖ ?

---------------------------------------------------

(ଙ) କେଉଁ ଋତୁରେ ବେଶି ପରିବା ମିଳେ ?

---------------------------------------------------

(ଚ) କେଉଁ ଋତୁରେ ଆମ୍ବ ଓ ପଣସ ପାଚେ ?

---------------------------------------------------

୭. ଆସ ଓଡ଼ିଆ ମାସ ଗୁଡ଼ିକର ନାମ ଲେଖିବା ।

------------ ------------ ------------ ------------

------------ ------------ ------------ ------------

------------ ------------ ------------ ------------

୮. ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

ଷଜ୍ୟେ ------------------------

ଷଷ ------------------------

ନିଷ୍ପକ ------------------------

ଷ୍ଟୁନିର ------------------------

ମଉତ୍ତ ------------------------

ଉରତ୍ତ ------------------------

କର୍ତ୍ତିକା ------------------------

## ୯. ଚିନ୍ତାକର ଓ ଲେଖ ।

ଯେପରି,

ପାଣିରେ ଲୁଣକୁ ମିଶାଇଲେ- ଲୁଣ ମିଳାଇ ଯାଏ ।

ଚିନିକୁ ପାଣିରେ ମିଶାଇଲେ- -------------------------- ।

ନିଆଁ ଉପରେ ପାଣି ପକାଇଲେ- -------------------------- ।

ତେଲକୁ ପାଣିରେ ପକାଇଲେ- -------------------------- ।

ଗୋଡ଼ିଟିକୁ ପାଣିରେ ପକାଇଲେ- -------------------------- ।

## ୧୦. ତୁମ ପାଇଁ କାମ ।

(କ) ତୁମ ବିଦ୍ୟାଳୟର ଚାରି ଦିଗରେ ଥିବା ବିଭିନ୍ନ ବସ୍ତୁର ତାଲିକା ପ୍ରସ୍ତୁତ କର ।

ପୂର୍ବ ------------------------ ଉତ୍ତର ----------------------

ପଶ୍ଚିମ ---------------------- ଦକ୍ଷିଣ ----------------------

(ଖ) ଯେକୌଣସି ଋତୁକୁ ଆଧାର କରି ଦୁଇ ପଦ ବିଶିଷ୍ଟ କବିତା ମନରୁ ଲେଖ କିମ୍ବା ସଂଗ୍ରହ କର । (ଶିଶୁ ପୁସ୍ତକ, ଖବରକାଗଜ, ବହି ଇତ୍ୟାଦି)

----------------------------------------------------------------

----------------------------------------------------------------

----------------------------------------------------------------

----------------------------------------------------------------




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

❖ ‘ଷ୍ଟ’ ଓ ‘ତ୍ତ’ ଯୁକ୍ତାକ୍ଷର ଚିହ୍ନିବେ ।

❖ ‘ଷ୍ଟ’ ଓ ‘ତ୍ତ’ ଧ୍ୱନି କହିବେ । ଏହି ଦୁଇଟି ଯୁକ୍ତାକ୍ଷର ଯୁକ୍ତ ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ ।

❖ ପ୍ରସଙ୍ଗର ଉଦ୍ଦେଶ୍ୟ ବୁଝିବେ ଓ କହିବେ ।

❖ ଉପଯୁକ୍ତ ଭାବରେ ଆବୃତ୍ତି କରିବେ ।

❖ ପ୍ରସଙ୍ଗ ସମ୍ପର୍କିତ ସରଳ ପ୍ରଶ୍ନର ଉତ୍ତର ମୌଖିକ ଓ ଲିଖିତ ଭାବରେ କହିବେ ଓ ଲେଖିବେ ।

❖ ପ୍ରସଙ୍ଗ ଆଧାରିତ ଚିତ୍ରକୁ ବୁଝି ସେ ସମ୍ପର୍କିତ ଘଟଣାଗୁଡ଼ିକ ଉପରେ ଆଲୋଚନା କରିବେ, ମତାମତ ଦେବେ ଓ ପ୍ରଶ୍ନ ପଚାରିବେ ।

**ପରିବେଶ :**

- ଋତୁଗୁଡ଼ିକର ନାମ କହିବେ ।
- ବିଭିନ୍ନ ଋତୁରେ ହେଉଥିବା ପରିବର୍ତ୍ତନଗୁଡ଼ିକ ବିଷୟରେ କହିବେ ।
- ପ୍ରସଙ୍ଗ ଆଧାରିତ ସରଳ ପ୍ରଶ୍ନର ଉତ୍ତର ଦେବେ, ପ୍ରଶ୍ନଗୁଡ଼ିକ ଆଲୋଚନା କରିବେ, ମତାମତ ଦେବେ ।
- ସାତଦିନ ଓ ବାରମାସର ନାମ କହିବେ ।
- ବର୍ତ୍ତମାନ ଅନୁଭୂତ ହେଉଥିବା ଋତୁ ସମ୍ପର୍କରେ କହିବେ ।

## ଅଭ୍ୟାସ କାର୍ଯ୍ୟ :

- କଥାବାର୍ତ୍ତା ସମୟରେ ଅଂଶଗ୍ରହଣ କରିବେ । ନିଜର ମତାମତ ଦେବେ ଅନ୍ୟମାନଙ୍କ କଥାକୁ ଶୁଣିବେ ଓ ପ୍ରତିକ୍ରିୟା ପ୍ରକାଶ କରିବେ ।
- ଶବ୍ଦ ଗଠନ, ପଠନ ଓ ଲିଖନ କାର୍ଯ୍ୟ କରିବେ ।
- ଚିତ୍ର ସମ୍ପର୍କରେ ଆଲୋଚନା କରିବେ ଓ ପ୍ରଶ୍ନ ପଚାରିବେ ।
- ଋତୁ ଗୁଡ଼ିକର ନାମ ଓ ମାସ ଗୁଡ଼ିକର ନାମ କହିବେ ଓ ଲେଖିବେ ।
- ଋତୁ ଅନୁଯାୟୀ ଫୁଲ, ଫଳ, ପନିପରିବା ଓ ଘଟଣା ସମ୍ପର୍କରେ ନିଜ ଅନୁଭୂତି ଯୋଡ଼ି କହିବେ ଓ ଲେଖିବେ ।
- କାର୍ଯ୍ୟ ଓ କାରଣ ଅନୁମାନ କରିବେ ।
- ଗୋଟିଏ ବସ୍ତୁ ଉପରେ ଅନ୍ୟ ବସ୍ତୁର ପ୍ରଭାବ ସମ୍ପର୍କରେ ଅନୁଭୂତି ଆଧାରିତ କଥାକୁ ଲେଖିବେ କିମ୍ବା ପରୀକ୍ଷଣ କରିବେ ।
- ମନରୁ କବିତା ଲେଖିବେ ।
- ପତ୍ରପତ୍ରିକାରୁ ଓ ବହିରୁ କବିତା, ଗଳ୍ପ, ମଜାକଥା, ସଂଗ୍ରହ କରିବେ ।

# କଳ୍ପନାର ଜନ୍ମଦିନ



କୁନି ଝିଅଟିଏ । ନାଁ ତା'ର କଳ୍ପନା । ସେ କମ୍ କଥା କହେ । ଗଳ୍ପ ଶୁଣିବାକୁ ଭଲ ପାଏ । ସବୁବେଳେ ସତ କହେ ।

କଳ୍ପନାର ଜନ୍ମଦିନ ହୋଇଥାଏ । ବାପାଙ୍କ ଆଗରେ ସେ ସଂକଳ୍ପ କଲା, -ଆଜି କିଛି ଗୋଟିଏ ଭଲ କାମ କରିବ । ସେ ବାପାଙ୍କୁ କହିଲା-, ''ମୋର ଆଜି ବେଲୁନ୍, କେକ୍ ଓ ମହମବତୀ ଦରକାର ନାହିଁ। ମୋ ପାଇଁ ଫଳଗଛଟିଏ ଆଣିଦିଅ । ଆମ ବାଡ଼ିରେ ଲଗାଇବି ।''


ଦୁହେଁ ପାଖ ଚାରା ଉଦ୍ୟାନକୁ ଗଲେ । ପରସ୍ପର ମଧ୍ୟରେ କଥା ହୋଇ ପିଜୁଳି ଗଛଟିଏ କିଣି ଆଣିଲେ । ଘର ବାଡ଼ିରେ ବାପା ଗାତଟିଏ ଖୋଳିଲେ । କଳ୍ପନା ସେଥିରେ ଖତ ଦେଇ ଗଛଟିକୁ ପୋତିଲା । ପାଣି ଦେଲା ।



ଗଛଟି କଳ୍ପନାକୁ ଚାହିଁ ସତେ ଯେମିତି ହସି କହୁଥିଲା, ''ସାବାସ୍ କଳ୍ପନା ! ତୁ ସତରେ ତୋ ଜନ୍ମଦିନରେ ଭଲ କାମଟିଏ କଲୁ ।''

କଳ୍ପନା ସବୁବେଳେ ବାଡ଼ିକୁ ଯାଏ । ପିଜୁଳି ଗଛର ଯତ୍ନ ନିଏ । ତା' ହାତର ସ୍ପର୍ଶ ପାଇ ଗଛଟି ଧୀରେଧୀରେ ବଡ଼ ହେଲା । ସୁଆଦିଆ ପିଜୁଳିରେ ଗଛଟି ପୁରି ଉଠିଲା । ସେ ଗଛରୁ ତୋଳି ପିଜୁଳି ଖାଏ । ଆଉ କିଛି ସାଙ୍ଗମାନଙ୍କୁ ଦିଏ ।

କଳ୍ପନାର ଗଛ ଲଗାଇବା କାର୍ଯ୍ୟକୁ ସମସ୍ତେ ପ୍ରସଂଶା କଲେ । ଗଛ ଲଗାଇବା ଏକ ମହତ କାର୍ଯ୍ୟ ବୋଲି ସମସ୍ତେ କୁହାକୁହି ହେଲେ । ନିଜନିଜର ଜନ୍ମ ଦିନରେ ଗଛଟିଏ ଲଗାଇବା ପାଇଁ କଳ୍ପନାର ସାଙ୍ଗମାନେ ଶପଥ ନେଲେ ।



## ଅଭ୍ୟାସ



୧. **ଆସ କଥା ହେବା ।**

(କ) କୁନି ଝିଅଟିର ନାଁ କ'ଣ ?

(ଖ) କଳ୍ପନାର ସ୍ୱଭାବ କିପରି ଥିଲା ?

(ଗ) ଜନ୍ମ ଦିନରେ କଳ୍ପନା କ'ଣ କରିବାକୁ କହିଲା ?

(ଘ) ''କଳ୍ପନା, ତୁ ସତରେ ଭଲ କାମଟିଏ କଲୁ ।'' -ଏହା କିଏ କହିଛନ୍ତି ?

(ଙ) ତୁମ ବିଦ୍ୟାଳୟର ବଗିଚାରେ କେଉଁ ସବୁ ଗଛ ଦେଖିବାକୁ ମିଳେ ?


୨. **ଶବ୍ଦଗୁଡ଼ିକୁ ପଢ଼ ◯ ଗୋଲ ଭିତରେ ଥିବା ଅକ୍ଷରକୁ ଶୂନ୍ୟ ସ୍ଥାନରେ ଲେଖ ଓ ପଢ଼ ।**

ଗା (ଳ୍ପି) କ = ଗା ---- କ

ପର (ସ୍ପ) ର = ପର ---- ର

(ସ୍ଫ) ଟିକ = ---- ଟିକ

୩. **'ଳ୍ପ' ଯୁକ୍ତାକ୍ଷରକୁ ନେଇ ଶବ୍ଦ ଗଢ଼ି ଡାହାଣ ପାଖେ ଥିବା ଖାଲି ଘରେ ଲେଖ ।**



**୪.** **ଆସ ଶବ୍ଦ ଦେଖି ଲେଖିବା ।**

| | | | | | |
|---|---|---|---|---|---|
| ଶିଳ୍ପୀ | = | | ଆସ୍ଫାଳନ | = | |
| ଗଳ୍ପ | = | | କଳ୍ପନା | = | |
| ପ୍ରକଳ୍ପ | = | | କଳ୍ପବଟ | = | |

**୫.** **ଆସ ବାକ୍ୟକୁ ସଜାଡ଼ି ଲେଖିବା ।**

(କ) ରଖ ପାଠ ସ୍ପୃହା ପଢ଼ାରେ ।

---------------------------------------------------------------

(ଖ) କଥା ସ୍ପଷ୍ଟ କୁହ ତୁମେ ।

---------------------------------------------------------------

(ଗ) ସମ୍ପର୍କ ଭଲ ପରସ୍ପର ରଖ ସହିତ ।

---------------------------------------------------------------

(ଘ) ନାହିଁ କର ଆସ୍ଫାଳନ ବୃଥା ।

---------------------------------------------------------------

**୬.**



ଚିତ୍ର ବିଷୟରେ ଆଲୋଚନା କରି ଲେଖ ।

-----------------------------------------------------------------

-----------------------------------------------------------------

-----------------------------------------------------------------

-----------------------------------------------------------------

-----------------------------------------------------------------

୭. ଆଲୋଚନା କରି ଲେଖ ।

| ବାଡ଼ିବଗିଚାରେ ହେଉଥିବା ଗଛର ନାମ | ଜଙ୍ଗଲରେ ହେଉଥିବା ଗଛର ନାମ | କୁଣ୍ଡରେ ହେଉଥିବା ଗଛର ନାମ |
|---|---|---|
| | | |

୮. ଯଦି ତୁମର କଳ୍ପନା ସହିତ ଭେଟ ହୁଏ, ତେବେ ତୁମେ ତା' ସହ କ'ଣ କଥା ହେବ ଲେଖ ।

ମୁଁ -----------------------------------------------------------------

କଳ୍ପନା -----------------------------------------------------------------

ମୁଁ -----------------------------------------------------------------

କଳ୍ପନା -----------------------------------------------------------------

ମୁଁ -----------------------------------------------------------------

୯. ତୁମେ ଜନ୍ମଦିନରେ କ'ଣ କର-, ସାଙ୍ଗମାନଙ୍କୁ କୁହ ? ସାଙ୍ଗମାନଙ୍କଠାରୁ ସେମାନଙ୍କ ଜନ୍ମଦିନ ବିଷୟରେ ପଚାରି ବୁଝ ?

୧୦. ତୁମକୁ ଯଦି ଗଛ ଲଗାଇବାକୁ କୁହାଯାଏ ତେବେ ତୁମେ କ'ଣ କରିବ ଆଲୋଚନା କରି ଲେଖ ।

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

୧୧. ପଢ଼ ଓ ଖାଲି ଘରେ ଉତ୍ତର ଲେଖ ।

ସବୁଜ ଦିଶେ ପତର ଥାଏ
ଫୁଲ, ଫଳ, କାଠ, ଛାଇ ସେ ଦିଏ
ନାଆଁଟି ତାହାର କହିବ ଯିଏ
ଗପ ବହିଟିଏ ପାଇବ ସିଏ ।

୧୨. ଶିକ୍ଷକ 'କ୍ଷ', 'ସ୍ୱ', 'ଷ୍ଟ' ଅକ୍ଷରଯୁକ୍ତ ଶବ୍ଦ ଥିବା ବାକ୍ୟ ଡାକିବେ । (ଶ୍ରୁତଲିଖନ)

୧୩. ତୁମେ ତୁମ ବଗିଚାରେ ଗଛ ଲଗାଇବ । ବାପା ମାଆଙ୍କ ସହିତ ପାଖରେ ଥିବା (ଚାରା ବଗିଚା)କୁ ଯାଇ ଦେଖ । କେଉଁ ସବୁ ଚାରାଗଛ ଆଣିବାକୁ ଚାହୁଁଛ ଲେଖ ।

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

❖ 'ଲ୍ପ', 'ସ୍ପ' ଓ 'ସ୍କ' ଯୁକ୍ତାକ୍ଷରକୁ ଚିହ୍ନିବେ।
❖ 'ଲ୍ପ', 'ସ୍ପ' ଓ 'ସ୍କ' ଯୁକ୍ତାକ୍ଷରର ଧ୍ୱନି ସହିତ ପରିଚିତ ହେବେ।
❖ 'ଲ୍ପ', 'ସ୍ପ' ଓ 'ସ୍କ' ଯୁକ୍ତାକ୍ଷର ଯୁକ୍ତ ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
❖ ପ୍ରସଙ୍ଗର ଉଦ୍ଦେଶ୍ୟକୁ ବୁଝି କହିବେ ଓ ଲେଖିବେ।
❖ ପ୍ରସଙ୍ଗ ଭିତ୍ତିକ ପ୍ରଶ୍ନଗୁଡ଼ିକର ଉତ୍ତର କହିବେ ଓ ଲେଖିବେ।

**ପରିବେଶ :**

- ଜନ୍ମଦିନ ପାଳନ ସମୟରେ କେଉଁ କେଉଁ କାର୍ଯ୍ୟ କରିବା ଠିକ୍ କହିବେ।
- ଗଛର ଉପକାରିତା ସମ୍ପର୍କରେ କହିବେ ଓ ଲେଖିବେ।
- ପ୍ରସଙ୍ଗ ଭିତ୍ତିକ ପ୍ରଶ୍ନର ଉତ୍ତର କହିବେ ଓ ଲେଖିବେ।
- ଗଛ ଲଗାଇବା ଏକ ମହତ କାମ ବୋଲି ସମସ୍ତଙ୍କୁ ବୁଝାଇବେ।

**ଅଭ୍ୟାସ କାର୍ଯ୍ୟ :**

◆ ସୂଚନାକୁ ବୁଝି ପ୍ରଶ୍ନଗୁଡ଼ିକର ଉତ୍ତର ଆଲୋଚନା କରିବେ ମତାମତ ଦେବେ, କହିବେ ଓ ଲେଖିବେ।
◆ ବିଭିନ୍ନ ଗଛ ସମ୍ପର୍କରେ କହିବେ।
◆ ଚିତ୍ରକୁ ଦେଖି ସେ ସମ୍ପର୍କରେ ଲେଖିବେ।
◆ ଶ୍ରୁତଲିଖନ ଲେଖିବେ।
◆ 'ତୁମ ପାଇଁ କାମ' କରିବେ।

ପାଠ-୧୭

# ମାଟି ମୋର ହସୁଥାଉ

ପୁଷ୍ପପୁର ଗ୍ରାମେ ରହେ ଚାଷୀପୁଅ
ନାମ ତା'ର ଦିବାକର
ଚାଷକାମ ସହ ଅନ୍ୟକାମେ ମଧ
ଅଟେ ସିଏ ଧୁରନ୍ଧର ॥
ନ କାଟି ସେ ଗଛ ବୃକ୍ଷ ରୋପଣକୁ
ସଦା ଧ୍ୟାନ ଦେଇଥାଏ
ଗଛର ସୁରକ୍ଷା କରିବା ପାଇଁକି
ସଭିଙ୍କୁ ବୁଝାଇ କୁହେ ॥





କେତେକେତେ ଗଛ ପୁଷ୍ପିତ ହୁଅଇ
ସୁବାସ ବିତରି ଯାଏ
ନ ହୁଏ ନିଷ୍ଫଳ କାମଟି ତାହାର
ଯେଉଁଥିରେ ହାତଦିଏ ॥
ପରିବେଶ ଯଦି ଉଜୁଡ଼ି ଯିବରେ
ବଞ୍ଚିବାନି ଆମେ କେହି
ସୁନାର ଧରଣୀ ଛାରଖାର ହେବ
ଏଥିରେ ସନ୍ଦେହ ନାହିଁ ॥

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରଥମେ କବିତାରେ ଥିବା ଚିତ୍ରଗୁଡ଼ିକ ଦେଖାଇ ପିଲାଙ୍କ ସହ ଆଲୋଚନା କରିବେ । ଶିକ୍ଷକ ପିଲାଙ୍କ କବିତାଟିକୁ ଆବୃତ୍ତି କରି ଶୁଣାଇବେ । ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାଙ୍କ ପଛରେ ଗାଇବେ । ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ ।






ଆନନ୍ଦରେ ସର୍ବେ ବଞ୍ଚିବା ପାଇଁକି
ଏକାଠି ଶପଥ ନେବା
ପରିବେଶ ଆମ ସୁନ୍ଦର ରଖିଣ
ମାଟି ମା ସେବା କରିବା ॥

# ଅଭ୍ୟାସ

୧. ଆସ କଥା ହେବା ।

(କ) ଦିବାକର କେଉଁ ଗ୍ରାମର ଲୋକ ?

(ଖ) ଦିବାକର ସମସ୍ତଙ୍କୁ କ'ଣ ବୁଝାଇ କହେ ?

(ଗ) ପରିବେଶ ଖରାପ ହେଲେ ଆମର କି ଅସୁବିଧା ହେବ ?

(ଘ) କ'ଣ ସବୁ କାମ କଲେ ଆମର ସୁଖର ଦିନ ପୁଣି ଫେରି ଆସିବ ?

(ଙ) ଆମେ କାହାର ସେବା କରିବା ?

୨. ତଳେ ଦିଆଯାଇଥିବା ଶବ୍ଦରୁ 'ଷ୍ପ' ଓ 'ଷ୍ଟ' ଯୁକ୍ତାକ୍ଷର ବାଛିବା ଓ ଗୋଲ ଭିତରେ ଲେଖିବା ।

ଯେପରି,

| | | | |
|---|---|---|---|
| ବାଷ୍ପ | ଷ୍ପ | ପୁଷ୍ତକ | |
| ପୁଷ୍ପ | | ନିଷ୍ପାପ | |
| ନିଷ୍ଫଳ | | ଆସ୍ଫାଳନ | |

୩. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ନେଇ ଖାଲିସ୍ଥାନ ପୂରଣ କର ।

(ବାଷ୍ପ, ପୁଷ୍ପ, ଚତୁଷ୍ପଦ, ପୁଷ୍ତକ)

(କ) ପାଣି ଗରମ କଲେ ----------- ହୁଏ ।

(ଖ) ଫୁଲକୁ ------------ କହନ୍ତି ।

(ଗ) ଗାଈ ଏକ ------------ ପ୍ରାଣୀ ।

୪. ଆସ ପଢ଼ିବା ଓ ଲେଖିବା ।

| | | |
|---|---|---|
| ପୁଷ୍ତକ ------------ | ଆସ୍ପର୍ଦ୍ଧା ------------ | ପୁଷ୍ପାଞ୍ଜଳି ------------ |
| ପୁଷ୍ପ ------------ | ନିଷ୍ଫଳ ------------ | କାଳ୍ପନିକ ------------ |
| ସ୍ପର୍ଦ୍ଧା ------------ | ଅଳ୍ପାୟୁ ------------ | ଆସ୍ଫାଳନ ------------ |
| ସ୍ଫୂର୍ତ୍ତି ------------ | ସ୍ଫୁଲିଙ୍ଗ ------------ | ସ୍ପର୍ଶ ------------ |

୫. ଗୋଲ ମଧ୍ୟରୁ ଯୁକ୍ତାକ୍ଷର ନେଇ ଶବ୍ଦ ଗଢ଼ ।

ନି____ଳ
ପୁ ____
ନି____ତ୍ତି

ଷ୍ପ
ଷ୍ଫ ଷ୍ପା

ଆ____ଳନ
ବା____

୬. ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

ଷ୍ଫଳନି -----------
କରୁତଳ୍ପ -----------
ପୁଞ୍ଜାଷ୍ପାଳି ------------

ଲିଙ୍ଗୁଷ୍ପ ------------
କଷ୍ପପୁ -----------
ଷ୍ଫନିଳା ------------

୭. ବାକ୍ୟଗୁଡ଼ିକ ପଢ଼ ଓ ଲେଖ ।

(କ) କେତେକ ବୃକ୍ଷ ପୁଷ୍ପବନ୍ତ କିନ୍ତୁ ନିଷ୍ଫଳ ।

-----------------------------------------------------------------

(ଖ) ଜଳ ଗରମ ହେଲେ ବାଷ୍ପ ହୁଏ ।

-----------------------------------------------------------------

(ଗ) ବୃଥା ଆସ୍ଫାଳନ ନ କରିବା ଭଲ ।

-----------------------------------------------------------------

(ଘ) କୌଣସି ନିଷ୍ପତ୍ତି ନେବା ଆଗରୁ ଭଲଭାବେ ଚିନ୍ତା କର ।

-----------------------------------------------------------------

୮. କବିତାଟିକୁ ପଢ଼ି ଉତ୍ତର ଲେଖ ।

(କ) ଦିବାକର କେଉଁସବୁ କାମରେ ଧୁରନ୍ଧର ?

-----------------------------------------------------------------

(ଖ) ଗଛ କାଟିଲେ ଆମର କ'ଣ ସବୁ ଅସୁବିଧା ହେବ ?

-----------------------------------------------------------------

(ଗ) ଦିବାକର କେଉଁ କାର୍ଯ୍ୟରେ ଅଧିକ ଧ୍ୟାନ ଦିଏ ?

-------------------------------------------------------------------

(ଘ) କବିତାରେ କାହାକୁ ପରିଷ୍କାର ରଖିବା ପାଇଁ କୁହାଯାଇଛି ? ଆମେ ଜଳକୁ କିପରି ପରିଷ୍କାର ରଖିବା ?

-------------------------------------------------------------------

**୯. ଏମାନଙ୍କୁ ଆମେ କ'ଣ କହିବା ଲେଖ ।**

ଯିଏ ଚାଷ କାମ କରେ, ---------------।


ଯିଏ କାଠ କାମ କରେ, ---------------।

ଯିଏ ଲୁହା କାମ କରେ, ---------------।

ଯିଏ ସୁନା କାମ କରେ, ---------------।

ଯିଏ ହାଣ୍ଡି ମାଠିଆ ଗଢ଼େ, ---------------।


**୧୦. ତଳେ ଦିଆଯାଇଥିବା ଚିତ୍ରରେ ରଙ୍ଗ ଦିଅ ।**



ପତ୍ର



ପଦ୍ମଫୁଲ



ଗୁଡ଼ି

## ୧୧. ତୁମ ଗାଁରେ ଚାଷୀଟିଏ ଯେଉଁସବୁ ଫସଲ ଚାଷ କରେ ତାକୁ ବୁଝି ତାଲିକା କର ।

| | | | |
|---|---|---|---|
| -------------- | ------------- | ------------- | ------------ |
| -------------- | ------------- | ------------- | ------------ |
| -------------- | ------------- | ------------- | ------------ |

## ୧୨. ଆସ ଆଲୋଚନା କରି ଲେଖିବା- ଆମେ କ'ଣ କରିବା ?

(କ) ଚାରିଆଡ଼େ ଅଳିଆ ଆବର୍ଜନା ପଡ଼ିଥିଲେ -------------------------

(ଖ) ତୁମ ସାଙ୍ଗ ହଠାତ୍ ପଡ଼ିଗଲେ -------------------------

(ଗ) ଗଛଟି ଝାଉଁଳି ପଡ଼ିଥିଲେ -------------------------

(ଘ) ଅଧିକ ଗରମ ହେଲେ -------------------------

(ଙ) ପାଣିକଳ ଖୋଲାଥିଲେ -------------------------

(ଚ) ଚାରା ଗଛଟିଏ ପାଇଲେ -------------------------

## ୧୩. ଆସ ପଢ଼ିବା ।

ମାଡ଼ିଗଲା- ମାଡ଼ିଗଲା ବୋଲି ଲୋକମାନେ ପାଟି କରୁଥାନ୍ତି । ଜଣାପଡ଼ିଲା ଖଣ୍ଡିଆ ଖାବରା ହୋଇ ପଡ଼ିଥିବା ଲୋକଟି ପୁଷ୍ପପୁର ଗାଁ'ର । ସେ ଟ୍ରାଫିକ୍ ନିୟମ ମାନି ନ ଥିବାରୁ ଏପରି ଦୁର୍ଘଟଣା ଘଟିଛି । ଜଣେ ଲୋକ କହିଲେ, ''ଛକରେ ନାଲି ଆଲୁଅ ଜଳୁଥିବାବେଳେ ସବୁଜ ଆଲୁଅକୁ ଅପେକ୍ଷା ନ କରି ମାଡ଼ି ଆସିବାରୁ- ଏହା ହେଉଛି ପରିଣାମ । ଏତିକିବେଳେ ଆହତ ଲୋକଟିର ଘର ଲୋକମାନେ ଓ ପୋଲିସ୍ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଗଲେ । ପୋଲିସ୍ ଆମ୍ବୁଲାନସ୍ ଡକାଇ ଦୁର୍ଘଟଣା ହୋଇଥିବା ଲୋକଟିକୁ ଡାକ୍ତରଖାନାକୁ ପଠାଇଦେଲେ ।




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

❖ 'ଷ୍ପ' ଓ 'ଷ୍ଫ' ଯୁକ୍ତାକ୍ଷର ଚିହ୍ନିବେ ।

❖ 'ଷ୍ପ' ଓ 'ଷ୍ଫ' ଯୁକ୍ତାକ୍ଷରର ଧ୍ୱନି କହିବେ । ଏହି ଯୁକ୍ତାକ୍ଷରଯୁକ୍ତ ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ ।

❖ ପ୍ରସଙ୍ଗର ଉଦ୍ଦେଶ୍ୟ ବୁଝିବେ ଓ କହିବେ ।

❖ ଉପଯୁକ୍ତ ସ୍ୱରରେ ଆବୃତ୍ତି ଓ ଅଭିନୟ କରିବେ ।

❖ ପ୍ରସଙ୍ଗ ଆଧାରିତ ସରଳ ପ୍ରଶ୍ନର ଉତ୍ତର କହିବେ ଓ ଲେଖିବେ ।

**ପରିବେଶ :**

● ଚାଷୀ ଚାଷ କରୁଥିବା ବିଭିନ୍ନ ପ୍ରକାର ଫସଲଗୁଡ଼ିକ କହିବେ ।

● ବିଭିନ୍ନ ବୃତ୍ତି ବିଷୟରେ କହିବେ

● ପରିବେଶ ସୁରକ୍ଷା ବିଷୟରେ କହିବେ ।

● ଗଛର ଉପକାରିତା କହିବେ ।

**ଅଭ୍ୟାସ କାର୍ଯ୍ୟ :**


◆ ସୂଚନା ଅନୁସାରେ ସମସ୍ତ ଅଭ୍ୟାସ କାର୍ଯ୍ୟ କରିବେ ।

◆ ଅଧିକ ପ୍ରଶ୍ନ ପ୍ରସ୍ତୁତ କରି ଅଭ୍ୟାସ ପାଇଁ ବ୍ୟବହାର କରିବେ ।

◆ ବିଭିନ୍ନ ରଙ୍ଗ ବ୍ୟବହାର କରି ରଙ୍ଗ ଦେବେ ।

# ବନ୍ଧୁତା







**ସୂଚନା :** ଶିକ୍ଷକ ପିଲାମାନଙ୍କୁ ଚିତ୍ରଟିକୁ ଦେଖିବା ପାଇଁ କହିବେ । ପିଲାମାନେ ଚିତ୍ରକୁ ଦେଖିସାରିବା ପରେ ଚିତ୍ରକୁ ଆଧାର କରି ନିର୍ଦ୍ଦିଷ୍ଟ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପଚାରିବେ । ଆଲୋଚନା ସମୟରେ ଶିକ୍ଷକ ପିଲାଙ୍କୁ ସେମାନଙ୍କ ଅନୁଭୂତି ସହ ଯୋଡ଼ିବେ । ଶ୍ରେଣୀର ସମସ୍ତ ପିଲାଙ୍କ ଅଂଶଗ୍ରହଣ ଓ ଘର ଭାଷାର ବ୍ୟବହାରକୁ ନିଶ୍ଚିତ କରିବେ । ଆଲୋଚନା ପରେ ପିଲାଙ୍କ ସ୍ତର ଅନୁସାରେ ଚିତ୍ର ଅଙ୍କନ, ଶବ୍ଦ ଓ ବାକ୍ୟ ଲିଖନ କାର୍ଯ୍ୟ କରାଇବେ ।

ପାଠ-୧୮

# ହସିବ ପୁଣି ଆମ ଧରଣୀ




ଉଦୁଉଦିଆ ଖରାବେଳ। କାଉଟିଏ ଗଛ ଡାଳରେ ବସିଥିଲା। ବଗ ଆସି ତା'ପାଖରେ ବସିଲା। ମନକୁମନ କହିଲା-, ''ଓଃ କି ଖରା!'' ଏ ମଣିଷମାନଙ୍କ ପାଇଁ ସମସ୍ତେ ମରିବେ। ପୃଥିବୀ ଧ୍ୱଂସ ପାଇବ।



କାଉ ବଗକୁ କହିଲା-, ''ସତ କହିଲ ବଗ ଭାଇ। ମଣିଷମାନଙ୍କ ବୁଦ୍ଧି ନଷ୍ଟ ହେଲାଣି। ଆମକୁ ଏବେ ଚିନ୍ତା କରିବାକୁ ପଡ଼ିବ। ମୁଁ ଭାବୁଛି ଯେତେବେଳେ ଗଛ କଟା ହେଉଥିବାର ଶବ୍ଦ ଶୁଣିବା, ସେତେବେଳେ ଆମେ ଯାଇ ସେମାନଙ୍କୁ ବୁଝାଇବା।''

ବଗ କହିଲା-, ''ହଁ ରେ ଭାଇ, ସେମାନେ ଯଦି ବୁଝୁଥାଆନ୍ତେ, ତା' ହେଲେ ଏ ପୃଥିବୀରୁ କ'ଣ ଗଛଲତା ଲୋପ ପାଇଥାଆନ୍ତା। 'ନଦୀ ନାଳ ଶୁଖି ଯାଉଥାଆନ୍ତା ? ପାହାଡ଼ ସବୁ ଲଣ୍ଡା ହୋଇ ଯାଉ ଥାଆନ୍ତା ? ଦେଖୁନ,

ଏବେ କେମିତି ଅଧିକ ଗରମ ହେଉଛି; ସବୁ ଜାଗାରେ ପିଇବା ପାଇଁ ପାଣିଟୋପେ ମିଳୁନାହିଁ; ବର୍ଷା ଋତୁରେ ଆବଶ୍ୟକତା ଅନୁସାରେ ବର୍ଷା ହେଉନାହିଁ। ଚାଷ ପାଇଁ ପାଣିର ଅଭାବ ହେଉଛି। ଆମେ କଅଣ ଅବା କରିପାରିବା ? ଏତିକି କହି, ବଗ ମନମାରି ବସି ରହିଲା।




କାଉ କିଛି ସମୟ ଚୁପ୍ ହୋଇ ବସି ରହିଲା। ତା'ପରେ କହିଲା-, ''ମୁଁ ଭାବୁଛି... ଆମେ ଜଙ୍ଗଲର ପଶୁପକ୍ଷୀମାନଙ୍କୁ ଡାକି ଗୋଟିଏ ସଭା କରିବା। ସମସ୍ତଙ୍କ ସହିତ ଆଲୋଚନା କରିବା। ସମସ୍ତେ ବୁଲିବୁଲି ମଞ୍ଜି ସଂଗ୍ରହ କରିବା। ସେହି ମଞ୍ଜିକୁ ନେଇ ପାହାଡ଼, ଜଙ୍ଗଲ ଖୋଲାପଡ଼ିଆ, ପୋଖରୀ ଓ ନଦୀକୂଳରେ ପକାଇ ଦେବା। କିଛି ମଞ୍ଜି ନଷ୍ଟ ହୋଇଯାଇପାରେ, ଆଉ କିଛି ମଞ୍ଜି ବର୍ଷାପାଣି ଓ ଖରା ପାଇଲେ ଗଜା ହେବ। ଗଜା ବଡ଼ ହୋଇ ଗଛ ହେବ। ଗଛଲତାରେ ଧରଣୀ ପୁଣି ହସି ଉଠିବ।''



ବଗ କହିଲା, ''-ବାଃ... ! ବାଃ... ! ବଢ଼ିଆ କଥା କହିଲୁ। ଚାଲ ଏବେ ଠାରୁ ଆମେ ମଞ୍ଜି ସଂଗ୍ରହ କରି କାମ ଆରମ୍ଭ କରିଦେବା। ଏହିପରି ମହତ ଉଦ୍ଦେଶ୍ୟ ନେଇ କାମ କଲେ ସମସ୍ତେ ଏହାର ସୁଫଳ ପାଇବେ।''

ତା'ପରେ କାଉ ଓ ବଗ ଜଙ୍ଗଲ ଆଡ଼କୁ ଉଡ଼ିଗଲେ।



# ଅଭ୍ୟାସ



**୧.** ଆସ କଥା ହେବା ।

(କ) ଗଛକୁ ବଞ୍ଚାଇ ରଖିବା ପାଇଁ ଆମେ କ'ଣ କରିବା ?

(ଖ) ତୁମ ବିଦ୍ୟାଳୟରେ କେଉଁସବୁ ଗଛ ଅଛି କୁହ ?

(ଗ) କୌଣସି କାମ କରିବା ଆଗରୁ ତୁମେ କାହା ସହିତ ଆଲୋଚନା କରିଥାଅ ?

(ଘ) ଲୋକମାନେ ଗଛ କାଟନ୍ତି କାହିଁକି ?

(ଙ) ଜଙ୍ଗଲର ଦୃଶ୍ୟ କିପରି ହୋଇଥିବ ବୋଲି ଭାବୁଛ କୁହ ?

**୨.** ଦେଖ ଓ ଲେଖ ।

ଦ୍ଧ

ଦ୍ଧ

ଦ୍ଧ


**୩.** ଅକ୍ଷର ଯୋଡ଼ି ଶବ୍ଦ ଗଢ଼ ଓ ପଢ଼ ।

ବୁ + ଦ୍ଧ = ______ ସି + ଦ୍ଧି = ______

ଶୁ + ଦ୍ଧ = ______ ଅ + ର୍ଦ୍ଧ = ______

ବୁ + ଦ୍ଧି = ______ ଉ + ର୍ଦ୍ଧ୍ୱ = ______

୪.  ଖାଲିଜାଗାରେ 'ଢ' ଲଗାଇ ଶବ୍ଦ ଗଢ଼ ଓ ପଢ଼ ।




୫.  ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

ତାଶଢୀ = ------------------

ଢେଶ୍ୟଉ = ------------------

ଢ୍ୱାନ୍ତସି = ------------------

ପନାଢ୍ୱୀଉ = ------------------

୬.  ପାଠଟିକୁ ପଢ଼ି ଉତ୍ତର ଲେଖ ।

(କ)  କାଉ ଓ ବଗ ଗଛଡାଳରେ ବସି କ'ଣ କଥା ହେଉଥିଲେ ?

ଉତ୍ତର --------------------------------------------------------

--------------------------------------------------------------

(ଖ)  ବଗ କାହିଁକି ମନମାରି ବସିରହିଲା ?

ଉତ୍ତର --------------------------------------------------------

--------------------------------------------------------------

(ଗ)  କାଉ ଓ ବଗ ମିଶି କ'ଣ ସଂଗ୍ରହ କରିବା ପାଇଁ କଥା ହେଲେ ?

ଉତ୍ତର --------------------------------------------------------

--------------------------------------------------------------

(ଘ) କାଉ ଓ ବଗ କେଉଁ କାମ ଆରମ୍ଭ କଲେ ?

ଉତ୍ତର ---------------------------------------------------------------

---------------------------------------------------------------------

(ଙ) ତୁମେ ଗଛକୁ ବଞ୍ଚାଇବା ପାଇଁ କ'ଣ କରିବ ?

ଉତ୍ତର ---------------------------------------------------------------


---------------------------------------------------------------------

**୭. ତୁମେ ଜାଣିଥିବା ଚଢ଼େଇମାନଙ୍କର ନାମ ଲେଖ ।**

**୮. ତଳ କୋଠରିରେ ନାମ ଲେଖ ।**

| ଘରେ ରହୁଥିବା ପଶୁ | ବଣରେ ରହୁଥିବା ପଶୁ |
|---|---|
| | |

**୯. ଚିତ୍ରରେ ରଙ୍ଗ ଦିଅ ।**



କାଉ



ଶୁଆ



ହଳଦୀବସନ୍ତ



ମୟୂର

## ୧୦. ଚିତ୍ର ଦେଖି ଲେଖ ।





## ୧୧. ଆସ ପଢ଼ିବା ।

କଙ୍କଡ଼ାଟିଏ । ନାଆଁ ତା'ର ଟୁନ୍‌ଟୁନ୍ । ସମୁଦ୍ର କୂଳେକୂଳେ ଯାଉଥାଏ । ମଝିରେ ମଝିରେ ସେ ପଛକୁ ଚାହୁଁଥାଏ । ବାଲି ଉପରେ ପଡୁଥିବା ତା'ର ପାଦଚିହ୍ନକୁ ଦେଖି ଖୁସି ହେଉଥାଏ । ଏମିତି ଆଗକୁ ଯାଉଥାଏ... ଟିକିଏ ପଛକୁ ଚାହିଁ ହସିଦେଉଥାଏ, ପୁଣି ଚାଲୁଥାଏ । ହଠାତ୍ ବଡ଼ ଢ଼େଉଟିଏ ମାଡ଼ିଆସି ତା' ପାଦଚିହ୍ନକୁ ଲିଭାଇଦେଲା । ଏହା ଦେଖି କଙ୍କଡ଼ା ମନଦୁଃଖ କଲା । ସମୁଦ୍ରକୁ ପଚାରିଲା–, ''ଆରେ ଭାଇ ! ତୁମେ ମୋର ଭଲ ସାଙ୍ଗ । ମୁଁ ମୋ ସୁନ୍ଦର ପାଦଚିହ୍ନକୁ ଦେଖି ଖୁସି ହେଉଥିଲି । ତୁମେ ତାକୁ ଲିଭାଇଦେଲ କାହିଁକି ?'' ସମୁଦ୍ର ଟିକିଏ ମୁରୁକି ହସିଦେଲା ଓ କହିଲା–, ''ହଁ ସତରେ ମୁଁ ତୁମକୁ ଖୁବ୍ ଭଲପାଏ । ଦୂରରୁ ମାଛ ଧରାଳିଟିଏ ଆସୁଛି । ପାଦଚିହ୍ନ ପଛେ ପଛେ ଯାଇ କାଳେ ତୁମକୁ ଧରିନେବ... ସେଥିପାଇଁ ମୁଁ ଲିଭାଇଦେଲି । କ'ଣ ଏଥର ବୁଝିଲତ... ?'' ସମୁଦ୍ର ଠାରୁ ଏକଥା ଶୁଣିଲା ପରେ କଙ୍କଡ଼ା ହସିହସି ସମୁଦ୍ର ଭିତରକୁ ଚାଲିଗଲା ।




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- 'ଦ୍ଧ', 'ନ୍ଧ' ଓ 'ବ୍ଦ' ଯୁକ୍ତାକ୍ଷର ଗୁଡ଼ିକୁ ଚିହ୍ନିବେ।
- 'ଦ୍ଧ', 'ନ୍ଧ' ଓ 'ବ୍ଦ' ଯୁକ୍ତାକ୍ଷର ଧ୍ୱନି ସହିତ ପରିଚିତ ହେବେ। ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ପ୍ରସଙ୍ଗକୁ ପଢ଼ିବେ ଓ ସେ ସମ୍ପର୍କୀତ ପ୍ରଶ୍ନର ଉତ୍ତର ଦେବେ।

**ପରିବେଶ :**

- ଗଛ, ଜଙ୍ଗଲ, ପଶୁପକ୍ଷୀ ଓ ପରିବେଶ ବିଷୟରେ କଥାବାର୍ତ୍ତା ହେବେ।
- ପ୍ରସଙ୍ଗର ଉଦ୍ଦେଶ୍ୟକୁ ବୁଝିବେ।
- ପଶୁପକ୍ଷୀମାନେ ଗଛ ସୃଷ୍ଟି କରିବାରେ ସହାୟକ ହୁଅନ୍ତି ବୋଲି ଆଲୋଚନା କରିବ।

**ଅଭ୍ୟାସ କାର୍ଯ୍ୟ :**

- ସୂଚନାକୁ ବୁଝି କାର୍ଯ୍ୟ କରିବେ।
- ଆଲୋଚନା କରିବେ, ମତାମତ ଦେବେ, ପ୍ରଶ୍ନ ପଚାରିବେ।
- ଶିକ୍ଷଣସାମଗ୍ରୀ ତିଆରିରେ ଶିକ୍ଷକଙ୍କୁ ସାହାଯ୍ୟ କରିବେ।
- ସାଙ୍ଗସାଥିଙ୍କ ସହିତ ମିଶି ସଂଶୋଧନ କରିବେ।

## ପାଠ-୧୯

# ବରଗଡ଼ ଧନୁଯାତ୍ରା




ଲିନୁ ମିନୁ ଦୁହେଁ ବରଗଡ଼ ଗଲେ
ଲୁସିଥିଲା ତାଙ୍କ ସାଥେ
ଧନୁଯାତ୍ରା ବୁଲି ଦେଖିଲେ ସେଠାରେ
ଦୋକାନ ବସିଛି ଯେତେ ॥




ଡାକନ୍ତି ପ୍ରଭୁଙ୍କୁ ହାତଯୋଡ଼ି ସର୍ବେ
ଦୁଃଖରୁ ଉଦ୍ଧାର କର
କୃଷ୍ଣ ବଳରାମ ମାରନ୍ତି କଂସକୁ
ପହଞ୍ଚି ମଥୁରା ପୁର ॥


ଆଶ୍ଚର୍ଯ୍ୟ ଲାଗଇ ମୁକ୍ତ ରଙ୍ଗମଞ୍ଚ
ପ୍ରଥମ ଅଟଇ ବିଶ୍ୱେ
ଅଦ୍ଭୁତ ଏହାର କଳା କଉଶଳ
ସୁନାମ ଦେଶ ବିଦେଶେ ॥

ବାଜା ଗୀତ ନାଚେ କମ୍ପେ ରଙ୍ଗମଞ୍ଚ
ଏଗାର ଦିବସ ପାଇଁ
ଓଡ଼ିଶା ମାଟିର ଗୌରବକୁ ଏହା
ଦିଅଇ ମନେ ପକାଇ ॥

ହାତୀର ପିଠିରେ ବସି କଂସ ରାଜା
ରାଇଜ ବୁଲନ୍ତି ନିତି
ଯାତ୍ରା ଶେଷଯାଏ ପ୍ରଜାଙ୍କର ମନେ
ଆଣି ଦେଇଥାଏ ଭୀତି ॥



**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରଥମେ ପିଲାଙ୍କୁ କବିତାରେ ଥିବା ଚିତ୍ରଗୁଡ଼ିକୁ ଦେଖାଇ ଆଲୋଚନା କରିବେ । ଶିକ୍ଷକ ପିଲାଙ୍କ ସହ କବିତାଟିକୁ ଆବୃତ୍ତି କରି ଶୁଣାଇବେ । ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାଙ୍କ ପଛରେ ଗାଇବେ । ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ ।

 **ଅଭ୍ୟାସ** 

**୧. ଆସ କଥା ହେବା ।**

(କ) ତୁମେ କେବେ ବରଗଡ଼ର ଧନୁଯାତ୍ରା ଦେଖିବାକୁ ଯାଇଛ କି ?

(ଖ) ତୁମ ଅଞ୍ଚଳର ହେଉଥିବା ଗୋଟିଏ ଯାତ୍ରା ବିଷୟରେ କୁହ ।

(ଗ) ଯାତ୍ରା ବୁଲିବା ସମୟରେ ତୁମକୁ କ'ଣ ସବୁ ଭଲ ଲାଗେ ?

(ଘ) ଯେପରି ଯାନିଯାତରେ ଲୋକମାନେ ରୁଣ୍ଡ ହୁଅନ୍ତି ସେପରି ଆଉ କେଉଁଠି ଲୋକମାନେ ରୁଣ୍ଡ ହୁଅନ୍ତି ?

**୨. ଦେଖ ଓ ଲେଖ ।**

ଶ୍ଚ

ଦ୍ଭ

**୩. ଆସ ପଢ଼ିବା ଓ ଲେଖିବା ।**

(କ) ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି

---------------------------------------------------

(ଖ) ମାର୍କୋନୀ ରେଡ଼ିଓ ଉଦ୍ଭାବନ କରିଥିଲେ ।

---------------------------------------------------

**୪. ଶବ୍ଦଗୁଡ଼ିକୁ ପଢ଼ ।**

| | | | |
|---|---|---|---|
| ଉଦ୍ଭବ | ପଶ୍ଚିମ | ଉଦ୍ଭିଦ | ହରିଶ୍ଚନ୍ଦ୍ର |
| ଅଦ୍ଭୁତ | ପଶ୍ଚାତ୍ | ନିଶ୍ଚୟ | ପଶ୍ଚାତ୍ତାପ |

୫. ତଳ କୋଠରିରେ ଥିବା ଶବ୍ଦଗୁଡ଼ିକରୁ ଠିକ୍ ଶବ୍ଦଟି ବାଛି ବାକ୍ୟଗୁଡ଼ିକୁ ପୂରଣ କର ।

ଅଦ୍ଭୁତ, ପଶ୍ଚାତ୍ତାପ, ନିଶ୍ଚୟ, ଉଦ୍ଭିଦ, ନର୍ଦ୍ଦମା

(କ) କାଲି ରାତିରେ ମୁଁ ଗୋଟିଏ ------------ ସ୍ୱପ୍ନ ଦେଖିଲି ।

(ଖ) ମୋ ମାମୁ କାଲି --------------- ଆସିବେ ।

(ଗ) ଆମ ଘର ପାଖରେ -------------- ଅଛି ।

(ଘ) ଜ୍ୟୋତି ନିଜଦୋଷ ଜାଣିବା ପରେ --------------- କଲା ।

(ଙ) ଜଙ୍ଗଲରେ ଅନେକ ପ୍ରକାର --------------- ଅଛି ।

୬. ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

ଭାବସ ------------------- ।

ତଭୁଅ ------------------- ।

ତ୍ଶ୍ଚାପ ------------------- ।

ବଭଉ ------------------- ।

୭. ଯେଉଁ ଶବ୍ଦ ତଳେ ଗାର ଦିଆଯାଇଛି, ତାହାର ଅର୍ଥ ବନ୍ଧନୀରୁ ବାଛି ଲେଖ ।

( ସଫା, ଭୟ, ଅଚଳ, ଅପରିଷ୍କାର )

(କ) ମୋତେ ଅନ୍ଧାରକୁ ଡର ଲାଗେ ।

(ଖ) ପରିବେଶ ପରିଷ୍କାର ରଖ ।

(ଗ) ରୋଗୀଟି ବିଛଣାରେ ନିଶ୍ଚଳ ହୋଇ ପଡ଼ିରହିଛି ।

୮. ବରଗଡ଼ର ଧନୁଯାତ୍ରା ପରି ଓଡ଼ିଶାରେ ଆଉ କେଉଁ ସବୁ ଯାତ୍ରା ହୋଇଥାଏ, ଆଲୋଚନା କରି ଲେଖ ।

----------------------------------------------------------------

----------------------------------------------------------------

----------------------------------------------------------------

----------------------------------------------------------------

----------------------------------------------------------------

## ୯. ‘କ’ ସ୍ତମ୍ଭରେ ଥିବା ଶବ୍ଦକୁ ‘ଖ’ ସ୍ତମ୍ଭର ଶବ୍ଦ ସହ ଗାରଟାଣି ନୂଆ ଶବ୍ଦ ଗଢ଼ ଓ ଲେଖ ।

| ‘କ’ ସ୍ତମ୍ଭ | ‘ଖ’ ସ୍ତମ୍ଭ | |
|---|---|---|
| ରଙ୍ଗ | ଗୀତ | -------------------- |
| କଳା | ଯାତ୍ରା | -------------------- |
| ବେଶ | ଭୂଷା | -------------------- |
| ବାଜା | କୌଶଳ | -------------------- |
| ଧନୁ | ମଞ୍ଚ | -------------------- |

## ୧୦. ପ୍ରଶ୍ନଗୁଡ଼ିକର ଉତ୍ତର ଆଲୋଚନା କରି ଲେଖ ।

(କ) ଧନୁଯାତ୍ରା ବୁଲିବାକୁ କେଉଁମାନେ ଯାଇଥିଲେ ?

ଉତ୍ତର : ----------------------------------------------------------

(ଖ) ଏହି ଯାତ୍ରା କେତେଦିନ ପାଳନ ହୋଇଥାଏ ?

ଉତ୍ତର : ----------------------------------------------------------

(ଗ) ପ୍ରଜାମାନେ କାହିଁକି ହାତ ଯୋଡ଼ି ପ୍ରଭୁଙ୍କୁ ଡାକୁଥିଲେ ?

ଉତ୍ତର : ----------------------------------------------------------


(ଘ) କଂସ ରାଜା କେଉଁଠାରେ ରାଜୁତି କରୁଥିଲେ ?

ଉତ୍ତର : ----------------------------------------------------------


(ଙ) ବରଗଡ଼ ଧନୁଯାତ୍ରା କାହିଁକି ପ୍ରସିଦ୍ଧ ?

ଉତ୍ତର : ----------------------------------------------------------

୧୧. 'ଦ୍ଧ' ଯୁକ୍ତାକ୍ଷରକୁ ନେଇ ନୂଆ ଶବ୍ଦ ଗଢ଼ ।




୧୨. ହାତୀ ଧନୁଯାତ୍ରା ଯିବା ପାଇଁ ବାହାରିଛି କିନ୍ତୁ ବାଟ ପାଉନାହିଁ । ତୁମେ ତାକୁ ଧନୁଯାତ୍ରାରେ ପହଞ୍ଚିବା ପାଇଁ ସାହାଯ୍ୟ କର ।



## ୧୩. ଆସ ଗମନାଗମନ ପାଇଁ ଟ୍ରାଫିକ୍ ବୟସକୁ ବୁଝିବା ଓ ପ୍ରୟୋଗ କରିବା।



ଟ୍ରାଫିକ୍ ଛକ

- ଆଗକୁ ନ ଯାଇ ଅଟକିବା।
- ଯିବା ପାଇଁ ପ୍ରସ୍ତୁତ ହେବା।
- ଅଗ୍ରସର ହେବା।

### ଆସ ଗାଇବା-

ବାଟେ ଯାଉଯାଉ ପଡ଼ିଲା ଛକ
ଛକରେ ଆଲୁଅ ଜକଜକ
ନାଲି, ଆଲୁଅଟା କହୁଛି ଭାଇ
ରହି ଯା’ ଆଗକୁ ନ ଯାଅ ତୁହି ॥
ଯେବେଟି ଜଳିଲା ହଳଦିଆ
କହିଲା ଟିକିଏ ହୁଅ ଠିଆ
ସବୁଜ ଆଲୁଅ ଜଳି କହିଲା
ଯାଅ ଯାଅ ଏବେ ବେଳ ହୋଇଲା ॥

## ୧୪. ତୁମ ପାଇଁ କାମ।

ତଳେ ଦିଆଯାଇଥିବା ସଂକେତ ଗୁଡ଼ିକ ବିଷୟରେ ଆଲୋଚନା କରି ଲେଖ।

 = ------------------------------------------------

 = ------------------------------------------------

 = ------------------------------------------------

 = ------------------------------------------------




# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

## କ'ଣ ଶିଖିବେ ?



### ଭାଷା :

- 'ଷ୍ଟ' ଓ 'ଭ' ଯୁକ୍ତାକ୍ଷର ଚିହ୍ନିବେ।
- ଶବ୍ଦଗୁଡ଼ିକୁ ଠିକ୍ ଉଚ୍ଚାରଣ କରି ପଢ଼ିବେ।
- ଠିକ୍ ବନାନ ସହ ପରିଷ୍କାର ଭାବେ ଶବ୍ଦ ଓ ବାକ୍ୟ ଲେଖିବେ।
- ସହଜ ଭାବେ ସରଳ ପ୍ରଶ୍ନର ଉତ୍ତର କହିବେ ଓ ଲେଖିବେ।
- ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟ ଭଲଭାବରେ ବୁଝିବେ।

### ପରିବେଶ :

- ପିଲାଙ୍କୁ ଯାତ୍ରା କ'ଣ ବୋଲି କହିବେ ?
- ବିଭିନ୍ନ ବାଜା, ଗୀତ, ନାଚ ଓ ଅଭିନୟ କଥା କହିବେ।
- ଆମ ପୁରାଣ ବିଷୟରେ ଅବଗତ ହେବେ।
- ଛୋଟ ବଡ଼ ମଞ୍ଚ ଜାଣିବେ।
- ଅଭିନୟରେ ବ୍ୟବହୃତ ବିଭିନ୍ନ ବେଶ ଓ ପୋଷାକ ବିଷୟରେ ଅବଗତ ହେବେ।
- ଯାତ୍ରାରେ ଥିବା ଦୋକାନ ବଜାର, ମେଳା, ରଙ୍ଗୀନ ଆଲୋକର ବ୍ୟବହାର ଜାଣିବେ।

### ଅଭ୍ୟାସ କାର୍ଯ୍ୟ :

- ଶିକ୍ଷକ ସୂଚନା ଅନୁସାରେ ସମସ୍ତ ଅଭ୍ୟାସ ପ୍ରଶ୍ନଗୁଡ଼ିକୁ ଆଲୋଚନା କରିବେ।
- ବାରମ୍ବାର ଅଭ୍ୟାସ କାର୍ଯ୍ୟଗୁଡ଼ିକରେ ସଂଶୋଧନ କରିବେ।
- ଆବଶ୍ୟକ ହେଲେ ଅଭ୍ୟାସ କାର୍ଯ୍ୟ ପାଇଁ ଅଧିକ ପ୍ରଶ୍ନ ତିଆରି କରି ଦେବେ।
- ପିଲାଙ୍କୁ ନିୟମିତ ଶ୍ରୁତ ଲିଖନ ଡାକି ସଂଶୋଧନ କରିବେ।
- ଶିକ୍ଷଣ ସାମଗ୍ରୀର ବ୍ୟବହାର କରିବେ।

# ବଲ୍ଲବୀ ପଢ଼ିଲା ପାଠ



କିଆପଦର ଗାଁରେ ବଲ୍ଲବୀର ଘର। ଘର ପାଖରେ ଜଙ୍ଗଲ। ପ୍ରତିଦିନ ବଲ୍ଲବୀ ରାସ୍ତାକଡ଼ରେ ଛେଳି ଚରାଏ। ଦିନେ ସେ ଝୁଣ୍ଟିକି ପଡ଼ିଗଲା। ତା' ଗୋଡ଼ରୁ ରକ୍ତ ବାହାରୁଥାଏ। ସେହି ବାଟ ଦେଇ ସୁଦୀପ୍ତା ଓ ପ୍ରଦୀପ୍ତ ବିଦ୍ୟାଳୟକୁ ଯାଉଥିଲେ। ବଲ୍ଲବୀକୁ ଦେଖି ଅଟକିଗଲେ। ତା' ଗୋଡ଼ର କ୍ଷତକୁ ପୋଛି ଦେଲେ। ବଲ୍ଲବୀ ଟିକେ ଆରାମ ପାଇଲା ପରେ ପ୍ରଦୀପ୍ତ ପଚାରିଲା-, ''ତୁ କାହିଁକି ପାଠ ନ ପଢ଼ି ଛେଳି ଜଗୁଛୁ।''



ବଲ୍ଲବୀ ଆଖି ଛଳଛଳ କରି କହିଲା-, ''ତୁମମାନଙ୍କ ଭଳି ମୋର ପାଠ ପଢ଼ିବାକୁ ଭାରି ମନ, ହେଲେ ମୋ ବାପା ଭାରି ଗରିବ। ମୂଲ ଲାଗି ଚଳୁ।''

ସୁଦୀପ୍ତା ଏହା ଶୁଣି କହିଲା, ''ତୁ ସିନା ଦିନରେ ଛେଳି ଜଗୁଛୁ, ରାତିରେ ଆମ ଘରକୁ ଆସୁନୁ। ଆମେ ଦୁହେଁ ତୋତେ ପଢ଼ାଇ ଦେବୁ।''


ଦୁହିଁଙ୍କର ପ୍ରସ୍ତାବ ବଲ୍ଲବୀର ମନକୁ ପାଇଲା। ସେଦିନ ସନ୍ଧ୍ୟାବେଳେ ବଲ୍ଲବୀ ଗୁହାଳରେ ଛେଳିଗୁଡ଼ିକୁ ଛାଡ଼ି ସୁଦୀପ୍ତା ଘରେ ପହଞ୍ଚିଲା। ସୁଦୀପ୍ତା ବଲ୍ଲବୀକୁ ପ୍ରଥମ ଶ୍ରେଣୀ ବହିରୁ ରଙ୍ଗୀନ ଚିତ୍ରସବୁ ଦେଖାଇଲା। ବଲ୍ଲବୀ ଚିତ୍ର ଦେଖି ବହୁତ ଖୁସି ହେଲା।


ନିତିଦିନ ସୁଦୀପ୍ତା ଘରକୁ ବଲ୍ଲବୀ ପଢ଼ିବାକୁ ଆସିଲା । ସେ ଧୀରେଧୀରେ ଅକ୍ଷର ଶିଖିଗଲା । ବହି ପଢ଼ିବା ଆରମ୍ଭ କଲା ।



ପ୍ରଦୀପ୍ତର ବାପା ବଲ୍ଲବୀର ପାଠ ପଢ଼ିବାର ଆଗ୍ରହ ଦେଖି ବହୁତ ଖୁସି ହେଲେ । ତା' ବାପାଙ୍କୁ ଘରକୁ ଡକାଇ ଗାଁ ବିଦ୍ୟାଳୟରେ ବଲ୍ଲବୀର ନାମ ଲେଖାଇ ଦେଲେ ।

ବିଦ୍ୟାଳୟରୁ ବହିପତ୍ର, ପୋଷାକ, ଜୋତା, ମୋଜା ଓ ଖାଇବା ଆଦି ପାଇ ବଲ୍ଲବୀ ମନ ଦେଇ ପଢ଼ିଲା । ଏହାପରେ ସେ ଗାଁର ଅନ୍ୟ ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଡାକି ଆଣିଲା ।





## ଅଭ୍ୟାସ



**୧. ଆସ କଥା ହେବା ।**

(କ) ତୁମେ ତୁମ ସାଙ୍ଗ ପାଇଁ କ'ଣ କରିପାରିବ ?

(ଖ) ତୁମେ ତୁମର ସାଙ୍ଗମାନଙ୍କର ନାମ କୁହ ?

(ଗ) ତୁମ ସାଙ୍ଗମାନେ କେଉଁ ସମୟରେ ତୁମ ସହ ରହିଥା'ନ୍ତି ?

(ଘ) ତୁମେ ଯଦି ପ୍ରଦୀପ୍ତ କିମ୍ବା ସୁଦୀପ୍ତା ହୋଇଥାନ୍ତ ତେବେ ବଲ୍ଲବୀ ପାଇଁ କ'ଣ କରିଥାନ୍ତ ?

(ଙ) ତୁମକୁ ପାଠପଢ଼ାରେ ଶିକ୍ଷକଙ୍କ ବ୍ୟତୀତ ଆଉ କେଉଁମାନେ ସାହାଯ୍ୟ କରିଥାନ୍ତି ?

**୨. ଦେଖ ଓ ଲେଖ ।**

କ୍ତ


ପ୍ତ

ସ୍ତ

**୩. ଆସ ପଢ଼ିବା ।**

(କ) ସାଧୁର ଲକ୍ଷଣ ଈଶ୍ୱର ଭକ୍ତି ।
ଦୁଗ୍ଧପାନ କଲେ ବଢ଼ଇ ଶକ୍ତି ।

୪.   ଚକ୍ରର ଚାରିପାଖରେ ଥିବା ଅକ୍ଷର ସହ ମଝି ଅକ୍ଷରକୁ ନେଇ ଶବ୍ଦ ଗଢ଼, ଲେଖ ଓ ପଢ଼ ।




୫.   ପଢ଼ ଓ ଲେଖ ।

| | | | | | |
|---|---|---|---|---|---|
| ଶସ୍ତା = | | ଗୁପ୍ତ = | | ବିରକ୍ତ = | |
| ବସ୍ତା = | | ଲୁପ୍ତ = | | ବିଲୁପ୍ତ = | |
| ହସ୍ତ = | | ସୁପ୍ତ = | | ରପ୍ତାନି = | |
| ରାସ୍ତା = | | ଲିପ୍ତ = | | ବିକ୍ଷିପ୍ତ = | |

୬.   ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ ।

ଶମାକ୍ତିନ = --------------------

ଭାକ୍ତିଭବ = --------------------

ଫେସ୍ତସଣୀ = --------------------

ନ୍ୟହସ୍ତଶୂ = --------------------

କ୍ଷରସ୍ତାହ = --------------------

୭. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର।

(କ) ସୁଦୀପ୍ତ ଝୁଣ୍ଟି ପଡ଼ିବାରୁ ତା' ଗୋଡ଼ରୁ --------- ବାହାରିଲା। (ରକ୍ତ, ପୂଯ)

(ଖ) ଏକ ------------- ସାତଦିନ। (ବର୍ଷ, ସପ୍ତାହ)

(ଗ) ତୁମେ ସବୁଦିନ ------------- ଲେଖ। (ପୁସ୍ତକ, ହସ୍ତାକ୍ଷର)

୬. ଆଲୋଚନା କରି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।

(କ) କିଏ ରାସ୍ତା କଡ଼ରେ ଛେଳି ଚରାଉଥିଲା ?

ଉତ୍ତର : ----------------------------------------------------------

(ଖ) ବଲ୍ଲବୀକୁ ପ୍ରଥମେ କିଏ ପାଠପଢ଼ାରେ ସାହାଯ୍ୟ କଲା ?

ଉତ୍ତର : ----------------------------------------------------------

(ଗ) ବଲ୍ଲବୀର ଗାଆଁ ନାଆଁ କ'ଣ ?

ଉତ୍ତର : ----------------------------------------------------------

(ଘ) ତୁମ ସହ ବଲ୍ଲବୀର ଦେଖା ହେଲେ ତୁମେ କ'ଣ କରିବ ?

ଉତ୍ତର : ----------------------------------------------------------

୯. ଆସ ବିଦ୍ୟାଳୟରେ ପ୍ରତିଦିନ କାହା ପରେ କ'ଣ ହୁଏ ସଜାଡ଼ି ଲେଖିବା।

★ ଖାଇବା ଛୁଟି ହୁଏ।

★ ବିଦ୍ୟାଳୟ ଫାଟକ ଖୋଲେ।

★ ଶିକ୍ଷକ ପାଠ ପଢ଼ାନ୍ତି।

★ ଘରକୁ ଯିବା ପାଇଁ ଘଣ୍ଟି ବାଜେ।

★ ଶ୍ରେଣୀଗୃହ ଓ ଅଗଣା ସଫା କରାଯାଏ।

★ ପ୍ରାର୍ଥନା ହୁଏ।

★ ଶିକ୍ଷକ ପାଠ ପଢ଼ାନ୍ତି।

★ ଖେଳିବା ଘଣ୍ଟି ବାଜେ।

★ ଶ୍ରେଣୀରେ ପିଲାଏ ବସନ୍ତି।

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

---------------------------------------------------------------

## ୧୦. ଆସ ପଢ଼ିବା ଓ କରିବା ।

ପରିଷ୍କାର ପରିଚ୍ଛନ୍ନ ରହିବା ପାଇଁ ଆମେ -

- ➔ ସକାଳୁ ଉଠି ମୁହଁ ଧୋଇବା ।
- ➔ ଦାନ୍ତ ଘଷିବା, ଜିଭ ଛେଲିବା ଓ ପାଟି ଧୋଇବା ।
- ➔ ମୁଣ୍ଡ କୁଣ୍ଡାଇବା ।
- ➔ ନଖ କାଟିବା ।
- ➔ ହାତ ସାବୁନ୍‌ରେ ଧୋଇ ଖାଇବା ।
- ➔ ନିଜେ ପରିଷ୍କାର ରହିବା ।
- ➔ ନିଜ ପରିବେଶକୁ ସଫା ରଖିବା ।

## ୧୧. ତୁମ ପାଇଁ କାମ ।

ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ସରକାରଙ୍କୁ ତରଫରୁ କ'ଣ ସବୁ ସୁବିଧା ସୁଯୋଗ ମିଳେ ପିତା, ମାତା, ସାଙ୍ଗସାଥି, ଗୁରୁଜନ ଓ ଶିକ୍ଷକଙ୍କ ସହିତ ଆଲୋଚନା କରି ଲେଖ ।

## ୨୦ ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା



### କ'ଣ ଶିଖିବେ ?



**ଭାଷା :**

- ❖ 'କ୍ତ', 'ପ୍ତ' ଓ 'ସ୍ତ' ଯୁକ୍ତାକ୍ଷର ଚିହ୍ନିବେ।
- ❖ ବନାନ ସହିତ ଶବ୍ଦ ପଢ଼ିବା ଶିଖିବେ।
- ❖ ଶିଖିଥିବା ଯୁକ୍ତାକ୍ଷର ଠିକ୍ ରୂପେ ଲେଖିବେ।
- ❖ ଶୁଣୁଥିବା, କହୁଥିବା, ପଢୁଥିବା ଓ ଲେଖୁଥିବା ବିଷୟ ଭଲ ଭାବରେ ବୁଝି ପାରୁଥିବେ।

**ପରିବେଶ :**

- ସାଙ୍ଗମାନଙ୍କ ସହିତ ନିଜର ସଂପର୍କ ଜାଣିବେ।
- ନିଜେ କିପରି ପରିଷ୍କାର ପରିଚ୍ଛନ୍ନ ରହିବ ଘରେ ସେହି କଥା ଶିଖିବେ।
- ମନ୍ଦ ସ୍ପର୍ଶ କ'ଣ ଜାଣିବେ।
- ପଶୁପକ୍ଷୀଙ୍କ ମାସ୍କ୍ ତିଆରି କରିବେ।
- ପାଠ ପଢ଼ିବା ପାଇଁ ବିଭିନ୍ନ ଉପକରଣର ନାମ ଜାଣିବେ।

**ଅଭ୍ୟାସ କାର୍ଯ୍ୟ :**

- ◆ ସୂଚନା ଅନୁସାରେ ସମସ୍ତ ଅଭ୍ୟାସ କାର୍ଯ୍ୟ କରିବେ।
- ◆ ଅଭ୍ୟାସ କାର୍ଯ୍ୟ ସଂଶୋଧନ କରିବେ।
- ◆ ଶ୍ରୁତ ଲିଖନ ନିୟମିତ କରାଇବେ।
- ◆ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ବ୍ୟବହାର କରିବେ।
- ◆ ଅଧିକ ପ୍ରଶ୍ନ ପ୍ରସ୍ତୁତ କରି ଅଭ୍ୟାସ ପାଇଁ ବ୍ୟବହାର କରିବେ।

ପାଠ-୨୧

# ଏକତାର ବଳ




କଳାହାଣ୍ଡିର କର୍ଲାପାଟ ଜଙ୍ଗଲ । ସେହି ଜଙ୍ଗଲରେ ଠେକୁଆ, ବିଲୁଆ, ହରିଣ, ସମ୍ବର, ମାଙ୍କଡ଼, ମଇଁଷି, ବାଘ ଓ ହାତୀ ଆଦି ପଶୁ ରୁହନ୍ତି । ମୟୂର, ଶୁଆ, କଜଳପାତି, ବଣି, ପାରା ଓ କପୋତ ଭଳି ପକ୍ଷୀ ମଧ୍ୟ ସେଠାରେ ଦେଖିବାକୁ ମିଳନ୍ତି । ସବୁ ପଶୁପକ୍ଷୀ ନିଜନିଜ ଦଳରେ ରହି ଚରାବୁଲା କରନ୍ତି ।



ଦିନକର କଥା । ଜଙ୍ଗଲରେ ବାଘଟିଏ ଉଚ୍ଚ ଜାଗାରେ ବସିଥାଏ । ତାକୁ ଭାରି ଭୋକ ହେଉଥାଏ । ସେ ଦେଖିଲା କିଛି ଦୂରରେ ଦଳେ ମଇଁଷି ଚରୁଛନ୍ତି । ସେ ଛପିଛପି ଆସିଲା । ଗୋଟିଏ ମଇଁଷି ଉପରକୁ କୁଦା ମାରି ତା ବେକକୁ ଧରିଲା । ପାଖରେ ଚରୁଥିବା ମଇଁଷିପଲ ଏହା ଦେଖି ବାଘ ଆଡ଼କୁ ମାଡ଼ି ଆସିଲେ । ସମସ୍ତେ ମିଳିମିଶି ବାଘ ସହ ଲଢ଼ିବାକୁ ଲାଗିଲେ । ବାଘ ବିଚରା କରିବ ଆଉ କ'ଣ ? ଜୀବନ ବିକଳରେ ଜଙ୍ଗଲ ଭିତରକୁ ପଳେଇଲା ।

ମଇଁଷିଙ୍କର ଦଳପତି ସମସ୍ତଙ୍କୁ ଚାହିଁ କହିଲା, ''-ଆଚ୍ଛା, ଦେଖିଲ ତ... ଦଳର ବଳ ।''

ବାଘ ଭଳି ବଳୁଆ ଜୀବ ଆଜି ଆମଠାରୁ ହାରିଗଲା । ଏହା ଆମ ଏକତାର ଫଳ । ଏଣୁ ସଭିଏଁ ଆମେ ଏକାଠି ହୋଇ ରହିବା ଭଲ ।



# ଅଭ୍ୟାସ



**୧. ଆସ କଥା ହେବା ।**

(କ) ତୁମେ କାହାର ଅସୁବିଧା ସମୟରେ କେବେ ସାହାଯ୍ୟ କରିଛ କି ? ଯଦି କରିଛ, ତେବେ କିପରି କୁହ ?

(ଖ) ଅନ୍ୟକୁ ସାହାଯ୍ୟ କରିବା ଯେପରି ଏକ ଭଲ କାମ, ସେହିପରି ଆଉ କେତୋଟି ଭଲକାମ ବିଷୟରେ କୁହ ।

(ଗ) ମିଳିମିଶି କାମକଲେ କ'ଣ ହୁଏ କୁହ ?

(ଘ) ତୁମେ ସବୁ ସାଙ୍ଗମାନେ ଏକାଠି ହୋଇ କେଉଁ କାମ କର କୁହ ।

**୨. ଦେଖ ଓ ଲେଖ ।**

ଛ

ଛୁ

**୩. ଆସ ଗାଇବା ।**

(କ) ଉଚ୍ଚ ହେବା ପାଇଁ କର ଯେବେ ଆଶା ।
ଉଚ୍ଚ କର ଆଗେ ନିଜ ମାତୃଭାଷା ।

(ଖ) ଜ୍ଞାନୀ ସଜ୍ଜନ ସଙ୍ଗ ଧରି,
ମନ ନିର୍ମଳ ସ୍ୱଚ୍ଛ କରି ।
ପ୍ରଭୁଙ୍କ ନାମ ଉଚ୍ଚାରଣ,
କର ହେ ନରନାରୀଗଣ ।

## ୪. ଚିତ୍ରରେ ଥିବା ଅକ୍ଷରକୁ ଯୋଡ଼ି ଶବ୍ଦ ଗଢ଼ ଓ ଲେଖ ।

(କ)




-----------------------------------

-----------------------------------


-----------------------------------

-----------------------------------

-----------------------------------

-----------------------------------

(ଖ)




## ୫. ଆସ ପଢ଼ିବା ଓ ଲେଖିବା

| | | |
|---|---|---|
| ସଚ୍ଚା = | ସଚ୍ଚିତ୍ର = | ସଚ୍ଚିଦାନନ୍ଦ= |
| ଗୁଚ୍ଛ = | ବିଚ୍ଛିନ୍ନ = | ଆଚ୍ଛାଦନ = |

## ୬. ଶିକ୍ଷକ 'ଚ୍ଚ' ଓ 'ଚ୍ଛ' ଯୁକ୍ତାକ୍ଷରକୁ ନେଇ ଶବ୍ଦ ପିଲାଙ୍କୁ ଡାକିବେ ।

------------ ------------ ------------

------------ ------------ ------------

------------ ------------ ------------

------------ ------------ ------------

## ୭. ଆସ ଆଲୋଚନା କରି ଉତ୍ତର ଲେଖିବା

(କ) କିଏ ମଇଁଷି ଉପରକୁ କୁଦା ମାରିଲା ?

ଉତ୍ତର : ---------------------------------------------------

(ଖ) ମଇଁଷିର ଜୀବନ ରକ୍ଷା ହେଲା କିପରି ?

ଉତ୍ତର : ---------------------------------------------------

(ଗ) କର୍ଲାପାଟ ଜଙ୍ଗଲରେ କେଉଁସବୁ ପଶୁପକ୍ଷୀ ରହୁଥିଲେ ?

ଉତ୍ତର : ---------------------------------------------------

(ଘ) ବାଘ ପରି ବଳୁଆ ପଶୁ ମଇଁଷିଠାରୁ ହାରିଗଲା କାହିଁକି ?

ଉତ୍ତର : ---------------------------------------------------

(ଙ) 'ଦଳପତି' କହିଲେ ତୁମେ କ'ଣ ବୁଝୁଛ ?

ଉତ୍ତର : ---------------------------------------------------

## ୮. ଆସ ଆଲୋଚନା କରି ଲେଖିବା ।

ଯେପରି : ବାପା - ମାଆ

ମାମୁ - ------------

ଅଜା - ------------

ଦାଦା - ------------

ମଉସା - ------------

୯. ବେଙ୍ଗ ଚିତ୍ରରେ ଥିବା ଜୀବଜନ୍ତୁଙ୍କର ନାମ ପଢ଼। ସେମାନଙ୍କ ଭିତରୁ କେଉଁମାନେ ଜଳ ଭାଗରେ ଏବଂ କେଉଁମାନେ ସ୍ଥଳଭାଗରେ ରହନ୍ତି ଅଲଗା କରି କୋଠରୀରେ ଲେଖ।




| ଜଳ ଭାଗରେ ରହୁଥିବା ଜୀବଜନ୍ତୁ | ସ୍ଥଳ ଭାଗରେ ରହୁଥିବା ଜୀବଜନ୍ତୁ |
|---|---|
| | |

୧୦. ପାଠରେ ଥିବା ପଶୁପକ୍ଷୀଙ୍କ ନାମ ବ୍ୟତୀତ ତୁମେ ଜାଣିଥିବା ଅନ୍ୟାନ୍ୟ ପଶୁପକ୍ଷୀଙ୍କ ନାମ ଲେଖ।

------------------ ------------------ ------------------

------------------ ------------------ ------------------

------------------ ------------------ ------------------

------------------ ------------------ ------------------

୧୧. ତଳେ ଥିବା ଜିନିଷଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକୁ ପାଣିରେ ପକାଇଲେ ମିଶିବ ଓ କେଉଁଗୁଡ଼ିକ ପାଣିରେ ମିଶିବ ନାହିଁ ସାରଣୀରେ ଥିବା ଖାଲିଘରେ ( ✓ ) ଠିକ୍ ଚିହ୍ନ ଦିଅ।

| ବସ୍ତୁର ନାମ | ପାଣିରେ ମିଶିଯିବ | ପାଣିରେ ମିଶିବ ନାହିଁ |
|---|---|---|
| କାଗଜ | | |
| କଲମ | | |
| ଲୁଣ | | |
| ଚପଲ | | |
| ରୁଟି | | |
| ଚିନି | | |

୧୨. ତଳେ ଲେଖାଯାଇଥିବା ବାକ୍ୟଗୁଡ଼ିକ ମଧ୍ୟରୁ ତୁମକୁ ଯେଉଁଗୁଡ଼ିକ ଭଲ ଲାଗୁଛି ତା' ପାଖରେ ଥିବା କୋଠରିରେ ( ✓ ) ଠିକ୍ ଚିହ୍ନ ଦିଅ।

| | |
|---|---|
| (କ) ନିଜ ଜିନିଷ ସଜାଡ଼ି ରଖିବା। | |
| (ଖ) ସାଙ୍ଗସାଥିଙ୍କ ସହ ମିଳିମିଶି ଚଳିବା। | |
| (ଗ) ଖାଦ୍ୟ ଓ ଜଳ ନଷ୍ଟ କରିବା। | |
| (ଘ) ନିଜକାମକୁ ଅନ୍ୟଦ୍ୱାରା କରାଇବା। | |
| (ଙ) ସବୁବେଳେ ମୋବାଇଲ ଦେଖିବା। | |
| (ଚ) ନିଜ କାମ ନିଜେ କରିବା। | |
| (ଛ) ଗୁରୁଜନଙ୍କ କଥା ମାନିବା। | |

୧୩. ଚିତ୍ର ଦେଖ ଓ ଲେଖ।



-----------------------------------------------------------------

-----------------------------------------------------------------

-----------------------------------------------------------------

-----------------------------------------------------------------

-----------------------------------------------------------------

-----------------------------------------------------------------

**୧୪. ତଳେ ଦିଆଯାଇଥିବା ଆଚରଣ ଗୁଡ଼ିକ ମଧ୍ୟରୁ କେଉଁ ଆଚରଣକୁ ତୁମେ ବିରୋଧ କରିବ ସେଗୁଡ଼ିକ ଚାରିପଟେ ◯ ଗୋଲ ବୁଲାଅ ।**

| | |
|---|---|
| ନମସ୍କାର କରିବା । | ହାତ ମିଳାଇବା । |
| ଓଠକୁ ଛୁଇଁବା । | ଗୋଡ଼ରେ ଗୋଡ଼ ବଜାଇବା । |
| ପାଖରେ ବସିବା । | କୁଣ୍ଢାଇବା । |
| ହସହସି କଥାହେବା । | ଗୁରୁଜନଙ୍କ ସହିତ ଉଚ୍ଚ ସ୍ୱରରେ କଥା ହେବା । |

**୧୫. ତୁମ ପାଇଁ କାମ ।**

ଶିକ୍ଷକ ଓ ଗୁରୁଜନଙ୍କ ସହଯୋଗରେ ବାଘ, ମଇଁଷି, ବିଲେଇ, ମାଙ୍କଡ଼, ଛେଳି ଇତ୍ୟାଦି ପଶୁଙ୍କର ମୁଖା ତିଆରି କର ଓ ସେଗୁଡ଼ିକୁ ମୁହଁରେ ଲଗାଇ ଶ୍ରେଣୀରେ ଅଭିନୟ କର ।




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- 'ଛ' ଓ 'ଚ୍ଛ' ଯୁକ୍ତାକ୍ଷର ଚିହ୍ନିବେ।
- 'ଛ' ଓ 'ଚ୍ଛ' ଯୁକ୍ତାକ୍ଷରକୁ ଧ୍ୱନି ସହିତ ପରିଚିତ ହେବେ। ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ପାଠଟିକୁ ପଢ଼ି ବୁଝିବେ, ପାଠର ଉଦ୍ଦେଶ୍ୟ ବିଷୟରେ କଥାବାର୍ତ୍ତା ହେବେ।
- ପ୍ରସଙ୍ଗକୁ ଶେଷରେ ଥିବା ପ୍ରଶ୍ନର ମୌଖିକ ଓ ଲିଖିତ ଉତ୍ତର ଦେବେ।

**ପରିବେଶ :**

- ଜଙ୍ଗଲର ପଶୁପକ୍ଷୀଙ୍କ ବିଷୟରେ କହିବେ।
- ପଶୁପକ୍ଷୀଙ୍କ ଖାଦ୍ୟପେୟ ରହିବାଜାଗା, ଜୀବନଯାପନ ଶୈଳୀ ବିଷୟରେ କହିବେ।
- ଏକାଠି ହୋଇ କାମ କରିବା ଓ ଏକାଠି ଚଳିବାର ମହତ୍ତ୍ୱକୁ ବୁଝିବେ।
- ବସ୍ତୁର ଗୁଣ ସମ୍ପର୍କରେ କହିବେ।

**ଅଭ୍ୟାସ କାର୍ଯ୍ୟ :**

- ସୂଚନାଗୁଡ଼ିକୁ ବୁଝି ପ୍ରଶ୍ନଗୁନିକର ଉତ୍ତର କହିବେ ଓ ଲେଖିବେ।
- ଶ୍ରୁତଲିଖନ ଲେଖିବେ।
- ଭଲ ଅଭ୍ୟାସଗୁଡ଼ିକୁ ନିଜ ଜୀବନରେ ପ୍ରୟୋଗ କରିବ।
- ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ ଗୁଡ଼ିକୁ ନିୟମିତ କରିବେ।
- ଅଧିକ ଶିକ୍ଷଣ କାର୍ଯ୍ୟ ଶିକ୍ଷକ ଦେବେ।
- ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବେ।

ପାଠ-୨୨

# ଓଡ଼ିଶାର ପର୍ବପର୍ବାଣି

ଏହା କେଉଁ ପର୍ବର ଚିତ୍ର ?


------------------------

ତୁମେ ରଥଯାତ୍ରା ଦେଖିବାକୁ କେଉଁଠିକି ଯାଅ ?

------------------------



ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ପାଳନ ହୁଏ । ପୁରୀର ରଥଯାତ୍ରା ବିଶ୍ୱପ୍ରସିଦ୍ଧ ଅଟେ । ଏହି ଦିନ ଜାତିଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବଡ଼ଦାଣ୍ଡରେ ଠାକୁରଙ୍କୁ ଦର୍ଶନ କରନ୍ତି ।



ଚିତ୍ରରେ କେଉଁ ଠାକୁରଙ୍କୁ ପୂଜା କରାଯାଉଛି ।

------------------------------------------------

ଏହି ପୂଜା କେଉଁ ସବୁସ୍ଥାନରେ ହୁଏ ?

------------------------------------------------

ତୁମେ ଗଣେଶ ପୂଜା ଦିନ ବିଦ୍ୟାଳରେ କ'ଣ ସବୁ କର ?

------------------------------------------------

ଭାଦ୍ରବ ମାସ, ଶୁକ୍ଳପକ୍ଷ ଚତୁର୍ଥୀ ଦିନ ଗଣେଶ ପୂଜା ହୁଏ । ଗଣେଶଙ୍କୁ ବୁଦ୍ଧିଦାତା ବୋଲି କୁହାଯାଏ ।

**ଏହି ଚିତ୍ରରେ କେଉଁ ଦେବୀ ପୂଜା ପାଉଛନ୍ତି ?**

---

**ଏହି ଯାତ୍ରାଟି କେଉଁ ଅଞ୍ଚଳରେ ପାଳନ କରାଯାଏ ?**

---

ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଏକ ପାରମ୍ପରିକ ଯାତ୍ରା ହେଉଛି 'ଛତର ଯାତ୍ରା'। କଳାହାଣ୍ଡିର ଇଷ୍ଟଦେବୀ ମାଆ ମାଣିକେଶ୍ୱରୀ ଏହି ଠାରେ ପୂଜା ପାଆନ୍ତି। ଦୁର୍ଗାପୂଜା ଅଷ୍ଟମୀ ଦିନ ଏହି ଯାତ୍ରା ପାଳନ କରାଯାଇଥାଏ।





**ଏହା କେଉଁ ପର୍ବର ଚିତ୍ର ?**

---

**ଏହି ଦିନ କେଉଁ ଠାକୁରାଣୀଙ୍କୁ ପୂଜା କରାଯାଏ ?**


---

**ତୁମେ ସେ ଦିନ ଘରେ କ'ଣ ସବୁ କର ?**

---

କାର୍ତ୍ତିକ ମାସ କୃଷ୍ଣ ପକ୍ଷ ଅମାବାସ୍ୟା ତିଥିରେ ଦୀପାବଳି ପର୍ବ ପାଳନ କରାଯାଏ। ସେ ଦିନ ଆମେ ଆମ ପୂର୍ବ ପୁରୁଷଙ୍କୁ ମନେ ପକାଉ। ଦୀପ ଜାଳୁ ଏବଂ ପିଠାପଣା କରି ଖାଉ।

ଓଡ଼ିଶାର ଅନ୍ୟ ପର୍ବପର୍ବାଣି ମାନଙ୍କ ମଧ୍ୟରୁ ମକର ସଂକ୍ରାନ୍ତି, ରଜ, ଅକ୍ଷୟ ତୃତୀୟା, କାର୍ତ୍ତିକ ପୂର୍ଣ୍ଣିମା, ଜନ୍ମାଷ୍ଟମୀ, ପ୍ରଥମାଷ୍ଟମୀ ଓ ପଣାସଂକ୍ରାନ୍ତି ଆଦି ପର୍ବକୁ ମହାସମାରୋହରେ ପାଳନ କରାଯାଏ। ଓଡ଼ିଶାରେ ବାରମାସରେ ତେରପର୍ବ ପାଳନ ହୁଏ ବୋଲି କଥା ରହିଛି।



# ଅଭ୍ୟାସ



## ୧. ଆସ କଥା ହେବା ।

(କ) ତୁମ ଅଞ୍ଚଳରେ କେଉଁ ସବୁ ପର୍ବ ପାଳନ କରାଯାଏ ?

(ଖ) ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା କେଉଁ ଠାରେ ହୋଇଥାଏ ?

(ଗ) ଗଣେଶ ପୂଜା କେଉଁ ଦିନ ପାଳନ କରାଯାଏ ?

(ଘ) ଛତର ଯାତ୍ରା କେଉଁ ଜିଲ୍ଲାର ମୁଖ୍ୟଯାତ୍ରା ଅଟେ ?

(ଙ) କେଉଁ ପର୍ବରେ ଆମ ପୂର୍ବ ପୁରୁଷମାନଙ୍କୁ ଆମେ ମନେ ପକାଇଥାଉ ?

## ୨. ପଢ଼ ଓ ଲେଖ ।

| | | | | | |
|---|---|---|---|---|---|
| ସ୍ଥାନ | ------------- | ପ୍ରସ୍ଥ | ------------- | ଅବସ୍ଥା | ------------- |
| ସ୍ଥିର | ------------- | ସ୍ଥଳ | ------------- | ସୁଦେଷ୍ଣା | ------------- |
| ସ୍ଥାୟୀ | ------------- | ପ୍ରସ୍ଥାନ | ------------- | ବୈଷ୍ଣବ | ------------- |
| ଅସ୍ଥି | ------------- | ତୃଷ୍ଣା | ------------- | ସହିଷ୍ଣୁ | ------------- |
| ଦୁଃସ୍ଥ | ------------- | କୃଷ୍ଣ | ------------- | ସ୍ଥାବର | ------------- |
| ସୁସ୍ଥ | ------------- | ବିଷ୍ଣୁ | ------------- | ସ୍ଥାପନ | ------------- |

## ୩. କୋଠରି ମଧ୍ୟରୁ ଅକ୍ଷରଗୁଡ଼ିକୁ ନେଇ ଶବ୍ଦ ଗଢ଼ ଓ ଲେଖ ।

| | | |
|---|---|---|
| ସ୍ତ | ପ | ନ |
| ପ୍ର | ସ୍ଥା | ଅ |
| ବ | ସ୍ଥ | ଳ |

ସ୍ଥାପନ
-------------

-------------

-------------

-------------

-------------

୪. ଆସ ତଳ ବାକ୍ୟଗୁଡ଼ିକୁ ପଢ଼ିବା ଓ ଲେଖିବା ।

(କ) ସୁଦେଷ୍ଣା ବିଷ୍ଣୁପୁର ଯାଇଛି ।

------------------------------------------

(ଖ) କୃଷ୍ଣପକ୍ଷ ପରେ ଶୁକ୍ଳପକ୍ଷ ଆସେ ।

------------------------------------------

(ଗ) ଆମେମାନେ କଷ୍ଟ ସହିଷ୍ଣୁ ହେବା ଉଚିତ ।

------------------------------------------

(ଘ) ସବୁଜ ପରିବା ଖାଇଲେ ଆମ ଦେହ ସୁସ୍ଥ ରହେ ।

------------------------------------------

(ଙ) ଗାଁ ମୁଣ୍ଡରେ ବିଦ୍ୟାଳୟଟିଏ ସ୍ଥାପନ ହେଲା ।

------------------------------------------

୫. 'ସ୍ଥ' ଓ 'ଷ୍ଣ' ଥିବା ତିନୋଟି ଲେଖାଏଁ ଶବ୍ଦ ଲେଖ ।

------------- -------------

------------- -------------

-------------

୬. 'ସ୍ଥ' ଓ 'ଷ୍ଣ' ଯୁକ୍ତାକ୍ଷରକୁ ନେଇ ଶବ୍ଦଗଢ଼ି ଦୁଇଟି ବାକ୍ୟ ଲେଖ ।

---------------------------------------------------------------

---------------------------------------------------------------

**୭. ପର୍ବର ନାମ ସହ ଉପଯୁକ୍ତ ପାଳନ ତିଥିକୁ ଗାର ଟାଣି ଯୋଡ଼ ଓ ଲେଖ ।**

| | |
|---|---|
| ଦୀପାବଳି | ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥି |
| ରଥଯାତ୍ରା | ମା ଦୁର୍ଗାପୂଜା ଅଷ୍ଟମୀ ଦିନ ତିଥି |
| ଗଣେଶ ପୂଜା | ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି |
| ଛତର ଯାତ୍ରା | କାର୍ତ୍ତିକ ମାସ ଅମାବାସ୍ୟା ତିଥି |

**୮. ପର୍ବର ନାମ ସହିତ ଚିତ୍ରକୁ ଗାର ଦେଇ ଯୋଡ଼ ।**


ରଜ



ଜନ୍ମାଷ୍ଟମୀ




ହୋଲି



ଦୀପାବଳି



ଗଣେଶ ପୂଜା



## ୯. ପାଠଟିକୁ ପଢ଼ି ଉତ୍ତର ଲେଖ ।

(କ) କାହାକୁ ବୁଦ୍ଧିଦାତା ଠାକୁର କହନ୍ତି ?

---------------------------------------------

(ଖ) ଦୀପାବଳି ଦିନ ତୁମେ କ'ଣ କର ?

---------------------------------------------

(ଗ) ରଜ ପର୍ବରେ ଝିଅମାନେ କ'ଣ କରନ୍ତି ?

---------------------------------------------

(ଘ) ରଥଯାତ୍ରା କେଉଁଠାରେ ହୁଏ ? କେଉଁ ଠାକୁରଙ୍କୁ ସେଦିନ ପୂଜା କରାଯାଏ ?

---------------------------------------------

(ଙ) ଗଣେଶ ପୂଜା ପୂର୍ବଦିନ ତୁମେ କ'ଣ କର ?


---------------------------------------------

## ୧୦. ଚିତ୍ର ଦେଖ ଓ ବାଦ୍ୟଯନ୍ତ୍ର ଗୁଡ଼ିକର ନାମ ଖାଲି କୋଠରୀରେ ଲେଖ ?






















# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

## କ'ଣ ଶିଖିବେ ?



### ଭାଷା :

❖ 'ସ୍ଥ' ଓ 'ଷ୍ଠ' ଯୁକ୍ତାକ୍ଷର ଚିହ୍ନିବେ।

❖ ବନାନ୍ ସହିତ ଶବ୍ଦ ପଢ଼ା ଶିଖିବେ।

❖ ଠିକ୍ ବନାନ ସହିତ ନିର୍ଭୁଲ ଭାବେ ଶବ୍ଦ ଓ ବାକ୍ୟଗୁଡ଼ିକୁ ପଢ଼ିବେ ଓ ଲେଖିବେ।

❖ ଶୁଣୁଥିବା, କହୁଥିବା, ପଢୁଥିବା ବିଷୟଗୁଡ଼ିକୁ ଭଲ ଭାବରେ ବୁଝି ବ୍ୟବହାର କରିବେ।

### ପରିବେଶ :

- ଆମ ଓଡ଼ିଶାର ବିଭିନ୍ନ ପର୍ବପର୍ବାଣି କଥା କହିବେ।
- ପର୍ବପର୍ବାଣିରେ ବ୍ୟବହୃତ ବାଦ୍ୟଯନ୍ତ୍ର ବିଷୟରେ କହିବେ।
- ବିଭିନ୍ନ ପର୍ବପର୍ବାଣି ପାଳନ କରିବାର ବିଧି ବିଷୟରେ କହିବେ।
- ବିଭିନ୍ନ ତିଥି କହିବେ।

### ଅଭ୍ୟାସ କାର୍ଯ୍ୟ :

◆ ସୂଚନା ଅନୁସାରେ ଅଭ୍ୟାସ କାର୍ଯ୍ୟ କରାଇବେ।


◆ ସଂଶୋଧନ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେବେ।

◆ ଅଧିକ ଅଭ୍ୟାସ କାର୍ଯ୍ୟ ଆବଶ୍ୟକ ସ୍ଥଳେ ଦେବେ।

◆ ଶିକ୍ଷଣ ସାମଗ୍ରୀର ବହୁଳ ବ୍ୟବହାର କରିବେ।

ପଞ୍ଚମ ଭାଗ

# ଆକାଶ





**ସୂଚନା :** ଶିକ୍ଷକ ପିଲାମାନଙ୍କୁ ଚିତ୍ରଟିକୁ ଦେଖିବା ପାଇଁ କହିବେ । ପିଲାମାନେ ଚିତ୍ରକୁ ଦେଖିସାରିବା ପରେ ଚିତ୍ରକୁ ଆଧାର କରି ନିର୍ଦ୍ଦିଷ୍ଟ ଓ ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ପଚାରିବେ । ଆଲୋଚନା ସମୟରେ ଶିକ୍ଷକ ପିଲାଙ୍କୁ ସେମାନଙ୍କ ଅନୁଭୂତି ସହ ଯୋଡ଼ିବେ । ଶ୍ରେଣୀର ସମସ୍ତ ପିଲାଙ୍କ ଅଂଶଗ୍ରହଣ ଓ ଘର ଭାଷାର ବ୍ୟବହାରକୁ ନିଶ୍ଚିତ କରିବେ । ଆଲୋଚନା ପରେ ପିଲାଙ୍କ ସ୍ତର ଅନୁସାରେ ଚିତ୍ର ଅଙ୍କନ, ଶବ୍ଦ ଓ ବାକ୍ୟ ଲିଖନ କାର୍ଯ୍ୟ କରାଇବେ ।


# ଚାରିଦିଗ



ସକାଳୁ ଉଠି ଜେଜେମା' ମୋର
ବାସିପାଇଟି ସାରେ
ବୁଲିବା ସାରି ମୋ' ଜେଜେବାପା
ଯୋଗ କରନ୍ତି ଘରେ ॥



ଡାକିଲେ ଜେଜେ ଚୁନୁ ମୁନୁଙ୍କୁ
ପାଖରେ ଯାଅ ବସି
ଦେଖାଇଦେବି ଚାରିଟି ଦିଗ
ଜାଣିଲେ ହେବ ଖୁସି ॥



ସକାଳ ହେଲେ ସୂରୁଜ ଆଡ଼େ
ମୁହଁ କରିବ ଯେବେ
ପୂରୁବ ଦିଗ ଅଟଇ ତାହା
ତୁମେ ଜାଣିବ ତେବେ ॥




ଦୁଇହାତକୁ          ଦୁଇଆଡ଼କୁ
ତୁମେ ମେଲାଇ ଦେବ
ଡାହାଣ ହାତେ          ଦକ୍ଷିଣଦିଗ
ବାମେ ଉତ୍ତର ହେବ ॥

ତୁମ ଦେହର          ପଛ ପାଖଟି
ଅଟେ ପଶ୍ଚିମ ଦିଗ
ଦିନ ଶେଷରେ          ସେଇ ଦିଗରେ
ସୁରୁଯ ବୁଡ଼ିଯିବ ॥

ବଡ଼ ହୋଇଲେ          ଜାଣିବ ତୁମେ
ଏମିତି କଥା କେତେ
ଜ୍ଞାନ ବିଜ୍ଞାନ          ଏଇ ଜଗତେ
ରହିଛି ଆଉ ଯେତେ ॥



**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରଥମେ କବିତାରେ ଥିବା ଚିତ୍ରଗୁଡ଼ିକ ଦେଖାଇ ପିଲାଙ୍କ ସହ ଆଲୋଚନା କରିବେ । ଶିକ୍ଷକ ପିଲାଙ୍କ ସହ କବିତାଟିକୁ ଆବୃତ୍ତି କରି ଶୁଣାଇବେ । ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାଙ୍କ ପଛରେ ଗାଇବେ । ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ ।

 ଅଭ୍ୟାସ 

**୧.** **ଆସ କଥା ହେବା ।**

(କ) ତୁମେ ଚାରିଦିଗର ନାମ କୁହ ।

(ଖ) ସୂର୍ଯ୍ୟ କେଉଁ ଦିଗରେ ଉଦୟ ହୁଅନ୍ତି ?

(ଗ) ତୁମ ବିଦ୍ୟାଳୟଟି ତୁମ ଘରର କେଉଁ ଦିଗରେ ଅଛି ?

(ଘ) ସୂର୍ଯ୍ୟ ଅସ୍ତ ପରେ ତୁମେ କ'ଣ ସବୁ କର ?

(ଙ) ତୁମେ ବଡ଼ ହେଲେ କେଉଁ ସବୁ କଥା ଜାଣିବାକୁ ଇଚ୍ଛା କରୁଛ ?

**୨.** **ବିନ୍ଦୁ ଯୋଡ଼ ।**



**୩.** **କବିତା ପଢ଼ି ଉତ୍ତର ଲେଖ ।**

(କ) ସକାଳେ ଜେଜେବାପା କ'ଣ କରନ୍ତି ?

---------------------------------------------------------------

(ଖ) ତୁମ ଘରେ ସକାଳର ଘର କାମ କିଏ କରନ୍ତି ?

---------------------------------------------------------------

(ଗ) ପୂର୍ବଦିଗକୁ ତୁମେ କିପରି ଜାଣିପାରିବ ?


---------------------------------------------------------------

(ଘ) କେଉଁ ଦିଗକୁ ଦେଖି ଦିନ ଶେଷ ହେଲା ବୋଲି ତୁମେ ଜାଣିପାରିବ ?

---------------------------------------------------------------

## ୪. ଅକ୍ଷର ଯୋଡ଼ି ଶବ୍ଦ ଗଢ଼, ପଢ଼ ଓ ଲେଖ ।

ଯେପରି : - ଅଙ୍କ




## ୫. ଆସ ଦିଗ ଜାଣିବା ।

(ଶିକ୍ଷକ ପିଲାମାନଙ୍କୁ ଚାରି ଧାଡ଼ିରେ ବସାଇ ତଳ ପ୍ରଶ୍ନଗୁଡ଼ିକ ପଚାରିବେ)

(କ) ତୁମ ଡାହାଣ ପଟେ କିଏ ବସିଛି ? ----------------

(ଖ) ତୁମ ବାମ ପାର୍ଶ୍ୱରେ କିଏ ଅଛି ? ----------------


(ଗ) ତୁମ ଆଗରେ ବସିଥିବା ସାଙ୍ଗର ନାମ କୁହ ? ----------------

(ଘ) ତୁମ ପଛରେ କିଏ ଅଛି ? ----------------

## ୬. ଆସ ଗାଇବା ।


ପୂରୁବ ଦିଗେ ସୂରୁଯ ଉଏଁ
କାଉ ରାବଇ କା
ପଶ୍ଚିମେ ଯେବେ ସଞ୍ଜ ହୁଏ
ବହେ ଶୀତଳ ବାଆ ॥
ଶୀତ ଆସିଲେ ଉତ୍ତର ପଟେ
ହିମ ପ୍ରବାହ ହୁଏ
ଦକ୍ଷିଣ ଦିଗେ ନିଧି ମାଉସୀ
ନିଆଁ ପୁଆଁଉ ଥାଏ ॥

୭. ଓଡ଼ିଶାର ମାନଚିତ୍ର ଦେଖି, କୋଠରି ଭିତରେ ଚାରିଦିଗର ନାମ ଲେଖ ।




ଓଡ଼ିଶାର ମାନଚିତ୍ର

୮. ଆସ ଚିତ୍ର ଦେଖି ଯୋଗ ଓ ପ୍ରାଣାୟାମ କରିବା ।












୯. ଚିତ୍ର ଦେଖି ବିଦ୍ୟାଳୟର ଚାରି ଦିଗରେ କ'ଣ ଅଛି ଶିକ୍ଷକଙ୍କ ସହ ଆଲୋଚନା କରି ଲେଖ ।




| ପୂର୍ବ ଦିଗ | ପଶ୍ଚିମ ଦିଗ | ଉତ୍ତର ଦିଗ | ଦକ୍ଷିଣ ଦିଗ |
|---|---|---|---|
| | | | |

୧୦. ତଳେ ଦିଆଯାଇଥିବା ଚିତ୍ରକୁ ଦେଖି ଗପଟିଏ ଲେଖ ।

ଠେକୁଆ କଇଁଛ ଗପ


















## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?




**ଭାଷା :**

- 'ଙ୍କ' ଯୁକ୍ତାକ୍ଷର ଚିହ୍ନିବେ।
- ବନାନ ସହିତ ଶବ୍ଦ ପଢ଼ିବେ।
- 'ଙ୍କ' ଯୁକ୍ତାକ୍ଷର ଲଗାଇ ବିଭିନ୍ନ ଶବ୍ଦ ଗଢ଼ିବେ, ପଢ଼ିବେ ଓ ଲେଖିବେ।
- ଠିକ୍ ବନାନ ସହିତ ସ୍ପଷ୍ଟ ଭାବରେ ଶବ୍ଦକୁ ବ୍ୟବହାର କରି ବାକ୍ୟ ଲେଖିବେ।
- ଶୁଣୁଥିବା, କହୁଥିବା ପଢୁଥିବା ଓ ଲେଖୁଥିବା ବିଷୟକୁ ଭଲ ଭାବରେ ବୁଝି ପାରିବେ।

**ପରିବେଶ :**

- ଚାରିଦିଗର ନାମ କହିବେ।
- ସୂର୍ଯ୍ୟ ଉଦୟ ଓ ଅସ୍ତର ଦିଗ କହିବେ।
- ଯୋଗ ଓ ପ୍ରାଣାୟମର ଧାରଣା ପାଇବା ସହ ଅଭ୍ୟାସ କରିବେ।
- ଓଡ଼ିଶା ମାନଚିତ୍ରର ଦିଗ କହିବେ।
- ନିଜଗାଁ ଚତୁଃପାର୍ଶ୍ୱରେ ଥିବା ଥାନା, ଡାକ୍ତରଖାନା, ଡାକଘର, ବ୍ୟାଙ୍କ, ପୋଖରୀ, ଗଛପତ୍ର, ମନ୍ଦିର, ପଞ୍ଚାୟତ ଅଫିସର ଅବସ୍ଥିତି କଥା କହିବେ।

**ଅଭ୍ୟାସ କାର୍ଯ୍ୟ :**

- ସୂଚନା ଅନୁସାରେ ଅଭ୍ୟାସ କାର୍ଯ୍ୟ କରିବେ।
- ଦିଗ ଜାଣିବା ପାଇଁ ଅଧିକ ଅଭ୍ୟାସ ପ୍ରଶ୍ନ ତିଆରି କରି ବ୍ୟବହାର କରିବେ।
- ଶିକ୍ଷଣ ସାମଗ୍ରୀ ବ୍ୟବହାର କରିବେ।
- ଅଭ୍ୟାସ ପ୍ରଶ୍ନର ସଂଶୋଧନ କାର୍ଯ୍ୟ କରିବେ।

ପାଠ-୨୪


# ସଜାଡ଼ି ହେବା ଆମେ



ବରଷୁନି ମେଘ     ଆକାଶରେ ଏବେ
ଚାତକ ରହିଛି ଚାହିଁ
ଉତ୍କଟ ହେଲାଣି     ଜଳର ଅଭାବ
ଏ ସାରା ଜଗତ ପାଇଁ ॥

ଜଳଉତ୍ସ ସବୁ     ଶୁଖିଲାଣି ଏବେ
ଛାନିଆ ଜୀବଜଗତ
ଚିତ୍କାର କରନ୍ତି     ଜଳପାଇଁ ସର୍ବେ
ଦିନରାତି ଅବିରତ ॥

ଉତ୍ପନ୍ନ ହେଉନି     ପୂର୍ବପରି ଶସ୍ୟ
ବାଦଲ ଦେଉନି ପାଣି
ଆକାଶ ଦିଶୁନି     ନିରିମଳ ଆଉ
ଧୂଳିଧୂଆଁ ଜମିଲାଣି ॥




ଖରା ହେଉଅଛି     ଟାଣ ଯେ ବହୁତ
ଗରମ ହୁଏନି ସହି
ଚନ୍ଦ୍ର, ତାରା ଏବେ     ମଳିନ ଦିଶନ୍ତି
ବଦଳି ଯାଉଛି ମହୀ ॥



ସମୟ ଆସିଛି ସଜାଡ଼ି ହେବାକୁ
ସଚେତନ ହେବା ଆମେ
ଯତନ କରିଣ ଲଗାଇଲେ ଗଛ
ବଞ୍ଚିଯିବା ଧରା ଧାମେ ॥

**ଶିକ୍ଷକଙ୍କ ପାଇଁ ସୂଚନା :** ଶିକ୍ଷକ ପ୍ରଥମେ କବିତାରେ ଥିବା ଚିତ୍ରଗୁଡ଼ିକ ଦେଖାଇ ପିଲାମାନଙ୍କ ସହ ଆଲୋଚନା କରିବେ। ଶିକ୍ଷକ ପିଲାମାନଙ୍କ ସହ କବିତାଟିକୁ ଆବୃତ୍ତି କରି ଶୁଣାଇବେ। ଶିକ୍ଷକ ପ୍ରଥମେ ଗାଇବେ ପିଲାମାନେ ତାଙ୍କ ପଛରେ ଗାଇବେ। ଶେଷରେ ଶିକ୍ଷକ ପିଲାଙ୍କ ସହ କବିତା ଉପରେ ଆଲୋଚନା କରିବେ।



# ଅଭ୍ୟାସ



**୧.** **ଆସ କଥା ହେବା ।**

(କ) ତୁମେ ଘରେ କେଉଁ ସବୁ ଜିନିଷ ସଜାଡ଼ି ରଖ ?

(ଖ) ବିଦ୍ୟାଳୟକୁ ଆସିବା ପୂର୍ବରୁ ତୁମେ କ'ଣ ସବୁ କର ?

(ଗ) ପାଣିର ଅଭାବ ହେଲେ କ'ଣ ସବୁ ଅସୁବିଧା ହେବ ?

(ଘ) ତୁମେ ଶ୍ରେଣୀଗୃହ ଓ ଖେଳ ପଡ଼ିଆକୁ କିପରି ସଫା ରଖ ?

(ଙ) ଗରମରୁ ରକ୍ଷା ପାଇବା ପାଇଁ ଆମେ କ'ଣ କରିବା ?

**୨.** **ଦେଖି ଦେଖି ଲେଖ ।**

କ୍ଳ


ପ୍ଳ

**୩.** **ଆସ ପଢ଼ିବା ।**

ଉତ୍କଳ ମାତାର ଆମେ ସନ୍ତାନ,
ଭଲ କାମ କରି ରଖିବା ମାନ ।

**୪.** **'ପ୍ଳ' ଓ 'କ୍ଳ' ଅକ୍ଷର ଯୋଡ଼ି ଶବ୍ଦ ଗଢ଼ ଓ ଲେଖ ।**

(କ)





----------------

----------------

----------------

(ଖ)




-----------------

-----------------

-----------------

**୫.** **'କ' ସ୍ତମ୍ଭରେ ଗଛ ଲଗାଇବାର କ୍ରମ ଦିଆଯାଇଛି । 'ଖ' ସ୍ତମ୍ଭରେ ଥିବା ସଂପର୍କିତ ଚିତ୍ର ସହ ଯୋଡ଼ ।**

**'କ' ସ୍ତମ୍ଭ**

**'ଖ' ସ୍ତମ୍ଭ**

ଗୋଟିଏ ଫୁଲକୁଣ୍ଡ ନେବ ।





କୁଣ୍ଡଟିରେ କିଛି ଗୁଣ୍ଡ ମାଟି ନେବ ।



ଗୋଟିଏ ମଞ୍ଜି ନେବ ।



ମାଟି କୁଣ୍ଡରେ ମଞ୍ଜିଟିଏ ପୋତିବା



ଗଛରେ ପାଣିନେବା ଓ ତା'ର ଯତ୍ନ ନେବ

**୬. କବିତା ପଢ଼ି ଉତ୍ତର ଲେଖ ।**

(କ) ମେଘକୁ କିଏ ଚାହିଁ ରହିଛି ?

-----------------------------------------------------------

(ଖ) ଜୀବଜଗତ ଛାନିଆ ହେଲେଣି ବୋଲି କାହିଁକି କୁହାଯାଇଛି ?

-----------------------------------------------------------

(ଗ) ପରିବେଶକୁ ସୁନ୍ଦର କରିବା ପାଇଁ ତୁମେ କ'ଣ କରିବ ?

-----------------------------------------------------------

(ଘ) ନଦୀ ଓ ପୋଖରୀ ଜଳ ଦୂଷିତ ହେଲେ ଆମର କ'ଣ ଅସୁବିଧା ହେବ ?


-----------------------------------------------------------

(ଙ) ଆଜିକାଲି ଭଲ ଶସ୍ୟ ଉତ୍ପାଦନ ହେଉନାହିଁ କାହିଁକି ?

-----------------------------------------------------------

**୭. ମାଛ ଭିତରରେ ଥିବା ଅକ୍ଷରକୁ ନେଇ ଶବ୍ଦ ଗଢ଼ ଓ ମାଛ ଲାଞ୍ଜରେ ଲେଖ ।**

ଯେପରି :




**୮. ପଢ଼ ଓ ଲେଖ ।**

ଉତ୍କଟ ------------------

ଉତ୍ପତ୍ତି ------------------

ଉତ୍କଳ ------------------

ଉତ୍ପାଦନ ------------------

ଉତ୍ପନ୍ନ ------------------

ନୀଳୋତ୍ପଳ ------------------

ଉତ୍କଳିକା ------------------

୯. ଆସ ପଢ଼ିବା ।

ଗୋବର ଖତ ଏକ ଉତ୍କୃଷ୍ଟ ସାର । ଜମିରେ ପକାଇଲେ ଜମିର ଉତ୍ପାଦନ ଶକ୍ତି ବଢ଼େ । ଫସଲ ଭଲ ଉତ୍ପାଦନ ହୁଏ ।

୧୦. ଚିତ୍ର ଦେଖ ଓ ଲେଖ ।



--------------------------------
--------------------------------
--------------------------------
--------------------------------
--------------------------------

୧୧. କୋଠରିରେ ଥିବା ଚିତ୍ର ଦେଖି, କେଉଁ କାମଟି କରିବ ତା ନିକଟରେ ଠିକ୍ ( ✓ ) ଓ କେଉଁ କାମ କରିବ ନାହିଁ ତା ନିକଟରେ ଭୁଲ ( X ) ଚିହ୍ନ ଦିଅ ।












# ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

## କ'ଣ ଶିଖିବେ ?



### ଭାଷା :

- ‘କ୍ର’, ‘ପ୍ର’ ଯୁକ୍ତାକ୍ଷର ଚିହ୍ନିବେ।
- ବନାନ ସହିତ ଶବ୍ଦ ପଢ଼ିବେ।
- ଶିଖିଥିବା ଯୁକ୍ତାକ୍ଷରକୁ ନେଇ ବିଭିନ୍ନ ଶବ୍ଦ ଓ ବାକ୍ୟ କହିବେ, ପଢ଼ିବେ ଓ ଲେଖିବେ।
- ଶିଖିଥିବା ଯୁକ୍ତାକ୍ଷରକୁ ଠିକ୍ ରୂପେ ଲେଖିବେ।
- ଶୁଣୁଥିବା, କହୁଥିବା, ପଢୁଥିବା, ଲେଖୁଥିବା ବିଷୟକୁ ଭଲ ଭାବରେ ବୁଝିବେ ଓ ସରଳ ଭାଷାରେ ଉତ୍ତର ଦେବେ।

### ପରିବେଶ :

- ବର୍ଷା ଅଭାବରେ ହେଉଥିବା ଅସୁବିଧା କହିବେ।
- ଆକାଶ କାହିଁକି ନିର୍ମଳ ଦିଶୁନାହିଁ କହିବେ।
- ଟାଣ ଖରା ହେବାର କାରଣ କହିବେ।
- ଫୁଲ କୁଣ୍ଡର ବ୍ୟବହାର କରିବେ।
- ଭଲ ଅଭ୍ୟାସ ଓ ମନ୍ଦ ଅଭ୍ୟାସ ଚିହ୍ନଟ କରିବେ।


### ଅଭ୍ୟାସ କାର୍ଯ୍ୟ :

- ସୂଚନା ଅନୁସାରେ ଅଭ୍ୟାସ କାର୍ଯ୍ୟଗୁଡ଼ିକୁ କରାଇବେ।
- ସଂଶୋଧନ କାର୍ଯ୍ୟ କରିବେ, ଅଭ୍ୟାସ କାର୍ଯ୍ୟକୁ ବାରମ୍ବାର ଅଭ୍ୟାସ କରାଇବେ।
- ଶ୍ରୁତ ଲିଖନ ନିୟମିତ କରାଇବେ।
- ଶିକ୍ଷଣ ସାମଗ୍ରୀର ବ୍ୟବହାର ସୁନିଶ୍ଚିତ କରିବେ।


ପାଠ-୨୫

# ଝିଲିମିଲି ଆକାଶ

କୁନି ଗୁଣ୍ଡୁଚି ମୂଷାଟିଏ । ଡେଇଁ ଡେଇଁ ମନ ଖୁସିରେ ଖେଳୁଥାଏ । ଗୁଣ୍ଡୁଚି ଦେଖିଲା, ଝିଲିମିଲି ଆକାଶରେ ନାଲି ପେଣ୍ଡୁଟିଏ ଝୁଲୁଛି । ପେଣ୍ଡୁଟିକୁ ଆଣିବା ପାଇଁ ସେ ଗଛରୁ ଗଛକୁ ଡେଇଁଲା । ପାହାଡ଼ ଉପରକୁ ଚଢ଼ିଗଲା । ଠିଆ ହୋଇ ଉପରକୁ ହାତ ବଢ଼ାଇଲା ।




ଧୀରେଧୀରେ ପେଣ୍ଡୁଟି ଧଳାରଙ୍ଗର ହୋଇଗଲା। ଗୁଣ୍ଡୁଚି ସେ ପେଣ୍ଡୁଟି ଧରିବା ପାଇଁ ଦଉଡ଼ିଲା। ଦିନସାରା ପେଣ୍ଡୁ ପଛରେ ଗୋଡ଼ାଇ ଗୋଡ଼ାଇ ଗୁଣ୍ଡୁଚିଟି ହାଲିଆ ହୋଇଗଲା। କିଛି ସମୟ ପରେ ଗୁଣ୍ଡୁଚି ଦେଖିଲା, ପେଣ୍ଡୁଟା ପୁଣି ଗାଢ଼ ନାଲିଆ ରଙ୍ଗ ହୋଇ ପାହାଡ଼ ଫାଙ୍କରେ ଲୁଚିଗଲା। ସଞ୍ଜ ନଇଁଲା। ଗୁଣ୍ଡୁଚିକୁ ଡରଲାଗିଲା। ସେ ମାଆ ପାଖକୁ ଆସି ପେଣ୍ଡୁଟିକୁ ଆଣି ଦେବାକୁ ଅଳିକଲା।





ମାଆ ଗୁଣ୍ଡୁଚି ହସିହସି ଗଡ଼ିଗଲା। ଛୁଆକୁ ଗେଲକଲା। ରାତିରେ ଚିକ୍‌ମିକ୍ କରୁଥିବା ତାରା ଓ ଜହ୍ନକୁ ଦେଖାଇଲା। କୁନିଗୁଣ୍ଡୁଚି ଆଉ ଗୋଟିଏ ସୁନାରଙ୍ଗର ପେଣ୍ଡୁକୁ ଦେଖି ଉତ୍ସାହିତ ହୋଇ ପୁଣି ଧରିବାକୁ ହାତ ବଢ଼ାଇଲା।

ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିଲା। ସୁନାପେଣ୍ଡୁକୁ ଗୁଣ୍ଡୁଚି ଆଉ ଦେଖିପାରିଲା ନାହିଁ। ମାଆ କୋଳରେ ଶୋଇପଡ଼ିଲା।



# ଅଭ୍ୟାସ



**୧. ଆସ କଥା ହେବା ।**

(କ) କୁନି ଗୁଣ୍ଡୁଚି ମୂଷାଟି ପେଣ୍ଟୁ ବୋଲି କାହାକୁ ଭାବୁଥିଲା ?

(ଖ) ଆକାଶରେ ଆଉ କ'ଣ ସବୁ ଦେଖାଯାଏ ?

(ଗ) ତୁମେ ଯଦି ଗୁଣ୍ଡୁଚି ମୂଷାଟିଏ ହୋଇଥାନ୍ତ, ତେବେ ତୁମେ ପେଣ୍ଟୁକୁ ଧରିବା ପାଇଁ କ'ଣ କରିଥାନ୍ତ ?

(ଘ) ରାତିରେ ଆକାଶ କିପରି ଦେଖାଯାଏ କୁହ ?

**୨. ଆସ ଗାଇବା ।**

ଅସ୍ତ ହେଲେ ଦିନମଣି
 ହେଲା ଦିନ ଶେଷ,
ଆସଇ ରଜନୀ ରାଣୀ
 ଧରି କଳା ବେଶ ।

**୩. ଠିକ୍ ବାକ୍ୟ ଶେଷରେ ( ✓ ) ଠିକ୍ ଚିହ୍ନ ଦିଅ ।**

(କ) ସୂର୍ଯ୍ୟଙ୍କ କିରଣ ବହୁତ ପ୍ରଖର । ☐

(ଖ) ଆକାଶର ରଙ୍ଗ ନୀଳ । ☐

(ଗ) ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୁଅନ୍ତି । ☐

(ଘ) ଦିନରେ ତାରା ଦେଖା ଯାଆନ୍ତି । ☐

(ଙ) ପୂର୍ଣ୍ଣମୀରେ ଚନ୍ଦ୍ର ଗୋଲ ଦେଖାଯାଏ । ☐

**୪. ପାଠଟିରେ ଥିବା ଯୋଡ଼ା ଶବ୍ଦ 'ଚିକିମିକି' ପରି ଆଉ ୨ଟି ଯୋଡ଼ା ଶବ୍ଦ ଲେଖ ।**

ଚିକିମିକି, ---------------, ----------------।

**୫. ଅକ୍ଷର ଯୋଡ଼ି ଶବ୍ଦ ଲେଖ ।**

ବ + ସ୍ତ = --------------  ଉ + ସ୍ତା + ହ = --------------

ବା + ସ୍ତ + ଲ୍ୟ = --------------  ସ + ମ୍ବ + ସ୍ତ + ର = --------------

୬. ସାରଣୀରୁ ଅକ୍ଷର ନେଇ ଶବ୍ଦ ଗଢ଼ ଓ ଲେଖ ।

| | | | |
|---|---|---|---|
| କ | ଲ | ମ୍ବ | ସ |
| ବ | ସ୍ର | ର | ନ |
| ମ | ଷ | ଗ | ଖ |

-----------------------------

-----------------------------

-----------------------------

-----------------------------

୭. ଆଲୋଚନା କରି ଲେଖ ।

ଆକାଶରେ ସୂର୍ଯ୍ୟ ଦେଖାଯାଆନ୍ତି । ସେହିପରି ଆକାଶରେ ଆଉ କ'ଣ ସବୁ ଦେଖିବାକୁ ପାଇଥାଅ ଲେଖ ?

୮. ଚିତ୍ର ଦେଖ ଓ ଲେଖ ।



-----------------------------

-----------------------------

-----------------------------

-----------------------------

-----------------------------

୯. ଚିତ୍ର ଅଙ୍କନ କର ଓ ରଙ୍ଗ ଦିଅ ।



## ୧୦. ପାଠଟିକୁ ପଢ଼ି ଉତ୍ତର ଲେଖ ।

(କ) ନାଳି ପେଣ୍ଟୁକୁ ଗୁଣ୍ଡୁଚିମୂଷା କେଉଁଠି ଦେଖିଲା ?

-----------------------------------------------------------

(ଖ) କୁନି ଗୁଣ୍ଡୁଚି ମୂଷା କାହିଁକି ହାଲିଆ ହୋଇଗଲା ?

-----------------------------------------------------------

(ଗ) ପେଣ୍ଟୁଟି କାହିଁକି ଦେଖାଗଲା ନାହିଁ ?

-----------------------------------------------------------


(ଘ) ମାଆ ଗୁଣ୍ଡୁଚି, ଛୁଆକୁ କ'ଣସବୁ ଦେଖାଇଲା ?

-----------------------------------------------------------


(ଙ) ସଞ୍ଜବେଳକୁ କୁନି ଗୁଣ୍ଡୁଚି ମୂଷା କୁଆଡ଼େ ଗଲା ?

-----------------------------------------------------------

## ୧୧. ପ୍ରଥମ ଚିତ୍ରଟିକୁ ଦେଖ ଓ ପଢ଼ । ଆଲୋଚନା କରି ଦ୍ୱିତୀୟ ଚିତ୍ରରେ ଥିବା ଖାଲି ସ୍ଥାନରେ ଗ୍ରହଗୁଡ଼ିକର ନାମ ଲେଖ ।




ଚିତ୍ର-୧



(ଚିତ୍ର-୨)

୧୨. ଭାଇ ଭଉଣୀ ମୋବାଇଲରେ କଥା ହେଉଛନ୍ତି, ପଢ଼ ।





ଆଉ କିଛି
ଦେଖିନ ?



ହାଃ ! ହାଃ ! ହାଃ !
ଗୋଟିଏ ଦୁଇଟି ଉଡ଼ାଜାହାଜ
ଖାଲି ବାଦଲ ଆଉ ବାଦଲ।
ସୂର୍ଯ୍ୟଙ୍କ କିରଣରେ ସେଗୁଡ଼ିକ
ସୁନା ଭଳି ଚକ୍‌ଚକ୍ କରୁଥିଲା।



ଓ୍ୱାଃ ! ମୋତେ ଆକାଶକୁ
ଯିବାକୁ ଇଚ୍ଛା ହେଉଛି
ଭାଇ। ମୁଁ ନିଶ୍ଚୟ ଯିବି।



ଆରେ ବ୍ୟସ୍ତ ହୁଅନା, ତୁ
ମଧ୍ୟ ଦିନେ ଯିବୁ।

୧୩. ବର୍ଷା ଦିନେ ତୁମେ ଆକାଶକୁ ଦେଖି ତୁମ ସାଙ୍ଗ ସହିତ କଥା ହେଉଛ । ଯାହା କଥା ହେଲ ଲେଖ ।

ମୁଁ :

ମୋ ସାଙ୍ଗ :

ମୁଁ :

ମୋ ସାଙ୍ଗ :

ମୁଁ :

ମୋ ସାଙ୍ଗ :

ମୁଁ :

ମୋ ସାଙ୍ଗ :




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

❖ 'ସ୍ମ' ଯୁକ୍ତାକ୍ଷର ଚିହ୍ନିବେ।

❖ ବନାନ ସହିତ ଶବ୍ଦ ପଢ଼ିବେ, ନୂତନ ଶବ୍ଦ ଗଢ଼ିବେ ଓ ଲେଖିବେ।

❖ ଶିଖିଥିବା ଯୁକ୍ତାକ୍ଷରକୁ ନେଇ ବାକ୍ୟ ଲେଖିବେ।

❖ ଶୁଣୁଥିବା, କହୁଥିବା, ପଢୁଥିବା, ଲେଖୁଥିବା ବିଷୟକୁ ଭଲ ଭାବରେ ବୁଝି କହିବେ ଓ ଲେଖିବେ।

❖ ମୋବାଇଲ୍‌ରେ କଥୋପକଥନ ଶୈଳୀ କହିବେ।

**ପରିବେଶ :**

● ଗୁଣ୍ଡୁଚି ମୂଷା ଓ ଆକାଶ ବିଷୟରେ ଧାରଣା ପାଇବେ।

● ମହାକାଶରେ ଥିବା ଗ୍ରହଗୁଡ଼ିକର ନାମ କହିବେ।

● ରାତି ଆକାଶର ରୂପକୁ କହିବେ।

**ଅଭ୍ୟାସ କାର୍ଯ୍ୟ :**

◆ ସୂଚନା ଅନୁସାରେ ଅଭ୍ୟାସ କାର୍ଯ୍ୟଗୁଡ଼ିକ କରିବେ।

◆ ଅଭ୍ୟାସ କାର୍ଯ୍ୟଗୁଡ଼ିକର ସଂଶୋଧନ କରିବେ।

◆ ଶ୍ରୁତଲିଖନ କାର୍ଯ୍ୟ କରାଇବେ।

◆ ଶିକ୍ଷଣ ସାମଗ୍ରୀର ବ୍ୟବହାର କରିବେ।

# ଜହ୍ନର ଲୁଚକାଳି ଖେଳ



ସଞ୍ଜବେଳ ହୋଇଥାଏ। କାହ୍ନା ତା'ସାଙ୍ଗ ଭାସ୍କର ସହିତ ତାଙ୍କ ଘରକୁ ଗଲା। ଦୁହେଁ ମିଶି ସ୍କୁଲରେ ଦିଆଯାଇଥିବା ପାଠ ପଢ଼ିଲେ। କିଛି ସମୟ ପରେ ପଢ଼ା ବନ୍ଦକରି ବାରିପଟକୁ ଗଲେ। ଖୋଲା ଆକାଶକୁ ମନଭରି ଚାହିଁଲେ। ଯାଉଯାଉ ଗୋଟିଏ ବଡ଼କୁଣ୍ଡ ଦେଖିଲେ। ଏହି କୁଣ୍ଡରେ ଭାସ୍କରର ବାପା କିଛି ମାଛ ରଖିଥିଲେ। ହଠାତ୍ ଆଶ୍ଚର୍ଯ୍ୟ ହୋଇ କୁଣ୍ଡକୁ ଦେଖି କାହ୍ନା କହିଲା- ''ଭାସ୍କର ! ଦେଖିଲୁ ଆଜି ଜହ୍ନଟା କେମିତି କୁଣ୍ଡ ଭିତରକୁ ଆସିଯାଇଛି। ରୁଟି ଭଳି ଗୋଲ ଦେଖାଯାଉଛି। ବଡ଼ ମାଛଟା ଜହ୍ନକୁ ଥରକୁଥର ଖାଇବାକୁ ଆସୁଛି, ହେଲେ ଖାଇପାରୁ ନାହିଁ।'' ଭାସ୍କର କହିଲା, ''ଆରେ ସତେତ ! ଚାଲ ଜହ୍ନ ସହିତ ଖେଳିବା।''

କୁଣ୍ଡରେ ଦେଖାଯାଉଥିବା ଜହ୍ନକୁ ଦୁହେଁ ଧରିବାକୁ ଚେଷ୍ଟା କଲେ। ଜହ୍ନ ଧରାଦେଲା ନାହିଁ। ଭାସ୍କର ଚିନ୍ତା କଲା ମାଛକୁ ଯେପରି ଜାଲରେ ଧରାଯାଏ, ଠିକ୍ ସେହିପରି ଜହ୍ନକୁ ଜାଲରେ ଧରିନେବା। ଏହା ଭାବି ଭାସ୍କର ନିଜ ଘରୁ ଏକ ଛୋଟ ଜାଲ ଆଣିଲା। କୁଣ୍ଡ ଭିତରେ ଦୁଇ ସାଙ୍ଗ ଜାଲ ପକାଇଲେ। ଜାଲ ଉଠାଇବାରୁ କେବଳ ମାଛ ଥାଆନ୍ତି କିନ୍ତୁ ଜହ୍ନ ନଥାଏ।



ବାରମ୍ବାର ଜାଲ ପକାଇ ଦୁହେଁ ହାଲିଆ ହୋଇଗଲେ। ଜହ୍ନ ଆଡ଼କୁ ଚାହିଁ କହିଲେ- ''ଏ ଜହ୍ନ ବଡ଼ ଦୁଷ୍ଟ ଅଛି। ଆମକୁ କି ମାଛକୁ ଧରା ଦେଉ ନାହିଁ।'' ଶେଷରେ ମାଛଗୁଡ଼ିକୁ କୁଣ୍ଡରେ ଛାଡ଼ି ଦେଇ ଦୁଇ ସାଙ୍ଗ ନିରାଶ ହୋଇ ଘରକୁ ଫେରିଲେ।

# ଅଭ୍ୟାସ

**୧. ଆସ କଥା ହେବା ।**

(କ) ମାଛଟି ଜହ୍ନକୁ ଖାଇପାରୁନଥିଲା କାହିଁକି ?

(ଖ) ଜାଲକୁ ଆମେ କେଉଁସବୁ କାର୍ଯ୍ୟରେ ବ୍ୟବହାର କରୁ ?


(ଗ) ଆକାଶର ଜହ୍ନକୁ ଦେଖି ତୁମେ କ'ଣ ସବୁ ଭାବିଥାଅ ?

(ଘ) ତୁମେ ଯଦି ପୋଖରୀରେ ଜହ୍ନ ଦେଖିବ, ତେବେ କ'ଣ କରିବ ?

(ଙ) ତୁମେ କେତେବେଳେ ହାଲିଆ ଅନୁଭବ କର ?


**୨. ଚିତ୍ରରେ ରଙ୍ଗ ଦିଅ ।**

ତୁମେ ଜହ୍ନର ବିଭିନ୍ନ ଆକାର ଦେଖିଥିବ । ତଳେ ଦିଆଯାଇଥିବା ସେହି ଆକାରର ଜହ୍ନକୁ ରଙ୍ଗ ଦିଅ ।



**୩. ଶବ୍ଦ ଗଠନ କର ।**

ଯେପରି –




ନମସ୍କାର

__________________

__________________

__________________

__________________

୪. **ପାଠଟିକୁ ପଢ଼ି ଉତ୍ତର ଲେଖ ।**

(କ) କାହ୍ନା ଓ ଭାସ୍କର କୁଆଡ଼େ ବୁଲିବାକୁ ଗଲେ ?

---------------------------------------------------------------

(ଖ) ଜହ୍ନକୁ ଧରିବା ପାଇଁ ଦୁଇ ସାଙ୍ଗ କ'ଣ କଲେ ?

---------------------------------------------------------------

(ଗ) ଘରୁ କିଏ ଜାଲ ଆଣିଲା ?

---------------------------------------------------------------

(ଘ) କୁଣ୍ଡର ଜହ୍ନକୁ ଦୁଇ ସାଙ୍ଗ ଧରିପାରିଲେ ନାହିଁ କାହିଁକି ?

---------------------------------------------------------------

୫. **ଶବ୍ଦକୁ ନେଇ ଅର୍ଥପୂର୍ଣ୍ଣ ବାକ୍ୟ ଲେଖ ।**

ନମସ୍କାର : ----------------------------------------------

ସ୍ଖଳନ : ----------------------------------------------

୬. **'ସ୍କ' ଅକ୍ଷର ଲାଗିଥିବା ଶବ୍ଦ ଶିକ୍ଷକ ପିଲାଙ୍କୁ ଡାକିବେ ।**

| | | | |
|---|---|---|---|
| ଭାସ୍କର | ତସ୍କର | ନମସ୍କାର | ପରିଷ୍କାର |
| ପୁରସ୍କାର | ସ୍ଖଳନ | ତିରସ୍କାର | ସ୍କୁଲ୍ |


୭. **ତଳେ ଦିଆଯାଇଥିବା ଚିତ୍ର ଦେଖି ଗପଟିଏ ଲେଖ ।**



୮.  ତଳେ ଦିଆଯାଇଥିବା ଚିତ୍ରରେ ଚଢ଼େଇଟି କ'ଣ କରୁଛି ଓ କାହିଁକି କରୁଛି ୫ ଧାଡ଼ିରେ ଲେଖ ।



୯.  ଗଛର ଛାଇ, ଦର୍ପଣରେ ଥିବା ତୁମ ପ୍ରତିବିମ୍ବ, ପାଣିରେ ଥିବା ଗଛର ଛାଇ, ବହି, ତୁମ କଣ୍ଢେଇ- ଏଗୁଡ଼ିକ ଭିତରୁ ଯାହାକୁ ଧରିପାରିବ ତାକୁ ଭିତରେ ଲେଖ ।






## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

❖ 'ସ୍କ' ଓ 'ସ୍କ' ଯୁକ୍ତାକ୍ଷର ଚିହ୍ନିବେ।

❖ ବନାନ ସହିତ ଶବ୍ଦ ପଢ଼ିବେ।

❖ ଶିଖିଥିବା ଯୁକ୍ତାକ୍ଷରକୁ ଠିକ୍ ରୂପେ ପଢ଼ିବେ ଓ ଲେଖିବେ।

❖ ଯୁକ୍ତାକ୍ଷର ଯୁକ୍ତ ଶବ୍ଦ ଓ ବାକ୍ୟ ଗଢ଼ିବେ ଓ ବୁଝିବେ।

❖ ସରଳ ପ୍ରଶ୍ନର ଉତ୍ତର କହିବେ ଓ ଲେଖିବେ।

**ପରିବେଶ :**

- ପୋଖରୀ, ଜାଲ, ମାଛ ସଂପର୍କରେ କହିବେ।
- ପ୍ରତିଛବି ଅର୍ଥ କହିବେ।
- ଜହ୍ନ କିପରି ଆକାଶରେ ଛୋଟରୁ ବଡ଼ ହୁଏ, ଜାଣିବେ।
- ରଙ୍ଗ ଦେବା କୌଶଳ ଜାଣି ବ୍ୟବହାର କରିବେ।
- ଛାଇ, ବହି, କଣ୍ଢେଇ ଓ ଦର୍ପଣର ଆବଶ୍ୟକତା ବୁଝି ବ୍ୟବହାର କରିବେ।

**ଅଭ୍ୟାସ କାର୍ଯ୍ୟ :**

◆ ସୂଚନା ଅନୁସାରେ କାର୍ଯ୍ୟ କରିବେ।

◆ ଅଭ୍ୟାସ କାର୍ଯ୍ୟର ସଂଶୋଧନ କରିବେ।

◆ ଶିକ୍ଷଣ ସାମଗ୍ରୀର ବହୁଳ ବ୍ୟବହାର କରିବେ।

◆ ଆବଶ୍ୟକ ହେଲେ ଅଧିକ ଅଭ୍ୟାସ କାର୍ଯ୍ୟ ଦେବେ।

◆ ଶ୍ରୁତଲିଖନ କାର୍ଯ୍ୟ କରାଇବେ।

ପାଠ-୨୭

# କହିଲ ଦେଖି ମୁଁ କିଏ ?

କଣ୍ଠଟି ମୋହର ଭାରି ମଧୁର
ଗାଏ ନାନା ଗୀତ କରି ମୁଁ ସ୍ୱର
କଳା ମୋର ଦେହ କାଉ ମୁଁ ନୁହେଁ
କହିକି ପାରିବ ନାମଟି କିଏ ?







ସଫା କରେ ମୁଁ ଘର ଦୁଆର
ଖଜୁରୀ ପତରେ ଗଢ଼ା ଶରୀର
ମା' ଭଉଣୀଙ୍କ ଅତି ନିଜର
ଘର କୋଣରେ ମୁଁ ରହେ
କହିଲ ଦେଖି ମୁଁ କିଏ ?



ଫୁଲ ଫଳ ଦେଇ ବରଷା କରାଇ
ବାଟୋଇକି ଦିଏ ଛାଇ
ଘର ତିଆରି ଓ ରୋଷେଇ କାମରେ
ଲୋଡ଼ା ହୋଇଥାଏ ମୁହିଁ
କୁହ ତ ମୋ ନାମ କେହି !


କାଗଜରେ ଗଢ଼ା ଦେହଟି ମୋର
ରଙ୍ଗବେରଙ୍ଗରେ ଅତି ସୁନ୍ଦର
ନାନା ଗପ ଗୀତ ମୋ ଦେହେ ଥାଏ
ବସ୍ତାନୀ ଭିତରେ ମୁହିଁ ତ ରହେ
କହିଲ ଦେଖି ମୁଁ କିଏ ?




ନଦୀରେ ନାଳରେ କୂଅରେ ଥାଏ
ଶୋଷ ଲାଗିଲେ ମୁଁ ଡକରା ପାଏ
ସଭିଁଙ୍କର ଅଟେ ଜୀବନ ମୁହିଁ
କହିଲ ଦେଖି ମୋ ନାମଟି କେହି

ଚାରି ଗୋଡ଼ିଆ ମୁଁ ଗୃହ ପାଳିତ
ଦିଏ କ୍ଷୀର ଛେନା ଗୋବର ଖତ
ସଭିଁଙ୍କର ଅଟେ ମାଆଟି ମୁହିଁ
କହିକି ପାରିବ ନାମଟି କେହି ।





# ଅଭ୍ୟାସ



## ୧. ଆସ କଥା ହେବା ।

(କ) କିଏ ''କୁହୂକୁହୂ ରାବେ ?

(ଖ) ମୋର ଦାନ୍ତ ଓ କାନ ବଡ଼ବଡ଼ । ମୁଁ ଜଙ୍ଗଲରେ ରହେ । ମୋର ରଙ୍ଗ କଳା । ମୁଁ କିଏ ?

(ଗ) ବହି ଆମର କେଉଁ ସବୁ ଉପକାର କରିଥାଏ ?

(ଘ) ଗୃହପାଳିତ ପଶୁମାନଙ୍କର ନାମ କୁହ ?

(ଙ) ଆଉ କେଉଁ ପକ୍ଷୀର ରଙ୍ଗ କଳା ?

## ୨. ଆସ ପଢ଼ିବା ।

| | | | |
|---|---|---|---|
| ଶସ୍ତା | ଶବ୍ଦ | ପୁଚ୍ଛ | ନିଶ୍ଚୟ |
| ହିନସ୍ତା | ଅବ୍ଦ | ଗୁଚ୍ଛ | ପଶ୍ଚାତ୍ |
| ବସ୍ତା | ଶକ୍ତି | କଚ୍ଛପ | ପଶ୍ଚିମ |
| | ଯୁକ୍ତି | | |

## ୩. ଆସ ଆଲୋଚନା କରି ଉତ୍ତର ଲେଖିବା ।

(କ) ହାତୀ ଯଦି ତାଳପତ୍ର ଧାନ ଖାଇବାକୁ ମନା କରିବ ତେବେ ତୁମେ କ'ଣ କରିବ ଲେଖ ।

________________________________________

(ଖ) ଗୋଟିଏ ଧନ୍ଦା ତିଆରି କର, ଯାହାର ଉତ୍ତର ବାଘ ହେବ ?

________________________________________

(ଗ) ଉପରୁ ପଡ଼ିଲା ଟେକା ଟିଏ
ତା' ମୁଣ୍ଡରେ ଟୋପି ଟିଏ । (ଏହାର ନାମଟି ଲେଖ ?)

________________________________________

(ଘ) ମାମୁ ଘରେ ଗୋଠେ ଗାଈ
ରାତି ପାହିଲେ ମୋଟେ ନାହିଁ – ଏହାର ନାମଟି ଲେଖ ?

________________________________________

## ୪. ଚିତ୍ରରେ ରଙ୍ଗ ଦିଅ ।





## ୫. ତୁମେ ଜାଣିଛ କି ?

ଏପରି ମଧ୍ୟ ଲେଖାଯାଏ ।

ଶବଦ – ଶବ୍ଦ

ଶକତି – ଶକ୍ତି

ଠିକ୍ ସେମିତି ଆଉ ତିନୋଟି ଶବ୍ଦ ଲେଖ ।

-------------------------------------------------------

-------------------------------------------------------

-------------------------------------------------------

## ୬. ତୁମ ପାଇଁ କାମ ।

ବାପା, ମାଆ, ଜେଜେବାପା, ଜେଜେ ମାଆ, ଅଜା ଆଈଙ୍କୁ ପଚାରି ବିଷୟରେ ଦିଆଯାଇଥିବା ପହେଳି ଭଳି କୌତୁକିଆ ପ୍ରଶ୍ନ ଲେଖି ଗୁରୁଜୀ / ଗୁରୁମାଙ୍କୁ ଦେଖାଅ ।




## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

### କ'ଣ ଶିଖିବେ ?



**ଭାଷା :**

- ଧନ୍ଦା ବୁଝି ଉତ୍ତର କହିବେ ।
- କଳ୍ପନା ଶକ୍ତିର ବିକାଶ ହେବ ।
- ନିଜେ ପହେଳି ପ୍ରସ୍ତୁତ କରିବେ ।
- ଭାବ ଆଦାନ ପ୍ରଦାନ ଦକ୍ଷତା ଅଭିବୃଦ୍ଧି ହେବ ।

**ପରିବେଶ :**

- ଶିକ୍ଷକ ନିଜ ମନରୁ ଧନ୍ଦା ତିଆରି / ସଂଗ୍ରହ କରି ପଚାରିବେ ।
- ବିଭିନ୍ନ ପଶୁପକ୍ଷୀଙ୍କ ପହେଳି ଶୁଣି ସେମାନଙ୍କର ନାମ କହିବେ ।
- ପିଲାମାନଙ୍କୁ ଧନ୍ଦା ସଂଗ୍ରହ କାମ କରିବାକୁ ଦେବେ ।

**ଅଭ୍ୟାସ କାର୍ଯ୍ୟ :**

- ପିଲାମାନଙ୍କୁ ବ୍ୟକ୍ତିଗତ ଭାବେ ସୂଚନା ଅନୁସାରେ ଅଭ୍ୟାସ କରିବାକୁ ଶିକ୍ଷକ କହିବେ ଓ ଆଲୋଚନା କରିବେ ।
- ପିଲାଙ୍କ ଅନୁମାନ ଦକ୍ଷତା ବୃଦ୍ଧି କରାଇବେ ।
- ପିଲାଙ୍କୁ ଧନ୍ଦା ଲେଖିବାକୁ ଉତ୍ସାହିତ କରିବେ ।
- ବିଭିନ୍ନ ଚିତ୍ର ଅଙ୍କନ କରିବାକୁ ଦେଇ ରଙ୍ଗ କରିବେ ।

# ସ୍ୱାସ୍ଥ୍ୟ ଓ ଶାରୀରିକ ଶିକ୍ଷା ସମ୍ପର୍କରେ ବାର୍ତ୍ତା

- ସୁସ୍ଥ ଶରୀରରେ ସୁସ୍ଥମନ,
  ବଢ଼ିବ ଏକାଗ୍ରତା ଜାଣ ।
- ସ୍ୱାସ୍ଥ୍ୟ ହିଁ ସମ୍ପଦ ନ ଆସେ ବିପଦ
  ଖେଳୁ ଥାଏ ଯିଏ ଖେଳ,
  ସାହସ ଶୃଙ୍ଖଳା ଦଳୀୟ ଭାବନା
  ବଢ଼େ ମାନସିକ ବଳ ।
- ଖେଳ ମାଧ୍ୟମରେ ପଢ଼ିଲେ ପାଠ,
  ଜୀବନ ସଂଗ୍ରାମେ ଫିଟିବ ବାଟ ।
- ସରସ ସୁନ୍ଦର ରହିବ ମନ,
  କ୍ରୀଡ଼ା ଜଗତରେ ଥିଲେ ହେଁ ଧ୍ୟାନ ।
- ନିତିଦିନ କ୍ରୀଡ଼ା ଅଭ୍ୟାସ କର,
  ଜୀବନ ହୋଇବ ଚିର ସୁନ୍ଦର ।
- ବ୍ୟାୟାମ ଦ୍ୱାରା ଶିଶୁଟି ଶରୀରକୁ ସୁସ୍ଥ ଓ
  ସୁଠାମ ରଖିପାରିଥାଏ ।

# ଭିନ୍ନକ୍ଷମ ପିଲାଙ୍କ ପାଇଁ ବାର୍ତ୍ତା

ଆସ ସାଙ୍ଗ ହୋଇ ପାଠ ପଢ଼ିବା,
ଆମେ ପୂରା ସକ୍ଷମ ତାହା ଜାଣିବା ।


ବ୍ରେଲ ବହି ପଢ଼ା ଅତି ସହଜ,
ବିଦ୍ୟାଳୟ ତାହା ଦେଖାଏ ବାଟ ।

## ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କ ପାଇଁ

ଭିନ୍ନକ୍ଷମ ଛାତ୍ରାଛାତ୍ରୀଙ୍କୁ ସାଧାରଣ ବିଦ୍ୟାଳୟ ପରିବେଶରେ ସାମିଲ କରାଇ ସେମାନଙ୍କ ଦକ୍ଷତାର ବିକାଶ ସାଧନ ନିମନ୍ତେ ସର୍ବଶିକ୍ଷା ଅଭିଯାନ ତରଫରୁ ସହାୟକ ଉପକରଣ, ବ୍ରେଲ ବହି, ସହାୟକ ଭତ୍ତା, ଭିନ୍ନକ୍ଷମ ପ୍ରମାଣପତ୍ର, ଡାକ୍ତରୀ ପରୀକ୍ଷା, ଅସ୍ତ୍ରୋପଚାର ସୁବିଧା, ଫିଜିଓ ଥେରାପି, ବାଣୀ ବିକାଶ ତାଲିମ (Speech therapy) ଶିକ୍ଷକ ତାଲିମ୍, ସୃଜନଶୀଳତାର ବିକାଶ ନିମନ୍ତେ କାର୍ଯ୍ୟକ୍ରମ, ଅଭିଭାବକଙ୍କ ତାଲିମ୍ ଏବଂ କ୍ରୀଡ଼ା ପ୍ରତିଯୋଗିତା ଇତ୍ୟାଦିର ବ୍ୟବସ୍ଥା କରାଯାଇଛି ।

## ସ୍କୁଲ ଷ୍ଟୁଡେଣ୍ଟ ହେଲ୍ପଲାଇନ

ସରକାରୀ କାର୍ଯ୍ୟ ଦିବସରେ ବିଦ୍ୟାଳୟ ସମ୍ପର୍କିତ ସମସ୍ୟା ଯଥା: ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ ବଣ୍ଟନରେ ଅନିୟମିତତା, ଶ୍ରେଣୀଗୃହ ଅଭାବ, ଶିକ୍ଷକ ଅଭାବ, ପିଇବା ପାଣିର ଅସୁବିଧା, ଶିକ୍ଷାଦାନ ସମ୍ବନ୍ଧୀୟ ସମସ୍ୟା, ବିଦ୍ୟାଳୟ ସମୟରେ ଛାତ୍ରଛାତ୍ରୀମାନଙ୍କ ଆକସ୍ମିକ ଦୁର୍ଘଟଣା ଇତ୍ୟାଦି ଅଭିଯୋଗ ସକାଳ ୮ ଘଟିକାରୁ ସନ୍ଧ୍ୟା ୮ ଘଟିକା ମଧ୍ୟରେ ଦେୟମୁକ୍ତ ନମ୍ବର ୧୮୦୦୩୪୫୬୭୨୨ରେ ଜଣାଇବାର ବ୍ୟବସ୍ଥା କରାଯାଇଛି । ଏହା ବ୍ୟତୀତ ଚାଇଲ୍ଡ୍ ଲାଇନ୍ ୧୦୯୮ (ଦେୟମୁକ୍ତ)କୁ ଫୋନ କଲେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁଙ୍କୁ ତୁରନ୍ତ ମାଗଣାରେ ଉପଯୁକ୍ତ ସେବା ଯୋଗାଇ ଦେବାର ବ୍ୟବସ୍ଥା ଅଛି ।



ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ
ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର

ମୁଦ୍ରଣ : ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱର-୧